وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
# ବଦର
Weekly
BADAR
କାଦିଆନ
Qadian
Odia

**ଅଲ୍ଲାଃତାଲାଙ୍କ ବାଣୀ**

## ତୁମମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ସୃଷ୍ଟି ହେବା ଉଚିତ୍ ଯିଏ ଉତ୍ତମ କଥା ପ୍ରତି ଶିକ୍ଷା ପ୍ରଦାନ କରୁଥିବ ।

وَلۡتَکُنۡ مِّنۡکُمۡ اُمَّۃٌ یَّدۡعُوۡنَ اِلَی الۡخَیۡرِ وَیَاۡمُرُوۡنَ بِالۡمَعۡرُوۡفِ وَیَنۡہَوۡنَ عَنِ الۡمُنۡکَرِ ؕ وَاُولٰٓئِکَ ہُمُ الۡمُفۡلِحُوۡنَ ﴿۱۰۵﴾

**ଅନୁବାଦ:** ଏବଂ ତୁମମାନଙ୍କ ମଧ୍ୟରେ ଏପରି ଏକ ଦଳ ରହିବା ଉଚିତ୍ ଯେ କି ଲୋକମାନଙ୍କୁ କେବଳ ପୁଣ୍ୟ କର୍ମ କରିବା ଆଡ଼କୁ ଡାକିବେ ଏବଂ ପୁଣ୍ୟ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା ଦେବେ ଓ ପାପ କାର୍ଯ୍ୟ କରିବାକୁ ବାରଣ କରିବେ । ଏହି ଲୋକମାନେ ହିଁ କୃତକାର୍ଯ୍ୟ ହେବେ । **(ଆଲେ ଇମ୍ରାନ୍: 105)**

**ସମ୍ପାଦକ:** କମ୍ରୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 37-38** | 26-3 ରବିଉଲ୍ ଅୱଲ୍-ରବିଉସ୍ ସାନି, 1448 ହି.କ, 10-17 ତବୁକ୍ 1405 ହି.ଶ, 10-17 Sep 2026



**ଆଁହ୍, ସ.ଅଙ୍କ ବାଣୀ**

## "ଯେଉଁ ବ୍ୟକ୍ତି ସତ୍‌ମାର୍ଗ ଆଡ଼କୁ ଡାକେ ତାକୁ ସେହି ମାର୍ଗାନୁସରଣକାରୀ ଲୋକଙ୍କ ପରି ପୁଣ୍ୟ ମିଳିବ ।"

حُذَیۡفَۃَ بۡنِ الۡیَمَانِ، عَنِ النَّبِیِّ صَلَّی اللّٰہُ عَلَیۡہِ وَسَلَّمَ قَالَ: وَالَّذِیۡ نَفۡسِیۡ بِیَدِہٖ لَتَاۡمُرُنَّ بِالۡمَعۡرُوۡفِ، وَلَتَنۡہَوُنَّ عَنِ الۡمُنۡکَرِ، اَوۡ لَیُوۡشِکَنَّ اللّٰہُ اَنۡ یَّبۡعَثَ عَلَیۡکُمۡ عِقَابًا مِّنۡہُ، ثُمَّ تَدۡعُوۡنَہٗ فَلَا یُسۡتَجَابُ لَکُمۡ۔ **(ତିର୍ମିଜି କିତାବୁଲ୍ ଫିତନ୍, ବାବ୍- ଇଲ୍ଲା ବିଲ୍ ମାରୁଫି ୱନ୍ ନହା ଅନିଲ୍ ମୁନକରି ହଦିସ୍ ନଂ-2169)**

ହଜରତ୍ ହୁଜୈଫା ବିନ୍ ୟମାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ, "ସେହି ସତ୍ତାଙ୍କ ଶପଥ କରି କହୁଛି ଯାହାଙ୍କ ହାତରେ ମୋର ପ୍ରାଣ ରହିଛି, "ତୁମେମାନେ ଭଲ କାମର ଆଦେଶ ଦିଅ ନତୁବା ଖରାପ କାମରୁ ନିବୃତ୍ତ ରୁହ । ଅନ୍ୟଥା ଖୁବ୍ ଶୀଘ୍ର ଅଲ୍ଲାଃତାଲା ତୁମମାନଙ୍କୁ ଏକ କଠୋର ଶାସ୍ତି ଦ୍ୱାରା ସମ୍ମୁଖୀନ କରାଇବେ। ତା'ପରେ ତୁମେମାନେ ଯେତେ ପ୍ରାର୍ଥନା (ଦୁଆ) କଲେ ମଧ୍ୟ ତାହା ସ୍ୱୀକୃତ ହେବ ନାହିଁ ।"

عَنۡ اَبِیۡ ہُرَیۡرَۃَ، اَنَّ رَسُوۡلَ اللّٰہِ صَلَّی اللّٰہُ عَلَیۡہِ وَسَلَّمَ، قَالَ مَنۡ دَعَا اِلٰی ہُدًی کَانَ لَہٗ مِنَ الۡاَجۡرِ مِثۡلُ اُجُوۡرِ مَنۡ تَبِعَہٗ، لَا یَنۡقُصُ ذٰلِکَ مِنۡ اُجُوۡرِہِمۡ شَیۡئًا، وَمَنۡ دَعَا اِلٰی ضَلَالَۃٍ کَانَ عَلَیۡہِ مِنَ الۡاِثۡمِ مِثۡلُ اٰثَامِ مَنۡ تَبِعَہٗ، لَا یَنۡقُصُ ذٰلِکَ مِنۡ اٰثَامِہِمۡ شَیۡئًا۔ **(ସହି ମୁସ୍‌ଲିମ୍ କିତାବୁଲ୍ ଇଲ୍‌ମି, ହଦିସ୍ ନଂ-6804)**

ହଜରତ୍ ଅବୁ ହୁରୈରାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କୁହନ୍ତି, "ଯେଉଁ ବ୍ୟକ୍ତି ସତ୍‌ମାର୍ଗ (ହିଦାୟତ୍) ଆଡ଼କୁ ଡାକେ, ତାକୁ ସେହି ସତ୍‌ମାର୍ଗ ଅନୁସରଣ କରୁଥିବା ଲୋକଙ୍କ ପରି ସମାନ ପୁଣ୍ୟ ମିଳିବ ଏବଂ ଏହା ଦ୍ୱାରା ସେମାନଙ୍କ ପୁଣ୍ୟରୁ ତିଳେ ମାତ୍ର ହ୍ରାସ ହେବ ନାହିଁ । ସେହିପରି ଯେଉଁ ବ୍ୟକ୍ତି ଅସତ୍‌ମାର୍ଗ ଆଡ଼କୁ ଡାକେ, ତା' ଉପରେ ସେହି ଅସତ୍‌ମାର୍ଗ ଅନୁସରଣ କରୁଥିବା ଲୋକଙ୍କ ତୁଲ୍ୟ ପାପ ହେବ । ତେଣୁ ଉକ୍ତ କଥା ମନେ ରଖିବା ଉଚିତ୍ ଯେ, ସେହି ଲୋକମାନଙ୍କ ପାପରୁ କିଛି ବି ହ୍ରାସ କରାଯିବ ନାହିଁ।"



## ହ. ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

## ଜଲ୍‌ସା ସାଲାନାରେ କେବଳ ଅଲ୍ଲାଃତାଲାଙ୍କ ଆଧ୍ୟାତ୍ମିକ କଥା ଶୁଣିବା ସକାଶେ ଓ ପ୍ରାର୍ଥନାରେ ସାମିଲ ହେବା ପାଇଁ ଆସିବା ଉଚିତ୍ ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଏହି ଜଲ୍‌ସା ଏପରି ନୁହେଁ ଯେ ଦୁନିଆର ମେଳାଗୁଡ଼ିକ ପରି ଅକାରଣରେ ଏହାର ଆୟୋଜନ ବାଧ୍ୟତାମୂଳକ ଅଟେ । ବରଂ ଏହାର ଆୟୋଜନ ଅନ୍ତର୍ନିହିତ ଶୁଦ୍ଧତା ଏବଂ ଶୁଭ ଫଳାଫଳ ଉପରେ ନିର୍ଭର କରେ । **(ମଜ୍‌ମୁଆ ଇଶ୍‌ତେହାରାତ୍, ଭାଗ-1, ପୃଷ୍ଠା-440)**

ଆପଣ ଅ.ସ ଅତିରିକ୍ତ କୁହନ୍ତି: "ଯଥାସମ୍ଭବ ସମସ୍ତ ବନ୍ଧୁମାଙ୍କୁ କେବଳ ଅଲ୍ଲାତାଲାଙ୍କ ସକାଶେ ଆଧ୍ୟାତ୍ମିକ କଥା ଶୁଣିବା ପାଇଁ ଏବଂ ଦୁଆରେ ସାମିଲ ହେବା ପାଇଁ ଏହି ଧାର୍ଯ୍ୟ ତାରିଖରେ ଆସିଯିବା ଉଚିତ୍ । ଏହି ଜଲ୍‌ସାରେ ଏପରି ସତ୍ୟତା ଓ ଅଧ୍ୟାତ୍ମ ପ୍ରସଙ୍ଗ ଶୁଣାଇବାର ବ୍ୟବସ୍ଥା ରହିବ ଯାହା ବିଶ୍ୱାସ ଏବଂ ଆଧ୍ୟାତ୍ମିକ ଜ୍ଞାନକୁ ବୃଦ୍ଧି କରିବା ପାଇଁ ନିତାନ୍ତ ଆବଶ୍ୟକ । ସେହି ବନ୍ଧୁମାନଙ୍କ ପାଇଁ ବିଶେଷ ଦୁଆ ଏବଂ ବିଶେଷ ଧ୍ୟାନ ଦିଆଯିବ ଓ ଯଥାସମ୍ଭବ ଅଶେଷ ଦୟାବାନ୍ ଅଲ୍ଲାଃଙ୍କ ଦରବାରରେ ଏପରି ଚେଷ୍ଟା କରାଯିବ ଯେପରିକି ଈଶ୍ୱର ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରନ୍ତୁ, ନିଜ ପାଇଁ ସ୍ୱୀକାର କରନ୍ତୁ ଏବଂ ସେମାନଙ୍କ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରନ୍ତୁ ।" ହୁଜୁର୍ ଅ.ସ କହିଲେ, "ସେହିପରି ଏହି ଜଲ୍‌ସାଗୁଡ଼ିକରେ ଏକ ସାମୟିକ ଲାଭ ମଧ୍ୟ ହେବ ଯେ, ପ୍ରତ୍ୟେକ ନୂତନ ବର୍ଷରେ ଯେତେ ନୂତନ (ନବ ଦୀକ୍ଷିତ) ଅହମଦି ଭାଇମାନେ ଏହି ଜମାଅତ୍‌ରେ ସାମିଲ ହେବେ ସେମାନେ ନିର୍ଦ୍ଧାରିତ ତାରିଖରେ ଉପସ୍ଥିତ ହୋଇ ନିଜର ପୂର୍ବ ଭାଇମାନଙ୍କ ସହିତ୍ ସାକ୍ଷାତ୍ କରିପାରିବେ ଏବଂ ଏହି ପରିଚୟ ଦ୍ୱାରା ପରସ୍ପର ମଧ୍ୟରେ ସ୍ନେହ ଓ ଆତ୍ମୀୟତା ତଥା ପରିଚୟର ସମ୍ପର୍କ ବୃଦ୍ଧି ପାଇବ । ଏହି ଆଧ୍ୟାତ୍ମିକ ଜଲ୍‌ସାରେ ଆହୁରି ଅନେକ ଆଧ୍ୟାତ୍ମିକ ଲାଭ ଓ ଉପକାରିତା ମଧ୍ୟ ସୃଷ୍ଟି ହେବ ଯାହା **ଇନ୍‌ଶାଆଲ୍ଲାଃ** (ଈଶ୍ୱର ଚାହିଁଲେ) ସମୟକ୍ରମେ ପ୍ରକାଶ ପାଇବ ।" **(ଆସ୍‌ମାନୀ ଫୈସଲା, ଇସ୍ତେହାର 30 ଡିସେମ୍ବର1891 ମସିହା, ରୁହାନୀ ଖଜାଏନ୍, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-351-352)**

ଆପଣ ଅ.ସ ଅତିରିକ୍ତ କୁହନ୍ତି: "ଏହି ଜଲ୍‌ସା  ସାଂସାରିକ ଖେଳ ତାମଶା ମଧ୍ୟରୁ କୌଣସି ଅନ୍ୟତମ ତାମଶା ନୁହେଁ । ବରଂ ଏହା ଏକ ଆଧ୍ୟାତ୍ମିକ ଜଲ୍‌ସା ଅଟେ ।
**(ମଜ୍‌ମୁଆ ଇସ୍ତେହାରାତ୍, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-443)**




**ତଫ୍‌ସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍‌ଲେହ୍ ମଉଦ୍ ର.ଅ)**

## ଅଲ୍ଲାଃତାଲାଙ୍କ ନିଦର୍ଶନ ମଧ୍ୟରୁ ଜଲସା ସାଲାନା ଅନ୍ୟତମ ନିଦର୍ଶନ ଅଟେ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଯେପରିକି ମୁଁ ପୂର୍ବେ ମଧ୍ୟ ଅନେକ ଥର ବର୍ଣ୍ଣନା କରି ସାରିଛି ଯେ, ଏହି ଜଲ୍‌ସା ଅଲ୍ଲାଃତାଲାଙ୍କ ନିଦର୍ଶନ ମଧ୍ୟରୁ ଅନ୍ୟତମ ନିଦର୍ଶନ ଅଟେ । କାଦିୟାନ୍ ଏପରି ଏକ ସ୍ଥାନ ଥିଲା ଯେଉଁଠି ଦିନେ କେହି ବି ଆସିବାକୁ ଚାହୁଁ ନଥିଲା । ଅନେକ ଲୋକମାନେ ଏପରି ଥିଲେ ଯେଉଁମାନେ କାଦିୟାନ୍ ଏବଂ ହଜରତ୍ ମସିହ ମଉଦ ଅ.ସଙ୍କ ନାମ ଶୁଣି ବହୁ ଦୂର ଦୂରାନ୍ତରୁ କାଦିୟାନ୍ ପହଞ୍ଚିବାର ଇଚ୍ଛା ନେଇ ବାହାରୁଥିଲେ । ମାତ୍ର ବଟାଲା କିମ୍ବା ଅମୃତସର ଠାରେ ପହଞ୍ଚି ଫେରି ଯାଉଥିଲେ । କାରଣ ସେମାନଙ୍କୁ କୁହାଯାଉଥିଲା ଯେ କାଦିୟାନ୍‌ରେ ବହୁତ ବଡ଼ ଦଜ୍ଜାଲୀୟ (ପ୍ରତାରକ ତଥା ପ୍ରେବଞ୍ଚକ) ଫିତ୍‌ନା (ଉପଦ୍ରବୀ ବ୍ୟକ୍ତି) ରହିଛି । ଆମ ଜମାଅତ୍‌ଅରେ ଆଜି ମଧ୍ୟ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଆବଶୋଷ କରୁଛନ୍ତି ଯେ ସେମାନେ ହଜରତ୍ ମସିହ ମଉଦ୍ ଅ.ସଙ୍କ ସମୟରେ କାଦିୟାନ୍ କାହିଁକି ଆସିଲେ ନାହିଁ । ସେମାନେ ବଟାଲା କିମ୍ବା ଅମୃତସରରୁ କେବଳ ଏହି କାରଣରୁ ଫେରିଗଲେ ଯେ, ଶତ୍ରୁମାନେ ସେମାନଙ୍କୁ କିଛି ଏପରି କଥା କହିଥିଲେ ଯାହା ଶୁଣି ସେମାନେ କାଦିୟାନ୍ ଆସିବା ପସନ୍ଦ କଲେ ନାହିଁ । ଯଦି ସେମାନେ ସେହି ସମୟରେ ପହଞ୍ଚି ଯାଇଥାନ୍ତେ ତେବେ ସହାବିମାନଙ୍କ ମଧ୍ୟରେ ସାମିଲ୍ (ଅନ୍ତର୍ଭୁକ୍ତ) ହୋଇ ଯାଇଥାଆନ୍ତେ । ପରବର୍ତ୍ତୀ ସମୟରେ ଅଲ୍ଲାଃତାଲା ସେମାନଙ୍କ ଆନ୍ତରୀକତା ଅର୍ଥାତ୍ ଇଖ୍‌ଲାସକୁ ଦେଖି ଅହମଦିୟତ୍‌ରେ ତ' ସାମିଲ କରିଦେଲେ । କିନ୍ତୁ ସେମାନେ ସାହାବିୟତ୍ (ସହାବୀ ହେବାର ସୌଭାଗ୍ୟ)ରୁ ବଞ୍ଚିତ ରହିଲେ...ତେଣୁ ଏହା ମଧ୍ୟ ଏକ ନିଦର୍ଶନ ଯାହା ଜଲ୍‌ସା ଦିନମାନଙ୍କରେ ଦେଖାଯାଏ ଯେ ଲୋକମାନେ ଏତେ ବିପୁଳ ସଂଖ୍ୟାରେ ଏଠାରେ ଏକତ୍ରିତ ହୁଅନ୍ତି ଯାହାର କେବେ କଳ୍ପନା ସୁଦ୍ଧା କରାଯାଇ ପାରିନଥିଲା । ପୁନଶ୍ଚ ଏହି ନିଦର୍ଶନ ମଧ୍ୟ ପ୍ରକାଶ ପାଏ ଯେ ଯେଉଁ ଅବଶିଷ୍ଟାଂଶ... ପୃ-8 ରେ

**ଅହମଦିୟା ଖବର**

**ଅଲ୍‌ହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍[ଅ.ବ] ସକୁଶଳେ ଅଛନ୍ତି ।**

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍[ଅ.ବ]ଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ ।  ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍[ଅ.ବ]ଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

**ସମ୍ପାଦକୀୟ**

# ଜଲସା ସାଲାନା କାଦିୟାନର ପ୍ରସ୍ତୁତି ସମୟ ଆରମ୍ଭ ହୋଇସାରିଛି

لَا اِلٰهَ اِلَّا اللّٰهُ مُحَمَّدٌ رَّسُوْلُ اللّٰهِ

ଯେପରିକି ପାଠକବୃନ୍ଦମାନେ ଜାଣନ୍ତି ଯେ, ଚଳିତ ବର୍ଷ ସୟେଦିନା ହ. ଅକଦସ୍ ଅମୀରୁଲ୍ ମୁମିନୀନ୍ ଅ.ବଙ୍କ ସ୍ୱୀକୃତି କ୍ରମେ କାଦିୟାନ୍ ଦାରୁଲ୍ ଅମାନ ଠାରେ 131ତମ ଜଲସା ସାଲାନା ତା-ଡିସେମ୍ବର୍ ମାସ 25, 26, 27ରିଖ 2026 ମସିହାରେ ଆୟୋଜିତ ହେବାକୁ ଯାଉଛି । ଏହି ଜଲସା ଆୟୋଜନ ପାଇଁ କେବଳ ପାଞ୍ଚ ମାସ ସମୟ ଆଉ ବାକି ରହିଛି । ତେଣୁ ଏହି ଦୃଷ୍ଟିରୁ ବର୍ତ୍ତମାନ ସମୟ ଆସିଯାଇଛି ଯେ, ଜଲସାରେ ଯୋଗଦାନ ଦେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଦିଆଯାଉ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ 1891 ମସିହାରେ ଯେତେବେଳେ ଏହି ଜଲସାର ମୂଳଦୁଆ ରଖିଥିଲେ ସେତେବେଳେ ଏହି ଜଲସାକୁ ବୈଅତ୍ (ଦୀକ୍ଷା)ର ମୂଳ ଉଦ୍ଦେଶ୍ୟଗୁଡ଼ିକର ପରିପୂରଣର ମାଧ୍ୟମ ରୂପେ ଘୋଷଣା କରିଥିଲେ । ଆପଣ ଅ.ସ କହିଲେ: **(1) ବୈଅତର ଉଦ୍ଦେଶ୍ୟ ପୂରଣ ପାଇଁ ଜଲସାର ସ୍ଥାପନା ହୋଇଥିଲା।** ବୈଅତ୍ କରି ଏହି ସିଲ୍‌ସିଲା(ଜମାଅତ୍)ରେ ସାମିଲ୍ ହୋଇଥିବା ସମସ୍ତ ନିଷ୍ଠାବାନ୍ ବନ୍ଧୁମାନଙ୍କୁ ଏହି ଆଜ୍ଞାକାରୀ ବିନୀତ ପ୍ରକାଶ କରି ଦେଉଅଛି ଯେ, ବୈଅତ୍ କରିବାର ଉଦ୍ଦେଶ୍ୟ ଏହିକି ଯେ, ସାଂସାରିକ ମୋହମାୟା ଶିଥିଳ ହୋଇଯାଉ ଏବଂ ଆମ୍ଭର ସୃଷ୍ଟିକର୍ତ୍ତା ପ୍ରଭୁ ଓ ରସୁଲ୍ କରୀମ୍‌ଙ୍କୁ ଭଲପାଇବା ହୃଦୟରେ ସ୍ଥାନ ପାଉ । ଏପରି ଏକ ଆଧ୍ୟାତ୍ମିକ ଅବସ୍ଥା ସୃଷ୍ଟି ହେଉ ଯେଉଁଥିରେ ପରଲୋକର ଯାତ୍ରା ଅପ୍ରିୟ ପ୍ରତୀୟମାନ ନ ହେଉ । କିନ୍ତୁ ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ସାନ୍ନିଧ ପ୍ରାପ୍ତକାରୀଙ୍କ ଗହଣରେ ରହିବା ଏବଂ ନିଜ ଜୀବନର କିଛି ଅଂଶ ଏହି ମାର୍ଗରେ ବ୍ୟୟ କରିବା ମଧ୍ୟ ଆବଶ୍ୟକ ଅଟେ । ଫଳତଃ ଯଦି ଅଲ୍ଲାଃ ଚାହାନ୍ତି ତେବେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ଦର୍ଶନ ଦ୍ୱାରା ଦୁର୍ବଳତା, ଅଳସୁଆମି ଦୂର ହେବ ଏବଂ ପୂର୍ଣ୍ଣ ବିଶ୍ୱାସ ସହ ପ୍ରେମ ଓ ଭକ୍ତିର ଉତ୍ସାହ ସୃଷ୍ଟି ହେବ । ତେଣୁ ଏହି କଥା ପାଇଁ ସଦାସର୍ବଦା ଚିନ୍ତା କରିବା ଉଚିତ୍ ଏବଂ ପ୍ରାର୍ଥନା ମଧ୍ୟ କରିବା ଉଚିତ୍ ଯେ, ଅଲ୍ଲାଃତାଲା ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଯେପର୍ଯ୍ୟନ୍ତ ଏହି ସାମର୍ଥ୍ୟ ପ୍ରାପ୍ତ ନ ହୋଇଛି ସେପର୍ଯ୍ୟନ୍ତ ସମୟକ୍ରମେ (ବେଳେବେଳେ) ନିଶ୍ଚିତ ଭାବେ ପରସ୍ପରକୁ ସାକ୍ଷାତ୍ କରିବା ଉଚିତ୍ । କାରଣ ସିଲ୍‌ସିଲାରେ ସାମିଲ ହୋଇ ପୁଣି ସାକ୍ଷାତର ପ୍ରତି ଭ୍ରୁକ୍ଷେପ ନ କରିବା ଦ୍ୱାରା ଏପରି ବୈଅତ୍‌କୁ ସମ୍ପୂର୍ଣ୍ଣ ରୂପେ ଆଶୀର୍ବାଦହୀନ ତଥା କଲ୍ୟାଣହୀନ ଏବଂ କେବଳ ଏକ ପରମ୍ପରା ଭାବେ ପରିଣତ କରିଦେବ । ଯେହେତୁ ମାନବିକ ସ୍ୱଭାବର ଦୁର୍ବଳତା, ଆର୍ଥିକ ଅକ୍ଷମତା କିମ୍ବା ଦୂରତା ହେତୁ ସମସ୍ତଙ୍କ ପାଇଁ ସାନ୍ନିଧରେ ଆସି ରହିବା କିମ୍ବା ବର୍ଷରେ କେତେଥର କଷ୍ଟ ସହି ସାକ୍ଷାତ୍ କରିବା ସମ୍ଭବ ହୋଇ ନପାରେ । କାରଣ ଅଧିକାଂଶ ବ୍ୟକ୍ତିଙ୍କ ହୃଦୟରେ ଏପର୍ଯ୍ୟନ୍ତ ଏପରି ଉତ୍ସାହ ଓ ଆଗ୍ରହ ସୃଷ୍ଟି ନାହିଁ ଯେ, ସେମାନେ ସାକ୍ଷାତ୍ ପାଇଁ ବଡ଼ ବଡ଼ କଷ୍ଟ ସହିପାରିବେ । ତେଣୁ ଏହା ଉଚିତ୍ ବୋଲି ମନେହୁଏ ଯେ, ବର୍ଷରେ ତିନି ଦିନ ଏପରି ଜଲସା ନିର୍ଦ୍ଧାରିତ କରାଯାଉ ଯେଉଁଥିରେ ସମସ୍ତ ନିଷ୍ଠାବାନ୍ ବ୍ୟକ୍ତିମାନେ **ଇନଶାଅଲ୍ଲାଃ**(ଯଦି ଅଲ୍ଲାଃ ଚାହାନ୍ତି) ସ୍ୱାସ୍ଥ୍ୟ, ସମୟ ଏବଂ କୌଣସି ଗୁରୁତର ପ୍ରତିବନ୍ଧକ ନ ଥିବା ସର୍ତ୍ତରେ ନିର୍ଦ୍ଧାରିତ ତାରିଖରେ ଅବଶ୍ୟ ଉପସ୍ଥିତ ହୋଇପାରିବେ ।

**(2) ଜଲ୍‌ସାର ଦ୍ୱିତୀୟ ଅଭିପ୍ରାୟ ହେଲା, ଆଧ୍ୟାତ୍ମିକ କଥା ଶୁଣିବା ଏବଂ ସମୟର ଇମାମ୍‌ଙ୍କ ଦୁଆ:** ପୁନଶ୍ଚ ଜଲ୍‌ସାର ଅଭିପ୍ରାୟ ସଂପର୍କରେ ଉଲ୍ଲେଖ କରି ଆପଣ ଅ.ସ କୁହନ୍ତି: ଯଥାସମ୍ଭବ ସମସ୍ତ ବନ୍ଧୁମାନଙ୍କୁ କେବଳ ଅଲ୍ଲାଃତାଲାଙ୍କ ସକାଶେ ଆଧ୍ୟାତ୍ମିକ (ଈଶ୍ୱରରଙ୍କ କଥା) କଥା ଶୁଣିବା ପାଇଁ ଏବଂ ଦୁଆରେ ସାମିଲ ହେବା ପାଇଁ ଉକ୍ତ ଧାର୍ଯ୍ୟ ତାରିଖରେ ଆସିଯିବା ଉଚିତ୍ । ଉକ୍ତ ଜଲସାରେ ଏପରି ସତ୍ୟ ଓ ଜ୍ଞାନ ଶୁଣାଇବାର ବ୍ୟବସ୍ଥା ହେବ ଯାହା ଇମାନ୍ ଅର୍ଥାତ୍ ବିଶ୍ୱାସ ଏବଂ ଆଧ୍ୟାତ୍ମିକ ଜ୍ଞାନକୁ ଅଭିବୃଦ୍ଧି କରିବା ପାଇଁ ଆବଶ୍ୟକ ହେବ । ତତ୍‌ସହିତ ସେହି ବନ୍ଧୁମାନଙ୍କ ପାଇଁ ବିଶେଷ ପ୍ରାର୍ଥନା, ବିଶେଷ ଧ୍ୟାନ ଦିଆଯିବ ଏବଂ ଯଥାସମ୍ଭବ ପରମ ଅଶେଷ ଦୟାବାନ୍ ଅଲ୍ଲାଃଙ୍କ ଦରବାରରେ ଏପରି ଚେଷ୍ଟା କରାଯିବ ଯେପରିକି ଈଶ୍ୱର ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବେ। ଈଶ୍ୱର ନିଜ ପାଇଁ ସେମାନଙ୍କୁ ସ୍ୱୀକାର କରନ୍ତୁ ଏବଂ ସେମାନଙ୍କ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ସୃଷ୍ଟି କରନ୍ତୁ ।

**(3) ନୂତନ ଭାଇମାନଙ୍କ ସହ ସାକ୍ଷାତ୍:** ସେହିପରି ହୁଜୁରୁ ଅ.ସ କହିଲେ: ଏହି ଜଲସାଗୁଡ଼ିକର ଏକ ସାମୟିକ ଲାଭ ଏହା ମଧ୍ୟ ହେବ ଯେ, ପ୍ରତ୍ୟେକ ନୂତନ ବର୍ଷରେ ଯେତେ ନୂତନ ଭାଇମାନେ ଏହି ଜମାଅତ୍‌ରେ ସାମିଲ ହେବେ ସେମାନେ ନିର୍ଦ୍ଧାରିତ ତାରିଖରେ ଉପସ୍ଥିତ ହୋଇ ନିଜର ପୂର୍ବ ଭାଇମାନଙ୍କୁ ଦେଖିପାରିବେ (ସାକ୍ଷାତ୍ କରିପାରିବେ) ଏବଂ ପରିଚିତ ହୋଇ ପରସ୍ପର ମଧ୍ୟରେ ସ୍ନେହ ଓ ଆତ୍ମୀୟତାର ସମ୍ପର୍କ ବୃଦ୍ଧି ପାଇବ ।

**(4) ମୃତ୍ୟୁବରଣ କରିଥିବା ଭାଇମାନଙ୍କ ପାଇଁ ଦୁଆ (ପ୍ରାର୍ଥନା):** ଯେଉଁ ଭାଇମାନେ ଇତି ମଧ୍ୟରେ ଏହି କ୍ଷଣସ୍ଥାୟୀ ଓ କ୍ଷଣଭଙ୍ଗୁର ସଂସାରରୁ ବିଦାୟ ନେବ ତେବେ ଏହି ଜଲସାରେ ସେମାନଙ୍କ ପାଇଁ କ୍ଷମା (ମଗ୍‌ଫିରତ୍)ର ପ୍ରାର୍ଥନା କରାଯିବ । ଜଲ୍‌ସାର ମହାନତା ଓ ଗୁରୁତ୍ୱ: ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଏହି ଜଲସାର ଯେଉଁ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି, ତନ୍ମଧ୍ୟରୁ ଏଥିରେ ସାମିଲ ହେବାର ଗୁରୁତ୍ୱ ମଧ୍ୟ ବେଶ୍ ବୃଦ୍ଧି ପାଇଥାଏ । ସୁତରାଂ ଆପଣ ଅ.ସ କୁହନ୍ତି: "ଏହି ଜଲସାକୁ କୌଣସି ସାଧାରଣ ସଭା ସମିତି ଏବେ ମେଳା ପରି ଭାବନ୍ତୁ ନାହିଁ । ଏହା ସେହି ପ୍ରସଙ୍ଗ ଅଟେ ଯାହାର ଭିତ୍ତି ସତ୍ୟାତ୍ମକ୍ ନିଷ୍ଠାପର ସମର୍ଥନ ଏବଂ ଇସଲାମର ବିଜୟ ଉପରେ ସ୍ଥାପିତ ହୋଇଛି । ଏହାର ମୂଳଦୁଆ ସ୍ୱୟଂ ଅଲ୍ଲାଃତାଲା ନିଜ ହାତରେ ରଖିଛନ୍ତି ଏବଂ ଏଥିପାଇଁ ସମ୍ପ୍ରଦାୟଗୁଡ଼ିକୁ ପ୍ରସ୍ତୁତ ମଧ୍ୟ କରିଛନ୍ତି । କାରଣ ସେହି ଲୋକମାନେ ଶୀଘ୍ର ଆସି ଏଥିରେ ସାମିଲ ହେବେ । କାରଣ ଏହା ସେହି ସର୍ବଶକ୍ତିମାନଙ୍କର କାର୍ଯ୍ୟ ଯାହାଙ୍କ ଆଗରେ କୌଣସି କଥା ଅସମ୍ଭବ ନୁହେଁ । **(ଇଶ୍‌ତେହାର 7 ଡିସେମ୍ବର 1891 ମସିହା)**

ଇତ୍ୟବସରରେ ଉକ୍ତ (ଏହି) କଥା ମନେ ରଖିବା ଉଚିତ୍ ଯେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଈଶ୍ୱରଙ୍କ ଆଦେଶକ୍ରମେ ଏହି ଜଲ୍‌ସାର ଶୁଭାରମ୍ଭ ସେହି ବର୍ଷ କରିଥିଲେ ଯେଉଁ ବର୍ଷ ଆପଣ ପ୍ରତିଶୃତ ମସିହ୍ (ମଉଦ୍) ହେବାର ଦାବି କରିଥିଲେ ଏବଂ ଦେଶର ସାରା ଅଞ୍ଚଳରେ ପ୍ରବଳ ବିରୋଧର ଝଡ଼ ପ୍ରବାହିତ ହେଉଥିଲା । ଭାରତର ବିଭିନ୍ନ ଧର୍ମୀୟ ଗୋଷ୍ଠୀର ବଡ଼ ବଡ଼ ମୌଲବୀମାନେ ଆପଣଙ୍କ ଉପରେ କୁଫ୍ର (ବିଧର୍ମୀ)ର ଫତୱା (ଧର୍ମାଦେଶ) ଲଗାଉଥିଲେ ଏବଂ ଇସ୍‌ଲାମ୍‌ରୁ ବହିଷ୍କାର କରିବାର ଫତ୍‌ୱା ଦେଉଥିଲେ। ଏପରି ପରିସ୍ଥିତିରେ ଯେତେବେଳେ ଆପଣ ଏପରି ଏକ ଦାବି କରି ସାରିଥିଲେ ଯାହା ମୁସଲମାନମାନଙ୍କର ପ୍ରଚଳିତ ବିଶ୍ୱାସର ସମ୍ପୂର୍ଣ୍ଣ ବିପରୀତ ଥିଲା । ବାହାରକୁ ଏହା ହିଁ ପ୍ରତୀୟମାନ ହେଉଥିଲା ଯେ, ଲୋକମାନେ କାଦିୟାନରେ ଏକତ୍ରିତ ହେବେ ନାହିଁ । ପ୍ରବଳ ବିରୋଧ ଓ ପ୍ରତିବନ୍ଧକ ସତ୍ତ୍ୱେ 1891 ମସିହାର ଜଲ୍‌ସାରେ (ଯାହା କାଦିୟାନ୍‌ର ମସଜିଦେ ଆକସା ଠାରେ ଆୟୋଜିତ ହୋଇଥିଲା) ପଞ୍ଚସ୍ତୁରୀ (75) ଜଣ ବ୍ୟକ୍ତି ସାମିଲ୍ ହୋଇଥିଲେ । ଉକ୍ତ ଜଲ୍‌ସାରେ ଯୋଗ ଦେଇଥିବା ଭାଗ୍ୟବାନ୍ ସହାବିମାନଙ୍କ ନାମ ସୂଚୀ ଆପଣ ଅ.ସ ନିଜର ପବିତ୍ର ରଚନା "ଆସମାନୀ ଫୈସଲା"ରେ ଲିପିବଦ୍ଧ କରିଛନ୍ତି । ପୁନଶ୍ଚ ପ୍ରବଳ ବିରୋଧ, ନିର୍ଯାତନା ଏବଂ ମସ୍‌ଜିଦଗୁଡ଼ିକରୁ ଠେଲି ବାହାର କରିଦିଆଯିବା ସତ୍ତ୍ୱେ 1892 ମସିହାର ଜଲ୍‌ସା ସାଲାନାରେ ଯୋଗଦେଇଥିବା ଲୋକଙ୍କ ସଂଖ୍ୟା ପାଞ୍ଚ ଶହ (500) ଥିଲା ଯହିଁରୁ କାଦିୟାନ୍ ବାହାରୁ ଦୂର ଦୂରାନ୍ତରୁ ଆସିଥିବା ଅତିଥିମାନଙ୍କ ସଂଖ୍ୟା ତିନି ଶହ ପଚିଶ ଥିଲା । ଆପଣ ଅ.ସ ଏହି ସୂଚୀ ନିଜର ରଚନା "ଆଇନା କମାଲାତେ ଇସଲାମ୍" ରେ ଲିପିବଦ୍ଧ କରିଛନ୍ତି । ଏଥିରୁ ଜଣାପଡ଼େ ଯେ ବିରୋଧର ଝଡ଼ ମଧ୍ୟ ଦେଇ ଗତି କରୁଥିବା ଏହି ନୌକା କେତେ ସଫଳତାର ସହ ଆଗେଇ ଚାଲିଥିଲା। ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ 1908 ମସିହାରେ ହୋଇଥିବା ଓଫାତ୍ (ଦେହାନ୍ତ) ପୂର୍ବରୁ ଆପଣ ଅ.ସଙ୍କ ପବିତ୍ର ଜୀବନର ଶେଷ ଜଲସା ସାଲାନାରେ ଯୋଗ ଦେଇଥିବା ଲୋକମାନଙ୍କ ସଂଖ୍ୟା ପ୍ରାୟ ଦୁଇ ହଜାର ଥିଲା । ଏଥିରୁ ଜଣାପଡ଼େ ଯେ ବର୍ଷକୁ ବର୍ଷ କିପରି ଅଲ୍ଲାଃତାଆଲା ଏହି ସଂପ୍ରଦାୟକୁ ପ୍ରଗତି ପ୍ରଦାନ କରିଥିଲେ। 1908 ମସିହାରେ ଖିଲାଫତେ ଅହମଦିୟାର ପ୍ରଥମ ଜଲସା ସାଲାନା ଥିଲା । ଯେଉଁଥିରେ ଉପସ୍ଥିତି ତିନି ହଜାର ଥିଲା । ବିରୋଧୀମାନେ ଫତୱା ଲଗାଇ ହ. ମସିହ୍ ମଉଦ୍ ଅ.ସଙ୍କ ଦେହାନ୍ତ ହେତୁ ଭାବୁଥିଲେ ଯେ, ଏହି ସିଲ୍‌ସିଲା (ସଂପ୍ରଦାୟ) ନଷ୍ଟ ହୋଇଯିବ । ମାତ୍ର ଅଲ୍ଲାଃତାଲା ଗୋଟିଏ ବର୍ଷ ମଧ୍ୟରେ ହିଁ ଏହି ଆଧ୍ୟାତ୍ମିକ ତଥା ଐଶ୍ୱରିକ ଜଲସାର ଉପସ୍ଥିତି ଅପ୍ରତ୍ୟାଶିତ ଭାବରେ ଏକ ହଜାର ବୃଦ୍ଧି କରିଦେଲେ । ଦ୍ୱିତୀୟ ଖିଲାଫତ୍ ସମୟର ପ୍ରଥମ ବର୍ଷ 1914 ମସିହାର ଜଲସାର ଉପସ୍ଥିତି ଛଅ ହଜାର ଥିଲା ଏବଂ ଦ୍ୱିତୀୟ ଖିଲାଫତର ଶେଷ ଜଲସା (ଯାହା ଡିସେମ୍ବର ମାସ 1964 ମସିହାରେ ରବୱା ଠାରେ ଅନୁଷ୍ଠିତ ହୋଇଥିଲା)ରେ ଉପସ୍ଥିତି ଏକ ଲକ୍ଷରୁ ଉର୍ଦ୍ଧ୍ୱ ଥିଲା।

**(ଅଲ୍ ଫଜଲ୍, 24 ଡିସେମ୍ବର1965)**

ଦ୍ୱିତୀୟ ଖିଲାଫତର ଜଲସାଗୁଡ଼ିକରେ ଅହମ୍ମଦିୟତର ପତାକା ଉଡ଼ିବାକୁ ଲାଗିଲା ଏବଂ କାଦିୟାନ୍ ଓ ଭାରତରୁ ବାହାରି ଏହି ଜଲସାର ଉପସ୍ଥିତି ବିଶ୍ୱର ଅନେକ ଦେଶକୁ ବ୍ୟାପିବାକୁ ଲାଗିଲା । ସେହିପରି ତୃତୀୟ ଖିଲାଫତର ଶେଷ ଜଲସା, ଯାହା ଡିସେମ୍ବର 1981 ମସିହାରେ ରବୱା ଠାରେ ଅନୁଷ୍ଠିତ ହୋଇଥିଲା। ଅଲ୍ଲାଃତାଲାଙ୍କ କୃପାରୁ ଉକ୍ତ ଜଲସାରେ ଉପସ୍ଥିତି ଦୁଇ ଲକ୍ଷ ଥିଲା । ଜଲସାର ଅତିଥିମାନଙ୍କ ପାଇଁ ଆଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଗଲା । ରୁଟି ତିଆରି ମେସିନ୍ ସ୍ଥାପନ କରାଗଲା ଯାହା ସ୍ୱୟଂ ଅହମଦି ଇଞ୍ଜିନିୟରମାନେ ନିଜସ୍ୱ ଜ୍ଞାନ କୌଶଳରେ ପ୍ରସ୍ତୁତ କରିଥିଲେ । ତୃତୀୟ ଖିଲାଫତ୍ ପରେ ଚତୁର୍ଥ ଖିଲାଫତରେ ଗୋଟିଏ ପଟେ ବ୍ରିଟେନ୍‌ରେ କେନ୍ଦ୍ରୀୟ ଜଲସା ସାଲାନା ଆୟୋଜିତ ହେଉଥିବା ବେଳେ ଅନ୍ୟପଟେ ଏହି ଜଲସାର ଶାଖାଗୁଡ଼ିକ ବିଶ୍ୱର ବହୁ ଦେଶରେ ବିକଶିତ ହେବାକୁ ଲାଗିଲା ଯେଉଁଠାରେ ବିଶାଳ ଜମି କ୍ରୟ କରାଯାଇ ଜଲସାଗାହମାନ ନିର୍ମାଣ କରାଗଲା । ସେହିପରି ଆଜି ଆପଣମାନେ ଦେଖିପାରିବେ ଯେ, କାଦିୟାନ୍ ଓ ରବୱା ବ୍ୟତୀତ ବ୍ରିଟେନ୍, ଆମେରିକା, କାନାଡ଼ା ଏବଂ ଆଫ୍ରିକା ଓ ଦ୍ୱୀପପୁଞ୍ଜର ଅନେକ ଦେଶରେ ସମସ୍ତ ସୁବିଧା ସହିତ ଏପରି ବିଶାଳ କେନ୍ଦ୍ର ସ୍ଥାପିତ ହୋଇଛି ଯେଉଁଠାରେ ହଜାର ହଜାର ଅତିଥିଙ୍କ ସହିତ ଭବ୍ୟତାର ସହିତ ଜଲସା ସାଲାନା ଆୟୋଜିତ ହେଉଛି । ନିଶ୍ଚିତ ଭାବେ ଜଲସା ସାଲାନା ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ସତ୍ୟତାର ଏକ ବହୁତ ବଡ଼ ଓ ଜ୍ୱଳନ୍ତ ନିଦର୍ଶନ ଅଟେ । **ଅଲହମ୍‌ଦୁଲିଲ୍ଲାଃ** ଆମେ ଭାରତର ଅହମଦିମାନେ ଭାଗ୍ୟବାନ୍ ଅଟୁ ଯେ, ଆମମାନଙ୍କୁ ପ୍ରତିବର୍ଷ ଏହି ପବିତ୍ର ଦାରୁଲ୍ ଅମାନର ଜଲସାରେ ସାମିଲ ହେବାର ସୌଭାଗ୍ୟ ମିଳୁଛି । ଯେଉଁଠାରେ ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସ ଏବଂ ଆପଣ ଅ.ସଙ୍କ ସହାବାମାନେ ସାମିଲ ହୋଇଥିଲେ ଏବଂ ଯେଉଁଠାରେ ପବିତ୍ର ଖଲିଫାମାନେ ଜଲସାଗୁଡ଼ିକରେ ସାମିଲ ହେଉଥିଲେ । ଏଠାରେ ସେହି ପବିତ୍ର ସ୍ଥାନଗୁଡ଼ିକ ମଧ୍ୟ ରହିଛି ଯେଉଁଠାରେ ଈଶ୍ୱରଙ୍କ ପ୍ରତିଶୃତ ମସିହ୍ ଦିନରାତି ପ୍ରାର୍ଥନା (ଦୁଆ) କରିଥିଲେ । ତେଣୁ ଏହା ଆବଶ୍ୟକ ଯେ, ଆମେମାନେ ଏହି ସୌଭାଗ୍ୟ ପାଇଁ ଗର୍ବ କରିବା ସହିତ ନିଜର

ଅବଶିଷ୍ଟାଂଶ... ପୃ-୪ ରେ



## (ଖୁତ୍‌ବା ଜୁମା)

**ଜଲ୍‌ସା ସାଲାନାରେ ଆଗତ ସମ୍ମାନିତ ଅତିଥିବୃନ୍ଦଙ୍କ ପ୍ରତିକ୍ରିୟା ଏବଂ ମନ୍ତବ୍ୟ ଓ ସେବା କରୁଥିବା କର୍ମୀମାନଙ୍କ ନିମନ୍ତେ କୃତଜ୍ଞତାମୂଳକ ପରିପ୍ରକାଶ ।**

**ଖୁତ୍‌ବା ଜୁମା 31 JULY 2026 ମସିହା ଅନୁଯାୟୀ ୩୧ୱଫା୧୪୦୫ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ. أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ. بِسْمِ اللّٰهِ الرَّحْمٰنِ الرَّحِيْمِ. اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ. اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ରବିବାର ଦିନ ଜମାଅତ୍ ଅହମଦିୟା ବ୍ରିଟେନ୍‌ର ତିନି ଦିନିଆ ଜଲ୍‌ସା ସାଲାନା (ବାର୍ଷିକ ସମ୍ମିଳନୀ) ଅଲ୍ଲାଃତାଲାଙ୍କ କୃପା ଓ ଆଶୀର୍ବାଦକୁ ସାଉଁଟି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜଲ୍‌ସାର ପ୍ରସ୍ତୁତି ପାଇଁ ମାସ ମାସ ସମୟ ଲାଗିଥାଏ। କେବଳ ସେତିକି ନୁହେଁ ବରଂ ପ୍ରତିବର୍ଷ ଜଲ୍‌ସା ଶେଷ ହେବା ମାତ୍ରେ ହିଁ (ପରବର୍ତ୍ତୀ ବର୍ଷ ପାଇଁ) ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥାଏ । ଏହାର ତତ୍ପରତା ଓ ଚଳଚଞ୍ଚଳତା ଜଲ୍‌ସାର କିଛି ସପ୍ତାହ ପୂର୍ବରୁ ହିଁ ଆରମ୍ଭ ହୋଇଯାଇଥାଏ । କିନ୍ତୁ ଜଲସାର ଗୋଟିଏ ଦୁଇଟି ସପ୍ତାହ ପୂର୍ବରୁ ଏହା ଆଶାତୀତ ଭାବେ ବୃଦ୍ଧି ପାଇଥାଏ । ଜଲ୍‌ସା ଦିନମାନଙ୍କରେ ହଜାର ହଜାର ସ୍ୱେଚ୍ଛାସେବୀ କାର୍ମୀମାନେ ଝିଅ, ମହିଳା, ଶିଶୁ, ପୁରୁଷ, ବୃଦ୍ଧ, ଯୁବକ (ଆବାଳା ବୃଦ୍ଧି ବନୀତା) ନିଜର ସକତଳ ସାମର୍ଥ୍ୟ ଓ ଆନ୍ତରୀକତା ସହିତ ପ୍ରତି ମୁହୂର୍ତ୍ତରେ ସେବା କରିଥଆନ୍ତି । ଯେଉଁମାନେ କେବଳ ଅମହଦି ଅତିଥିମାନଙ୍କୁ ସୁବିଧା ଯୋଗାଇ ନଥାନ୍ତି ବରଂ ଜଲ୍‌ସାକୁ ଆସିଥିବା ବିଶ୍ୱର ବିଭିନ୍ନ ଦେଶର ଅଣଅମହଦି ଓ ଅଣମୁସଲିମ୍ ଅତିଥିମାନଙ୍କ ଆବଶ୍ୟକତା ପୂରଣ କରିବା ସହିତ ଇସ୍‌ଲାମ ଧର୍ମର ପ୍ରକୃତ ସ୍ୱରୂପ ଉପସ୍ଥାପନ କରି ଏକ ନୀରବ ପ୍ରଚାର (ତବ୍‌ଲିଗ୍) ମଧ୍ୟ କରିଥାଆନ୍ତି । ତେଣୁ ଏହି ଦୃଷ୍ଟିରୁ ଜଲ୍‌ସାର ଯେକୌଣସି ବିଭାଗରେ କାର୍ଯ୍ୟ କରୁଥିବା ସମସ୍ତ କର୍ମୀମାନେ ଧନ୍ୟବାଦର (କୃତଜ୍ଞତାର) ପାତ୍ର ଅଟନ୍ତି । ଅଲ୍ଲାଃତାଲା ସେମାନଙ୍କୁ ସେମାନଙ୍କ ସେବାର ସର୍ବୋତ୍ତମ ପ୍ରତିଫଳ (ପୁରସ୍କାର) ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି, ଜଲ୍‌ସାରେ ପ୍ରତ୍ୟକ୍ଷ ଭାବେ ସେବା ପ୍ରଦାନ କରୁଥିବା ସ୍ୱେଚ୍ଛା ସେବୀ କର୍ମୀମାନଙ୍କ ବ୍ୟତୀତ MTAର ସ୍ୱେଚ୍ଛା ସେବୀ କର୍ମୀମାନମାନେ ମଧ୍ୟ ଅଛନ୍ତି । ଯହିଁରେ (ଯେଉଁଥିରେ) ଅନେକ ସ୍ୱେଚ୍ଛାସେବୀମାନେ ସାମିଲ୍ ଅଛନ୍ତି । ସେମାନେ ମଧ୍ୟ ଧନ୍ୟବାଦର ପାତ୍ର ଅଟନ୍ତି । କାରଣ ସେମାନେ ଜଲ୍‌ସାର କାର୍ଯ୍ୟକ୍ରମଗୁଡ଼ିକୁ ବିଶ୍ୱର ପ୍ରତ୍ୟେକ କୋଣରେ ପହଞ୍ଚାଇବା ପାଇଁ ଅତ୍ୟନ୍ତ ଉତ୍ତମ ଉପାୟରେ ସମ୍ପୂର୍ଣ୍ଣ ଚେଷ୍ଟା କରିଛନ୍ତି । ଏହା ମଧ୍ୟ ଧର୍ମପ୍ରଚାରର ଏକ ବଡ଼ ମାଧ୍ୟମ ଅଟେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି, ପ୍ରେସ୍ ଆଣ୍ଡ୍ ମିଡ଼ିୟା ମଧ୍ୟ ସମ୍ବାଦ ପହଞ୍ଚାଇବାରେ ନିଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ (ନିର୍ବାହ) କରିଛି । ଯହିଁରେ କେନ୍ଦ୍ରୀୟ ପ୍ରେସ୍ ବିଭାଗ ଏବଂ UKର ପ୍ରେସ୍ ବିଭାଗମାନେ ସାମିଲ୍ ଅଛନ୍ତି ଏବଂ କୋଟି କୋଟି ଲୋକଙ୍କ ନିକଟରେ ବାର୍ତ୍ତା ପହଞ୍ଚିଛି । ଏଥିରେ ମହିଳା ଓ ପୁରୁଷମାନେ ସମସ୍ତେ ସାମିଲ ଅଛନ୍ତି । ସେହିପରି ପ୍ରତିବର୍ଷ ଭଳି ଏଠାରେ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ସାହାଯ୍ୟ କରିବା ପାଇଁ ଚଳିତ ବର୍ଷ ମଧ୍ୟ ଖୁଦ୍ଦାମୁଲ୍ ଅମହଦିୟା କାନାଡ଼ାର ଅନେକ ସ୍ୱେଚ୍ଛାସେବୀମାନେ ଆସିଛନ୍ତି । ଏମାନେ ଜଲସା ପରର ସମାପନ ଓ ସଂଗ୍ରହ କାର୍ଯ୍ୟ (ୱାଇଣ୍ଡ୍ ଅପ୍) କରନ୍ତି। ଏବେ ଅଷ୍ଟ୍ରେଲିୟାର ସ୍ୱେଚ୍ଛାସେବୀମାନେ ମଧ୍ୟ ଆସିବା ଆରମ୍ଭ କରିଛନ୍ତି । ଏମାନେ ଅତ୍ୟନ୍ତ ସୁନ୍ଦର ଭାବେ କାର୍ଯ୍ୟ କରୁଛନ୍ତି ଏବଂ ଏମାନେ ସମସ୍ତେ ମଧ୍ୟ ଧନ୍ୟବାଦର ପାତ୍ର ଅଟନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । ସେ ଯାହାହେଉ ସ୍ୱେଚ୍ଛାସେବୀ କର୍ମୀମାନମାନଙ୍କର ଯେଉଁ ପ୍ରଭାବ ଅନ୍ୟମାନଙ୍କ ଉପରେ ପଡ଼ିଥାଏ ସେଥିରୁ ଜମାଅତ୍ ଏବଂ ଇସ୍‌ଲାମ୍ ଧର୍ମର ପ୍ରକୃତ ଚିତ୍ର ସେମାନଙ୍କ ସମ୍ମୁଖକୁ ଆସିଥାଏ । ଫଳତଃ ସେମାନେ ଅତ୍ୟନ୍ତ ଗଭୀର ଭାବରେ ପ୍ରଭାବିତ ମଧ୍ୟ ହୁଅନ୍ତି । ସେମାନେ ଅସଂଖ୍ୟ ମତାମତ ଲେଖି ପଠାନ୍ତି ଏବଂ ଧନ୍ୟବାଦ ମଧ୍ୟ ଜଣାନ୍ତି (କୃତଜ୍ଞତା ଜ୍ଞାପନ ମଧ୍ୟ କରିଥାଆନ୍ତି) । ଏପରି କିଛି ମତାମତ ମୁଁ ବର୍ତ୍ତମାନ ଉପସ୍ଥାପନ କରିବି । ଯେଉଁ କେତେକ ମତାମତ ମୁଁ ସଂଗ୍ରହ କରିଛି ସେଗୁଡ଼ିକ ହୁଏତ ସମ୍ପୂର୍ଣ୍ଣ ଉପସ୍ଥାପନ ନ ହୋଇପାରେ । କିନ୍ତୁ କିଛି ମତାମାତ ମୁଁ ନିଶ୍ଚିତ ଭାବେ ଉପସ୍ଥାପନ କରିବି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି, ମୁଁ ନିଜେ ମଧ୍ୟ ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନମାନଙ୍କୁ ଧନ୍ୟବାଦ ଜଣାଉଛି ଯେଉଁମାନେ ନିଃସ୍ୱାର୍ଥପର ଭାବେ ସେବା କରିଛନ୍ତି। ମାତ୍ର ଏହାସହ ସେମାନେ ଏହା ମଧ୍ୟ ମନେ ରଖିବା ଉଚିତ୍ ଯେ, ସେମାନେ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ କୃତଜ୍ଞ ହେବା ଆବଶ୍ୟକ । କାରଣ ଅଲ୍ଲାଃତାଲା ଏହି ସମସ୍ତ ସ୍ୱେଚ୍ଛାସେବୀ କର୍ମୀମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିମାନଙ୍କ ସେବା କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରିଛନ୍ତି । ଲୋକମାନଙ୍କର କୃତଜ୍ଞତା ପରିପ୍ରକାଶରୁ ହିଁ ଆପଣମାନଙ୍କୁ ଆହୁରି ବିନୀତ ଓ ବିନମ୍ର ହେବା ଉଚିତ୍ । ଅଲ୍ଲାଃତାଲାଙ୍କ ସମ୍ମୁଖରେ ଆହୁରି ଅବନତକାରୀ ହେବା ଉଚିତ୍ ଏବଂ ତାହାଙ୍କ ପ୍ରତି କୃତଜ୍ଞ ହେବା ଉଚିତ୍ । ଅଲ୍ଲାଃତାଲା ଆପଣମାନଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରି ମୁଁ କହିଥିଲି ଯେ, ମୁଁ ଅତିଥିମାନଙ୍କର ମତାମତ ଉପସ୍ଥାପନ କରିବି। ତେବେ ବର୍ତ୍ତମାନ ମୋ ସମ୍ମୁଖରେ ପ୍ରଥମ ପ୍ରତିକ୍ରିୟା ଗ୍ୟାମ୍ବିୟାର ସୂଚନା, ପ୍ରଯୁକ୍ତି ଓ ଡିଜିଟାଲ୍ ଅର୍ଥନୀତି ମନ୍ତ୍ରୀ ଲାମିନ୍ ଜାବି (Lamin Jabi) ସାହେବଙ୍କର ଅଟେ। ସେ କୁହନ୍ତି ଯେ, ଜଲ୍‌ସା ସାଲାନା ଦେଖି ମୁଁ ଏକ ଗଭୀର ସତ୍ୟତା ଉପରେ ସ୍ତବ୍ଧ ଏବଂ ଉପନୀତ ହୋଇଗଲି । ଏହା ଏକ ମହାନ୍ ଆନ୍ତର୍ଜାତିକ ସମ୍ମିଳନୀ ଅଟେ ଯାହାକି ନିଃସ୍ୱାର୍ଥପର ସେବା ଏବଂ ନୀରବ ତଥା ଦୃଢ଼ ତ୍ୟାଗର ଭିତ୍ତିଭୂମି ଉପରେ ସ୍ଥାପିତ ଅଟେ। ଏହା ଜାଣି ହୃଦୟ ଗଭୀର ଭାବେ ପ୍ରଭାବିତ ହୁଏ ଯେ, ଏତେ ବ୍ୟାପକ ସ୍ତରର ଏହି ସମ୍ମିଳନୀ କାଦିୟାନ୍ ଠାରେ କେବଳ ୭୫ ଜଣ ବ୍ୟକ୍ତିଙ୍କ ଠାରୁ ଆରମ୍ଭ ହୋଇଥିଲା ଏବଂ ଆଜି ବ୍ୟବସ୍ଥା ଦୃଷ୍ଟିରୁ ଏକ ଆଶ୍ଚର୍ଯ୍ୟଜନକ ଶ୍ରେଷ୍ଠ କୃତି (ମାଷ୍ଟରପିସ୍)ର ରୂପ ଧାରଣ କରିନେଇଛି । ସାଟେଲାଇଟ୍ ମାଧ୍ୟମରେ ବିଶ୍ୱର ଦୁଇ ଶହ ଦେଶରେ ଏହି ସମ୍ମିଳନୀ ସାମୂହିକ ରୂପେ ଦୃଶ୍ୟମାନେ ହେଉଛି ଏବଂ ମୋତେ ଏହି କଥା ମଧ୍ୟ ଆଶ୍ଚର୍ଯ୍ୟଚକିତ କରୁଛି ଯେ, ଶୃଙ୍ଖଳା ପାଇଁ କୌଣସି ପୁଲିସ୍‌ର ଆବଶ୍ୟକତା ନାହିଁ କି କୌଣସି ଭୌତିକ ଲୋଭ ମଧ୍ୟ ନାହିଁ । କର୍ପୋରେଟ୍ ଅଫିସର୍, ଡାକ୍ତର, ଯୁବକମାନେ ନିଜର ସାଂସାରିକ ପଦବୀକୁ ଗୋଟିଏ ପାଖରେ ରଖି ସ୍ୱେଚ୍ଛାକୃତ ଭାବେ ଚଟାଣ ସଫା କରୁଥିଲେ, ନିଆଁରେ ଖାଦ୍ୟ ରାନ୍ଧୁଥିଲେ, ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ ଏବଂ ଯେତେବେଳେ ନମାଜ୍ ପାଇଁ ଆଜାନ୍ ହେଲା ସେତେବେଳେ ବିଭିନ୍ନ ଜାତୀୟତାର ଏହି ଉତ୍ସାହୀ ଜନସମୁଦ୍ର ସଙ୍ଗେ ସଙ୍ଗେ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କଲା ଯେ, ଅଲପିନ୍‌ଟିଏ ଗଳି ପଡ଼ିବାର ଶବ୍ଦ ମଧ୍ୟ ଶୁଣାଯିବ। । ଏହି ଦୃଶ୍ୟ ମୋତେ ସାମୂହିକ ଶୃଙ୍ଖଳା ଏବଂ ଆଧ୍ୟାତ୍ମିକ ଆନୁଗତ୍ୟର ଏପରି ଏକ ଜୀବନ୍ତ ଅନୁଭୂତି ପ୍ରଦାନ କଲା ଯାହା ଆଜିର ଭୌତିକ ଦୁନିଆରେ ବାସ୍ତବରେ ଦୁର୍ଲଭ ଅଟେ ।

ହୁଜୁର୍ ଅନୱର୍ ଅ.ବ କହିଲେ, ପୁଣି ସେ କୁହନ୍ତି ଯେ, ଆଲମି ବୈଅତ୍ (ଆନ୍ତର୍ଜାତିକ ବୈଅତ୍)ରେ ଅଂଶଗ୍ରହଣ, ଯେଉଁଠାରେ ଅଶ୍ରୁପୂର୍ଣ୍ଣ ମାନବ ଶୃଙ୍ଖଳ ହଜାର ହଜାର ବ୍ୟକ୍ତିଙ୍କୁ ସେମାନଙ୍କ ଇମାମ (ଧର୍ମାଧ୍ୟକ୍ଷ)ଙ୍କ ସହ ଯୋଡ଼ିଥାଏ, ସେଠାରେ ଏହି ଅନନ୍ୟ ସମ୍ପର୍କକୁ ମୋ ପାଇଁ ଅବିଶ୍ୱସନୀୟ କରିଦେଲା । ମୋର ଚିରସ୍ଥାୟୀ ପ୍ରଭାବ ହେଉଛି ଯେ, ଜମାଅତର ଏହି ମହାନ ବୈଶ୍ୱିକ ପ୍ରଭାବ କୌଣସି ସମ୍ପତ୍ତି କିମ୍ବା ରାଜନୈତିକ ଅଭିଳାଷର ପରିଣାମ ନୁହେଁ ବରଂ ପୂର୍ଣ୍ଣ ଧାର୍ମିକତା, ଧର୍ମପରାୟଣତା ଏବଂ ଶାନ୍ତିର ଏକ ସତ୍ୟ ବ୍ୟବହାରିକ ବାର୍ତ୍ତା ପ୍ରତି ଆନୁଗତ୍ୟର ଫଳଶ୍ରୁତି ଅଟେ । ହୁଜୁର୍ ଅନୱର୍ ଅ.ବ କହିଲେ, ନାଇଜେରିୟାର ଏକ ରାଜ୍ୟର ରାଜା, ଓବା କେହିନ୍ଦେ ବାଡେୱୋଲେ (Oba Kehinde Badewole) ସାହେବ ପ୍ରାୟ ଅଧା ରାଜ୍ୟ ତାଙ୍କ ଶାସନାଧୀନ ଅଟେ । ସେ କୁହନ୍ତି, ଯେତେବେଳେ ମୁଁ ଜଲ୍‌ସା ସାଲାନା UKରେ ଯୋଗଦେବା ପାଇଁ ବାହାରିଲି ସେତେବେଳେ ମୋର ଆଦୌ ଅନୁମାନ ନଥିଲା ଯେ, ମୁଁ ଏକ ମହାନ୍ ସଂଗଠିତ ଏବଂ ଆଧ୍ୟାତ୍ମିକ ସମ୍ମିଳନୀର ଅଂଶ ହେବାକୁ ଯାଉଛି ଯାହା ମୋ ଜୀବନରେ ଏତେ ଗଭୀର ପ୍ରଭାବ ପକାଇବ । ଏଠାରେ ପହଞ୍ଚି ମୁଁ କେବଳ ଅସାଧାରଣ ଶୃଙ୍ଖଳା, ଭ୍ରାତୃଭାବ ଏବଂ ମାନବ ସେବାର ଜୀବନ୍ତ ନମୁନା ଦେଖିଲି ନାହିଁ ବରଂ ବିଶ୍ୱର ବିଭିନ୍ନ ଦେଶ ଓ ଜାତିର ଲୋକଙ୍କୁ ପ୍ରେମ, ସମ୍ମାନ ଓ ଭ୍ରାତୃତ୍ୱର ବନ୍ଧନରେ ବନ୍ଧା ହୋଇଥିବାର ପାଇଲି। ଆମମାନଙ୍କରର ଅତ୍ୟନ୍ତ ଆନ୍ତରୀକତାର ସହିତ ଅତିଥି ସତ୍କାର କରାଗଲା, ଯାହା ସଦାସର୍ବଦା ଆମ ସ୍ମୃତି ପଟଳର ଏକ ଅଂଶ ହୋଇ ରହିବ।" ସେ କୁହନ୍ତି: "ମୋତେ ଏଠାରେ ଅନେକ କିଛି ଶିଖିବାର ସୁଯୋଗ ମିଳିଲା, ମାତ୍ର ସବୁଠାରୁ ଅବିସ୍ମରଣୀୟ ମୁହୂର୍ତ୍ତ ଏହା ଥିଲା ଯେ, ଜମାଅତ୍‌ର ଇମାମଙ୍କ ସହ ସାକ୍ଷାତ୍ ଏବଂ ତାହାଙ୍କର ଉଦ୍‌ବୋଧନ ଯାହାକୁ ଶୁଣି ମୁଁ ଅନେକ ଶିକ୍ଷା ଲାଭ କଲି । ଜମାଅତେ ଅମହଦିୟାର ବୈଶ୍ୱିକ (ଆନ୍ତର୍ଜାତିକ) ପ୍ରଗତି ବିଷୟରେ ରିପୋର୍ଟ ମଧ୍ୟ ଶୁଣିଲି ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା ।" ସେ କୁହନ୍ତି, "ଆପଣଙ୍କର ନାରା "Love for all, Hatred for none" (ପ୍ରେମ ସଭିଙ୍କ ପାଇଁ, ଘୃଣା କାହାରିକୁ ନୁହେଁ) କେବଳ ଏକ ନାରା ନୁହେଁ, ବରଂ ତାହା ଜମାଅତେ ଅମହଦିୟାର ବ୍ୟବହାରିକ ପରିଚୟ ଅଟେ । ଯଦି ସଂସାର ଏହି ପ୍ରେମ ସହନଶୀଳତା (ସହିଷ୍ଣୁତା) ଓ ମାନବିକତାର ସମ୍ମାନକୁ ଆପଣାଇ ନିଏ ତେବେ ନିଶ୍ଚିତ ଭାବେ ସଂସାର ଶାନ୍ତିର ନୀଡ଼ ପାଲଟିଯିବ ।" ସେ ପୁଣି କହନ୍ତି ଯେ, "ବିଶ୍ୱର ବିଭିନ୍ନ ଭାଷାରେ ପ୍ରସାରିତ ହେଉଥିବା ସିଧାସଳଖ (ଲାଇଭ୍) କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟ ମୋତେ ବହୁତ ଆଶ୍ଚର୍ଯ୍ୟଚକିତ କଲା ।"

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ତାଙ୍କର ରାଜକୁମାରୀ, ତାଙ୍କର ଧର୍ମପତ୍ନୀ ମଧ୍ୟ ଏହିପରି ଭାବନା ପ୍ରକାଶ କରିଛନ୍ତି । ସେ କୁହନ୍ତି: "ମୋତେ ସବୁଠାରୁ ଅଧିକ ଆନନ୍ଦଦାୟକ ତଥା ଆଶ୍ଚର୍ଯ୍ୟ ମହିଳାମାନଙ୍କ ପାଇଁ କରାଯାଇଥିବା ଉତ୍ତମ ବ୍ୟବସ୍ଥା, ସେମାନଙ୍କର ସମ୍ମାନ, ସ୍ୱାଧୀନତା ଏବଂ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶ ଦେଖିକି ଲାଗିଲା। ହଜାର ହଜାର ମହିଳାମାନଙ୍କୁ ଅତ୍ୟନ୍ତ ସଂଗଠିତ ଭାବେ ଯାତାୟାତ କରିବା ଏବଂ ପୂର୍ଣ୍ଣ ସମ୍ମାନର ସହ ଜଲସାରେ ସାମିଲ ହେବାର ଦୃଶ୍ୟକୁ ଦେଖି ଇସ୍‌ଲାମ୍ ଧର୍ମ ବିଷୟରେ ମୋର ଅନେକ ଧାରଣା ବଦଳିଗଲା । ମୁଁ ଅନୁଭବ କଲି ଯେ, ଜମାଅତେ ଅମହଦିୟା ଇସ୍‌ଲାମୀୟ ଶିକ୍ଷା ଅନୁଯାୟୀ ମହିଳାମାନଙ୍କ ସମ୍ମାନ ଓ ସେମାନଙ୍କ ଅଧିକାରକୁ ବ୍ୟବହାରିକ ରୂପରେ ଉପସ୍ଥାପିତ କରିଛି ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେନେଗାଲ୍‌ରୁ ଜଣେ ଅତିଥି, ସେଣ୍ଟ ଲୁଇସ୍‌ର ପୂର୍ବତନ ଗଭର୍ଣ୍ଣର ଆଲିୟୁନ୍ ବଦ୍ରା ସାମ୍ବେ (Alioune Badara Sambe) ହେବ ଥିଲେ । ସେ କୁହନ୍ତି: "ଯେଉଁ ଜିନିଷଟି

ମୋତେ ସବୁଠୁ ବେଶୀ ପ୍ରଭାବିତ କଲା, ତାହା ହେଉଛି ଏହାର ସର୍ବୋତ୍ତମ ସଂଗଠନ । ଅଂଶଗ୍ରହଣକାରୀଙ୍କ ବିଶାଳ ସଂଖ୍ୟା ସତ୍ତ୍ୱେ ଏହା ସ୍ପଷ୍ଟ ଅନୁଭୂତ ହେଉଥିଲା ଯେ, ଜଲସାର ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ଭାବେ କରାଯାଇଥିଲା । ଯାତାୟାତ ବ୍ୟବସ୍ଥା ମଧ୍ୟ ଉତ୍ତମ ଥିଲା। ସ୍ୱେଚ୍ଛାସେବୀମାନେ ନମ୍ର ଥିଲେ ଏବଂ ସର୍ବଦା ଉପଲବ୍ଧ ଥିଲେ ।' ସେ କୁହନ୍ତି: "ମୁଁ ସମସ୍ତ ଉଦ୍‌ବୋଧନକୁ ଧ୍ୟାନର ସହିତି ଶୁଣିଲି । ବର୍ତ୍ତମାନ ଅନ୍ୟମାନେ କେବଳ ବସି ରୁହନ୍ତି ନାହିଁ ବରଂ କୁହନ୍ତି ଯେ, ଆମେମାନେ ମଧ୍ୟ ଧ୍ୟାନର ସହିତି ଉଦ୍‌ବୋଧନ ଶୁଣିଲୁ । ବିଭିନ୍ନ ଭାଷାର ବ୍ୟବସ୍ଥା ଅତ୍ୟନ୍ତ ଚମତ୍କାରପୂର୍ଣ୍ଣ ଥିଲା । ଫଳତଃ ଆମେମାନେ ସମସ୍ତ ଭାଷଣ ଓ ବାର୍ତ୍ତାକୁ ଭଲ ଭାବେ ବୁଝିପାରିଲୁ ।" ସେ କୁହନ୍ତି: "ସମ୍ପୂର୍ଣ୍ଣ ଜଲ୍‌ସା ସମୟରେ ଯେଉଁ ବାର୍ତ୍ତାଟି ବାରମ୍ବାର ପ୍ରମୁଖତା ପାଇଲା ତାହା ଥିଲା ପ୍ରେମ, ଶାନ୍ତି ଓ ଭ୍ରାତୃତ୍ୱର ବାର୍ତ୍ତା ।"

ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ରାଡୁ ଦୂତା (Radu Duta) ସାହେବ ନାମକ ଜଣେ ଅତିଥି ଅଟନ୍ତି । ସେ ଲକ୍ସେମ୍‌ବର୍ଗର ଜଣେ ଆଇନଜୀବୀ (ବ୍ୟାରିଷ୍ଟର ବା ଓକିଲ) ଅଟନ୍ତି । ସେ ନିଜ ପୁଅ ସହିତ ପ୍ରଥମ ଥର କରି ଜଲ୍‌ସା ସାଲାନା ୟୁ.କେରେ ଯୋଗ ଦେଇଥିଲେ । ସେ କୁହନ୍ତି ଯେ, "ଜଲ୍‌ସାର ତିନି ଦିନ ମୋର ସମଗ୍ର ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିନ ପାଲଟିଗଲା । ମୁଁ ପ୍ରଥମ ଥର ଏତେ ବଡ଼, ସୁସଂଗଠିତ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଇସ୍‌ଲାମୀୟ ସମ୍ମିଳନୀ (ଜଲ୍‌ସା) ଦେଖିଲି । ଏତେ ବଡ଼ ସଂଖ୍ୟା ସତ୍ତ୍ୱେ ସମଗ୍ର ବ୍ୟବସ୍ଥା ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ଅତ୍ୟନ୍ତ ସୁନ୍ଦର ଭାବେ ଚାଲିଥିଲା। ମୋତେ ଏପରି ଲାଗୁଥିଲା ଯେପରିକି ବିଭିନ୍ନ ଦେଶରୁ ଆସିଥିବା ଲୋକମାନେ ଗୋଟିଏ ପରିବାରର ସଦସ୍ୟ ଅଟନ୍ତି । ପ୍ରତ୍ୟେକ ସ୍ୱେଚ୍ଛାସେବୀ କର୍ମୀମାନେ ହସି ହସି ଅତିଥିମାନଙ୍କ ସେବାରେ ନିୟୋଜିତ ଥିଲେ । କର୍ତ୍ତବ୍ୟରତ ସ୍ୱେଚ୍ଛାସେବୀ କର୍ମୀମାନ ପ୍ରତ୍ୟେକ ଅତିଥିଙ୍କ ସହିତ ଏପରି ପ୍ରେମ, ସମ୍ମାନ ଓ ଧ୍ୟାନର ସହିତ ବ୍ୟବହାର ପ୍ରଦର୍ଶନ କରୁଥିଲେ ଯେପରିକି ସେମାନେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ଗଣମାନ୍ୟ ବ୍ୟକ୍ତି ଅଟନ୍ତି। ପୁନଶ୍ଚ ଆଲମି ବୈଅତ୍‌ର ଦୃଶ୍ୟ ମଧ୍ୟ ଅତିଥିମାନଙ୍କୁ ବହୁତ ପ୍ରଭାବିତ କଲା ।" ସେ କୁହନ୍ତି: ଆନ୍ତର୍ଜାତିକ ବୈଅତ୍‌ର ଆଧ୍ୟାତ୍ମିକ ଦୃଶ୍ୟ ମୋ ପାଇଁ ଅବିସ୍ମରଣୀୟ ଥିଲା । ଯେତେବେଳେ ବିଶ୍ୱର ବିଭିନ୍ନ ଦେଶରୁ ଆସିଥିବା ହଜାର ହଜାର ବ୍ୟକ୍ତିଙ୍କୁ ଜଣେ ଇମାମ୍ (ଧର୍ମାଧ୍ୟକ୍ଷ)ଙ୍କ ହାତରେ ବୈଅତ୍ (ଦୀକ୍ଷା) ଗ୍ରହଣ କରୁଥିବାର ଏବଂ ଅତ୍ୟନ୍ତ ନମ୍ରତାର ସହ ଅଲ୍ଲାଃତାଲାଙ୍କ ଦରବାରରେ ପ୍ରାର୍ଥନା କରୁଥିବାର ଦେଖିଲି ସେତେବେଳେ ତାହା ଏପରି ଏକ ବିଶ୍ୱାସପୂର୍ଣ୍ଣ ଓ ଆଧ୍ୟାତ୍ମିକ ଅନୁଭୂତି ଥିଲା ଯାହା ମୋ ହୃଦୟରେ ଗଭୀର ପ୍ରଭାବ ପକାଇଛି । ପୁଣି ସେ କୁହନ୍ତି ଯେ, ଜମାଅତ୍‌ର ଇମାମ୍‌ଙ୍କ ସହିତ ମୋର ସାକ୍ଷାତ୍ ମଧ୍ୟ ହୋଇଥିଲା । ପ୍ରଥମେ ମୋର ଭୟ ଥିଲା, ମାତ୍ର ତାଙ୍କୁ ଭେଟିବା ପରେ ମୋର ଭୟ କ୍ରମଶଃ ଦୂର ହୋଇଗଲା । ସେହିପରି ମୋ ହୃଦୟରେ ଯେଉଁ କଥା ଓ ଭାବନା ଥିଲା ଏବଂ ଯାହା ମୁଁ ପଚାରିବାକୁ ଚାହୁଁଥିଲି ସେହି କଥାଗୁଡ଼ିକ ମୁଁ ନ ପଚାରି ମଧ୍ୟ ସେ ନିଜେ ମୋତେ ପଚାରିଦେଲେ ଏବଂ ଉତ୍ତର ମଧ୍ୟ ଦେଇଦେଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଜଣେ ନୂତନ ଅମହଦି (ନଅ ମୁବାଏ) ଇଲିଜା ଗାବୁରେଲ (Elijah Gabourel) ସାହେବ କୁହନ୍ତି: "ଇସ୍‌ଲାମ୍ ଧର୍ମ ଗ୍ରହଣ କରିବା ପୂର୍ବରୁ ମୋର ସମ୍ପର୍କ ଖ୍ରୀଷ୍ଟଧର୍ମ ସହିତ ଥିଲା । ଆମକୁ ସଦାସର୍ବଦା ଏହା ଶିଖାଯାଉଥିଲା ଯେ ବିଶ୍ୱାସର ସମ୍ପର୍କ ସଙ୍ଗୀତ ସହିତ ରହିଛି । (ଆଜିକାଲି ଦୁନିଆରେ ଏହା ଏକ ବଡ଼ ପ୍ରଚଳନ ହୋଇଯାଇଛି ଯେ ସଙ୍ଗୀତ ଆବଶ୍ୟକ) । ମାତ୍ର ମୁଁ କେବେହେଲେ ଏହି ଆଞ୍ଚଳିକ ତଥା ସଙ୍ଗୀତମୟ ଶୈଳୀରେ ପ୍ରକୃତ ଆଧ୍ୟାତ୍ମିକ ଶାନ୍ତି ଓ ଈଶ୍ୱରଙ୍କ ସାନ୍ନିଧ୍ୟ ଅନୁଭବ କରିପାରି ନଥିଲି । ମୁସଲମାନ ହେବା ପରେ ମଧ୍ୟ, ସେ କୁହନ୍ତି ଯେ, ମୁଁ ନମାଜ୍ ପଢୁଥିଲି, ମାତ୍ର କେବେ କାନ୍ଦିବା ଓ ଆକୁଳ ହେବାର ସୌଭାଗ୍ୟ ମିଳୁନଥିଲା । କିନ୍ତୁ ଯେତେବେଳେ ଜଲ୍‌ସା ସାଲାନାରେ ବୈଅତ୍‌ରେ ସାମିଲ୍ ହେବାର ସୁଯୋଗ ମିଳିଲା ସେତେବେଳେ ମୋ ଉପରେ ଏପରି ଏକ ଆଧ୍ୟାତ୍ମିକ ଅବସ୍ଥା ଆସନ୍ନିତ ହୋଇଗଲା ଯାହାକୁ ମୁଁ ଶବ୍ଦରେ ବ୍ୟକ୍ତ କରିପାରିବି ନାହିଁ । ମୁଁ ନିରନ୍ତର ଭାବରେ ନିଜର ପାପ ପାଇଁ ଅନୁତାପ କରି କ୍ଷମା ପ୍ରାର୍ଥନା (ଇସ୍‌ତିଗ୍‌ଫାର୍) କରୁଥିଲି ପ୍ରାର୍ଥନା କରୁଥିଲି ଏବଂ ମୋ ଆଖିରୁ ଅବିରତ ଭାବରେ ଲୁହ ବହି ଚାଲିଥିଲା । ମୋର ଖିଲାଫତ୍ ସହ ଏକ ଆଧ୍ୟାତ୍ମିକ ସମ୍ପର୍କ ସ୍ଥାପିତ ହୋଇଗଲା । ଅଲ୍ଲାଃତାଲାଙ୍କ ସହ ଏକ ଆଧ୍ୟାତ୍ମିକ ସମ୍ପର୍କ ଯୋଡ଼ି ହୋଇଗଲା । ଏହା ପରେ ସେ କୁହନ୍ତି, ନମାଜ୍ ହେଲା । ନମାଜରେ ମଧ୍ୟ ଏହି ଆଧ୍ୟାତ୍ମିକ ଭାବନା ମୋ ଉପରେ ଆସନ୍ନିତ ହୋଇ ରହିଲା ଏବଂ ସେହି ଅବସ୍ଥାରେ ମୁଁ ଜଲ୍‌ସାଗାହ୍ ବାହାରକୁ ଚାଲିଗଲି । ମୋର ଧ୍ୟାନ ନଥିଲା ଯେ, ମୁଁ ନିଜର ଜୋତା ପିନ୍ଧିବା ଭୁଲିଯାଇଛି । ସେହି ଅବସ୍ଥାରେ ମୁଁ ଶୌଚାଳୟ ଆଡ଼କୁ ଗଲି ଏବଂ ସେଠାରେ ଠିଆ ହୋଇଥିବା ଜଣେ ସ୍ୱେଚ୍ଛାସେବୀ ମୋ ପାଦକୁ ଦେଖିଲେ । ପୁନଶ୍ଚ ସେ ନିଜର ଜୋତା ଓହ୍ଲାଇ ମୋତେ ଦେଇଦେଲେ ଏବଂ କହିଲେ, "ଆପଣ ଏହା ଜୋତା ପିନ୍ଧି ନିଅନ୍ତୁ । ଖାଲି ପାଦରେ ଭିତରକୁ ଗଲେ ଆପଣଙ୍କୁ କଷ୍ଟ ହେବ ।" ସେ କୁହନ୍ତି, ଏହି ଛୋଟ ଘଟଣାଟି ମୋ ବିଶ୍ୱାସକୁ ଆହୁରି ଦୃଢ଼ୀଭୂତ କରିଦେଲା ଯେ, ବାସ୍ତବରେ ଈଶ୍ୱରଙ୍କ ଦ୍ୱାରା ସ୍ଥାପିତ ଏହା ଏକ ଦୈବୀ ସମ୍ପ୍ରଦାୟ ଅଟେ, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ନିଜ ଭାଇର ସାହାଯ୍ୟ ପାଇଁ ସଦାସର୍ବଦା ପ୍ରସ୍ତୁତ ରହିଥାଏ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଅମହଦି ସ୍ୱେଚ୍ଛାସେବୀ ଓ କର୍ମୀମାନମାନେ ଯେଉଁମାନେ ଅତିଥିମାନଙ୍କର ଏପରି ଯତ୍ନ ନିଅନ୍ତି ସେମାନଙ୍କର ଆତିଥ୍ୟତା ଓ ଆଚରଣରୁ ମଧ୍ୟ ଲୋକଙ୍କର ବିଶ୍ୱାସ ଦୃଢ଼ୀଭୂତ ହୋଇଥାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଚେକ୍ ରିପବ୍ଲିକରୁ ଜଣେ ପ୍ରଫେସର ୟାରୋସ୍ଲାଭ୍ ଫ୍ରାଙ୍କ୍ (Jaroslav Franc) ଏବଂ ଅନ୍ୟ ଜଣେ ପ୍ରଫେସର ମାରେକ୍ ଚେକା (Marek Cejka) ସାହେବ ଆସିଥିଲେ । ସେମାନେ କୁହନ୍ତି: "ଆମକୁ ଜଲସା ସାଲାନା ଏତେ ପସନ୍ଦ ଆସିଲା ଯେ, ଆମେ ନିଜର ଭାବନାକୁ ବ୍ୟକ୍ତ କରିପାରିବୁଁ ନାହିଁ। ଚେକ୍ ରିପବ୍ଲିକ୍ ଫେରି ଆମେ ଆମର ଛାତ୍ର ଓ ପ୍ରଫେସରମାନଙ୍କୁ ଏହା ହିଁ କହିପାରିବୁ ଯେ, ସେମାନଙ୍କୁ ନିଜେ ଏଠାକୁ ଆସି ଏହି ମହାନ୍ ସମ୍ମିଳନୀର ଅନୁଭୂତି ଅନୁଭବ କରିବାକୁ ହେବ । ଏହି ଜଲ୍‌ସା ଯାହା ଆଧ୍ୟାତ୍ମିକତାରେ ପୂର୍ଣ୍ଣ ଏବଂ ସର୍ବୋଚ୍ଚ ବ୍ୟବସ୍ଥାରେ ସଜ୍ଜିତ ଥିଲା।" ସେମାନେ କୁହନ୍ତି: ବିଶ୍ୱର ବିଭିନ୍ନ କୋଣ ଅନୁକୋଣରୁ ଆସିଥିବା ଲୋକମାନେ ପ୍ରେମ, ଶାନ୍ତି ଓ ଭ୍ରାତୃତ୍ୱର ଭାବନା ସହିତି ଗୋଟିଏ ସ୍ଥାନରେ ଏକତ୍ରିତ ଥିଲେ । ଉପାସନା ପରେ ଲୋକଙ୍କୁ ଭେଟିବାର ଅନୁଭୂତି ମୋ ପାଇଁ ଅତ୍ୟନ୍ତ ଆନନ୍ଦଦାୟକ ଓ ପ୍ରଭାବଶାଳୀ ଥିଲା। ଏହା ଦେଖି ବହୁତ ଖୁସି ଲାଗିଲା ଯେ, କିପରି ଏକ ବିଶ୍ୱାସ ସାରା ବିଶ୍ୱର ଲୋକମାନଙ୍କୁ ପ୍ରେମ, ଶାନ୍ତି ଓ ଏକତାର ବନ୍ଧନରେ ଯୋଡ଼ି ପାରୁଛି ?" ସେ କୁହନ୍ତି: "ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନ ପରେ ଆମକୁ ଇସ୍‌ଲାମ୍ ଧର୍ମ ଏବଂ ତକ୍‌ୱା ଅର୍ଥାତ୍ ଧର୍ମପରାୟଣତାର ପ୍ରକୃତ ପରିଚୟ ମିଳିଲା । ଆମକୁ ଏହି ବିଷୟରେ ଗଭୀର ବୁଝାମଣା ଓ ଧାରଣା (ଅବବୋଧ) ପ୍ରାପ୍ତ ହେଲା । ସେହିପରି ସେ କୁହନ୍ତି ଯେ, MTA ମାଧ୍ୟମରେ ବିଶ୍ୱରେ ଯେଉଁ ସମ୍ପ୍ରସାରଣ (କଭରେଜ୍) ହେଉଥିଲା, ତାହା ମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କାଜାଖିସ୍ତାନରୁ ସାଉଲେ (Saule) ନାମର ଜଣେ ମହିଳା ଅତିଥି ଜଲସାରେ ସାମିଲ ହୋଇଥିଲେ । ସେ କୁହନ୍ତି: "ଏହା ଏପରି ଏକ ଆଧ୍ୟାତ୍ମିକ ଓ ଅବିସ୍ମରଣୀୟ ସମ୍ମିଳନୀ ଥିଲା ଯାହା ମୋ ହୃଦୟରେ ଅତ୍ୟନ୍ତ ଆନନ୍ଦଦାୟକ ଓ ଗଭୀର ପ୍ରଭାବ ଛାଡ଼ିଛି ।" ସେ କୁହନ୍ତି: "ଜମାଅତ୍‌ର ଇମାମ୍ ଏବଂ ଅନ୍ୟ ବକ୍ତାମାନଙ୍କ ଅଭିଭାଷଣରେ ବିଶ୍ୱାସ, ଉଚ୍ଚ ନୈତିକତା, ଶାନ୍ତି, ପାରସ୍ପରିକ ସୌହାର୍ଦ୍ଦ୍ୟ, ପାରିବାରିକ ମୂଲ୍ୟବୋଧ, ଯୁବକମାନଙ୍କର ମାର୍ଗଦର୍ଶନ ଏବଂ ସମାଜ ସେବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରାଗଲା ।" ସେ କୁହନ୍ତି: "ସବୁଠାରୁ ଅଧିକ ମୋତେ ବିଭିନ୍ନ ଜାତିର ଲୋକମାନଙ୍କ ମଧ୍ୟରେ ଥିବା ଭ୍ରାତୃତ୍ୱର ପରିବେଶ ପ୍ରଭାବିତ କଲା, ଯେଉଁମାନେ ଶାନ୍ତି ଓ ସୁରକ୍ଷାର କଥା କହୁଥିଲେ ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣି ଆମେରିକାରୁ ଡକ୍ଟର ପ୍ରଫେସର ବ୍ରେଟ୍ ସାର୍ଫସ୍ (Brett Scharffs), ଯିଏ ଆଇନର ପ୍ରଫେସର ଅଟନ୍ତି ସେ ମଧ୍ୟ ଜଲସାକୁ ଆସିଥିଲେ। ସେ କୁହନ୍ତି: "ମୋତେ ବିଶ୍ୱସାରା ବିଭିନ୍ନ ଆନ୍ତର୍ଜାତୀୟ ସମ୍ମିଳନୀ ଓ କନ୍‌ଭେନସନ୍‌ରେ ଯୋଗଦେବାର ସୁଯୋଗ ମିଳିଛି, ମାତ୍ର ଜଲ୍‌ସା ସାଲାନା UK ର ଅନୁଭୂତି ସବୁଠାରୁ ଅନନ୍ୟ ଥିଲା । 100ରୁ ଉର୍ଦ୍ଧ୍ୱ ଦେଶରୁ ଆସିଥିବା ଲୋକମାନେ ବିଭିନ୍ନ ଧର୍ମ, ଜାତୀୟତା ଓ ଜୀବନର ବିଭିନ୍ନ କ୍ଷେତ୍ରରୁ ଆସିଥିବା ଅତିଥିମାନଙ୍କ ସହ ସାକ୍ଷାତ୍ ହେଲା । ସମସ୍ତଙ୍କର ଗୋଟିଏ ମତ ଥିଲା ଯେ, ଏଠାରେ ପ୍ରେମ, ସମ୍ମାନ, ଶାନ୍ତି ଓ ପାରସ୍ପରିକ ଭ୍ରାତୃତ୍ୱର ଯେଉଁ ପରିବେଶ ଦେଖିବାକୁ ମିଳିଲା ତାହା ବାସ୍ତବରେ ଅସାଧାରଣ ଅଟେ । ସେହିପରି ସେ କୁହନ୍ତି: ହ୍ୟୁମାନିଟି ଫାର୍ଷ୍ଟ ଏବଂ ବିଭିନ୍ନ ଶିକ୍ଷଣୀୟ ଓ ଐତିହାସିକ ପ୍ରଦର୍ଶନୀଗୁଡ଼ିକ ମୋତେ ବହୁତ ପ୍ରଭାବିତ କଲା । ଏହା ଦେଖି ଖୁସି ଲାଗିଲା ଯେ, ଜମାଅତ୍ ନିଜ ସମ୍ବଳରୁ ସାରା ବିଶ୍ୱରେ ଅଭାବି ଲୋକମାନଙ୍କ ସେବା କରୁଛି । ସେମାନେ ଯେଉଁ ଧର୍ମ କିମ୍ବା ଜାତିର ହୁଅନ୍ତୁ ନା କାହିଁକି ।" ପୁନଶ୍ଚ ସେ କୁହନ୍ତି: "ଶିକ୍ଷିତ ଲୋକ, ଉଚ୍ଚଶିକ୍ଷିତ ଡାକ୍ତର, ଇଞ୍ଜିନିୟର, ଆଇନଜୀବୀ ଓ ଅନ୍ୟ ବିଶେଷଜ୍ଞମାନେ ଅତ୍ୟନ୍ତ ନମ୍ରତାର ସହ ସ୍ୱେଚ୍ଛାକୃତ ସେବା କରୁଥିଲେ, ଯାହା ମୋତେ ବହୁତ ପ୍ରଭାବିତ କଲା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବ୍ରାଜିଲ୍‌ରୁ ଟେଲିଭିଜନ ରିପୋର୍ଟର ଏରିକ୍ ପୋର୍ଟେଲା (Eric Portella) ସାହେବ କହନ୍ତି: "ମୁଁ ଏହା ନକହି ରହିପାରୁ ନାହିଁ ଯେ, ମୁଁ ଏହି ଉତ୍ସବର ମହାନ ସ୍ତର ଓ ବିଶାଳତା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛି । ବିଶେଷ କରି ଲଙ୍ଗରଖାନା (ରୋଷେଇ ଘର)ର ଆକାର ଏବଂ ସେହି ସମସ୍ତ ସ୍ଥାନ ଯେଉଁଠାରେ ଖାଦ୍ୟ ପ୍ରସ୍ତୁତ ହୁଏ ତାହା ଆଧୁନିକ, ବିଶାଳ, ସଂଗଠିତ ଏବଂ ଅତ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ସ୍ଥାନ

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"

(ଆଲେ ଇମ୍ରାନ୍ :93)

**ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।**

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଥିଲା । ପ୍ରତ୍ୟେକ ସ୍ୱେଚ୍ଛାସେବୀଙ୍କ ପରିଶ୍ରମ, ସୁନ୍ଦରତା ଓ ନିଷ୍ଠା ଦେଖିବାର ଏକ ଅତ୍ୟନ୍ତ ସୁନ୍ଦର ଅନୁଭୂତି ଥିଲା, ଯାହା ମୋ ହୃଦୟକୁ ଶାନ୍ତି ଓ ଆନନ୍ଦରେ ଭରିଦେଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଫିଲିପାଇନ୍‌ସରୁ ପ୍ରଫେସର୍ ୟୁସୁଫ୍ ମୋରାଲେସ୍ (Yousuf Morales) ନିଜର ଧର୍ମପତ୍ନୀ ପ୍ରଫେସର ଶେରିମା ମୋରାଲେସ୍ (Sherima Morales)ଙ୍କ ସହ ଆସିଥିଲେ । ସେ କୁହନ୍ତି: "ସେମାନେ ଖ୍ରୀଷ୍ଟଧର୍ମରୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛନ୍ତି ଏବଂ ନ୍ୟାସ୍‌ନଲ୍ କମିଶନ୍ ଅଫ୍ ମୁସ୍‌ଲିମ୍ ଫିଲିପିନୋସ୍‌ର ଚେୟାରମ୍ୟାନ୍ ମଧ୍ୟ ରହି ସାରିଛନ୍ତି (ଏପର୍ଯ୍ୟନ୍ତକି ସେ ଅମହଦି ହୋଇ ନାହାନ୍ତି)।" ସେ କୁହନ୍ତି: "ଯଦିଓ ଆନୁଷ୍ଠାନିକ ଉପସ୍ଥିତି ପ୍ରାୟ ପଚାଶ ହଜାର କୁହାଗଲା, ମାତ୍ର ଜଲ୍‌ସାଗାହର ବିଶାଳତା ଓ ବ୍ୟବସ୍ଥାର ସ୍ତରକୁ ଦେଖି ମୋତେ ଏହା ଅନୁଭୂତ ହେଲା ଯେ, ଏହି ସମ୍ମିଳନୀ ଏହାଠାରୁ ମଧ୍ୟ ବହୁତ ବଡ଼ ଅଟେ । ବିଶେଷ କରି ସେହି ହଜାର ହଜାର ସ୍ୱେଚ୍ଛାସେବୀମାନଙ୍କ ଉଦ୍ୟମ ଉପରେ ଆଶ୍ଚର୍ଯ୍ୟ ଲାଗିଲା, ଯେଉଁମାନେ ନିଜର ସମୟ, ସେବା ଓ ଶ୍ରମଦାନ ଦେଇ ଏକ ସମ୍ପୂର୍ଣ୍ଣ ଅସ୍ଥାୟୀ ସହର ନିର୍ମାଣ କରନ୍ତି ଯେଉଁଥିରେ ଦଶ ହଜାର ହଜାର ଲୋକଙ୍କ ପାଇଁ ରହିବା, ଖାଇବା, ପରିବହନ, ସଫେଇ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ରହିଥିଲା । ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ହୋଇଥିଲେ ମଧ୍ୟ ସ୍ୱେଚ୍ଛାସେବୀମାନେ ସେବା କରନ୍ତି ଏବଂ ଅତ୍ୟନ୍ତ ଅସାଧାରଣ ଓ ଶାରୀରିକ ପରିଶ୍ରମଯୁକ୍ତ ସେବା କରନ୍ତି, ଅତ୍ୟନ୍ତ ବିନମ୍ରତାର ସହ କରିଥାଆନ୍ତି ଏବଂ ଏହି କଥାଗୁଡ଼ିକ ହିଁ ଏକ ଶାନ୍ତିପୂର୍ଣ୍ଣ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ନିର୍ମାଣ କରିପାରିବା । ଛୋଟ ଶିଶୁମାନଙ୍କୁ ପାଣି ପିଆଉଥିବାର ଦେଖିଲି ।" ସେହିପରି ସେ କୁହନ୍ତି ଯେ "ଚଉଦ ପନ୍ଦର ବର୍ଷର ଦୁଇଟି ଶିଶୁ ଥିଲେ, ଖାଦ୍ୟ ପରିବେଷଣରେ ସେମାନଙ୍କର ଡିଉଟି ଥିଲା ଏବଂ ଏତେ ଦାୟିତ୍ୱର ସହିତ ସେମାନେ ଦୌଡ଼ି ଦୌଡ଼ି ତିନି ଶହ ଲୋକଙ୍କୁ ଖାଦ୍ୟ ଖୁଆଉଥିଲେ ଯେ, ଆଶ୍ଚର୍ଯ୍ୟ ଲାଗୁଥିଲା ।" ସେ କୁହନ୍ତି: "ଏଠାକୁ ଆସି ମୋତେ ଏହା ମଧ୍ୟ ଜଣାପଡ଼ିଲା ଯେ, ସର୍ ମୁହମ୍ମଦ ଜଫରୁଲ୍ଲାଃ ଖାନ୍ ସାହେବ ଅମହଦି ଥିଲେ । ସେହିପରି ଡକ୍ଟର ଅବ୍‌ଦୁସ୍ ସଲାମ୍ ସାହେବଙ୍କ କୃତିତ୍ୱ ବିଷୟରେ ଆହୁରି ଜାଣିବାକୁ ମିଳିଲା । ସେହିପରି ଜମାଅତ୍‌ର ଇମାମ୍ (ଖଲିଫା)ଙ୍କ ଉଦ୍‌ବୋଧନ ମୋତେ ବହୁତ ପ୍ରଭାବିତ କଲା । ସଂକ୍ଷିପ୍ତ ସମୟ ମଧ୍ୟରେ ଅନେକ ବିଷୟକୁ ସେ ପରିସରଭୁକ୍ତ କଲେ ଏବଂ ପ୍ରତ୍ୟେକ ବିଷୟକୁ ବିସ୍ତୃତ ମାତ୍ର ସରଳ ଓ ସହଜ ବୋଧ ଶୈଳୀରେ ଉପସ୍ଥାପନ କଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଲ୍ ସାଲଭାଡୋରରୁ ଜଣେ ଅତିଥି ସାଉଲ୍ ଏଡ୍‌ଗାର୍ଡୋ (Saul Edgardo) ଯିଏ ସେଣ୍ଟ୍ରାଲ ଆମେରିକାନ୍ ପାର୍ଲାମେଣ୍ଟରେ ଏଲ୍ ସାଲଭାଡୋରର ପ୍ରତିନିଧି ଅଟନ୍ତି ସେ ମଧ୍ୟ ଜଲ୍‌ସାକୁ ଆସିଥିଲେ । ସେ କୁହନ୍ତି: "ଏହା ମୋର ପ୍ରଥମ ଜଲ୍‌ସା ସାଲାନା UK ଥିଲା ଯେଉଁଥିରେ ମୋତେ ଅମହଦିୟା ମୁସ୍‌ଲିମ୍ ଜମାଅତ୍‌କୁ ଅତି ନିକଟରୁ ଦେଖିବାର ସୁଯୋଗ ମିଳିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଯାହା ମୁଁ ଶିଖିଲି, ତାହା ହେଉଛି ଆମକୁ ଦୈନନ୍ଦିନ ଜୀବନ କିପରି ବିତାଇବା ଉଚିତ୍? ଏହାର କେନ୍ଦ୍ରୀୟ ବାର୍ତ୍ତା ଏହା ଥିଲା ଯେ, ଯେପରି ଗୋଟିଏ ଡାଳ ଗଛରୁ ଅଲଗା ହୋଇ ଶୁଖିଯାଏ, କାରଣ ଗଛ ହିଁ ତାହାକୁ ଜୀବନ ଦେଉଥିଲା । ସେହିପରି ଯଦି ଆମେ ମଧ୍ୟ ଅଲ୍ଲାଃତାଲାଙ୍କଠାରୁ ଦୂରେଇ ଯିବା ତେବେ ଏହା ଆମର ଆଧ୍ୟାତ୍ମିକ ମୃତ୍ୟୁ ସଦୃଶ ହେବ। ଖଲିଫା ଅର୍ଥାତ୍ ଜମାଅତ୍‌ର ଇମାମ୍ ଯାହା କହିଲେ ଅର୍ଥାତ୍ ଆମେମାନେ ଈଶ୍ୱରଙ୍କୁ କେବଳ ସେତେବେଳେ ଖୋଜିଥାଉ ଯେତେବେଳେ ଆମେ କୌଣସି ଅସୁବିଧାରେ ପଡ଼ିଥାଉ । ଏହି କଥାଟି ମଧ୍ୟ ସମ୍ପୂର୍ଣ୍ଣ ସତ୍ୟ ଅଟେ । ସେହିପରି ସ୍ୱାମୀ ସ୍ତ୍ରୀଙ୍କ ସମ୍ପର୍କ ବିଷୟରେ ସେ ଯେଉଁ ଉପଦେଶ ଦେଲେ, ଯଦି ଆମେମାନେ ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଏବଂ ଗଜ୍ଜେ ବସର୍ (ସଂଯମ ଦୃଷ୍ଟି) ରଖିବା ତେବେ ବୈବାହିକ ଜୀବନର ଅନେକ ସମସ୍ୟାରୁ ଆମେମାନେ ବଞ୍ଚିପାରିବା । ତେଣୁ ଯଦି ଅଣ ଅମହଦିମାନେ ଏହି ବାର୍ତ୍ତା ବୁଝିପାରୁଛନ୍ତି ତେବେ ଅମହଦିମାନଙ୍କୁ ମଧ୍ୟ ଏହି ବାର୍ତ୍ତାକୁ ଆହୁରି ଅଧିକ ବୁଝିବାର ଆବଶ୍ୟକତା ରହିଛି ।" ପୁନଶ୍ଚ ସେ କୁହନ୍ତି: "ମୋତେ ଜମାଅତ୍‌ର ଅସାଧାରଣ ବ୍ୟବସ୍ଥା ବେଶ୍ ପ୍ରଭାବିତ କଲା । ଜମାଅତ୍‌ର ଇମାମଙ୍କ ସହ ସାକ୍ଷାତ୍ ପାଇଁ ବହୁତ କମ୍ ସମୟ ଥିଲା ଏବଂ ମୋର ଇଚ୍ଛା ଥିଲା ଯେ, ଆହୁରି ଅଧିକ ସମୟ ମିଳିଥାଆନ୍ତା କି? ମାତ୍ର ଏହି ସ୍ୱଳ୍ପ ସମୟ ମଧ୍ୟରେ ମଧ୍ୟ ସେ ପ୍ରତ୍ୟେକ ଜିନିଷକୁ ଦେଖିଲେ ଏବଂ ମୋ ସହ କଥା ହେଲେ ।" ସେ କୁହନ୍ତି: "ସାକ୍ଷାତ୍ ପରେ ମୋର ବିଶ୍ୱାସ ହୋଇଗଲା ଯେ, ଉପସ୍ଥିତ ଖଲିଫାଙ୍କୁ ନିଜ ଜମାଅତ୍ ବିଷୟରେ ବହୁତ ସୂଚନା ଥାଏ ଯେ, ସେମାନେ କେଉଁଠି ଏବଂ କେଉଁ ସ୍ଥିତିରେ ଛିଡ଼ା ହୋଇଛନ୍ତି ? ତାଙ୍କର ଏହି କଥାଗୁଡ଼ିକରେ ଗଭୀର ଆଗ୍ରହ ଓ ଅଭିରୁଚି ରହିଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବେଲିଜ୍‌ରୁ ଜଣେ ନୂତନ ଅମହଦି ମହିଳା ମୋଜିକ୍ ମାରିଆନୋ (Mosique Mariano) ଅଟନ୍ତି, ସେ କୁହନ୍ତି: "ଅତ୍ୟନ୍ତ ଛୋଟ ଦେଶ ସହିତ ମୋର ସମ୍ପର୍କ ଅଟେ । ଆମ ସହରର ଜନସଂଖ୍ୟା କେବଳ ପଚାଶ ହଜାର ଅଟେ । କେବଳ ଶହେ ଜଣ ଲୋକ ମଧ୍ୟ ଏକତ୍ରିତ ହେଲେ ଝଗଡ଼ା ଆରମ୍ଭ ହୋଇଯାଏ, ମାତ୍ର ଜଲ୍‌ସାର ବ୍ୟବସ୍ଥାରେ ଅସାଧାରଣ ଶାନ୍ତି ଥିଲା ଏବଂ ଲୋକମାନେ ବହୁତ ଭଲ ଭାବରେ ପରସ୍ପର ସହିତ ମିଶୁଥିଲେ ଓ ପରସ୍ପରକୁ ସାକ୍ଷାତ୍ କରୁଥିଲେ ।" ସେ କୁହନ୍ତି: "ମୋ ପାଇଁ ନିଜର ଭାବନାକୁ ଶବ୍ଦରେ ବ୍ୟକ୍ତ କରିବା ସମ୍ଭବ ନୁହେଁ । ମୁଁ ନିଜକୁ ଜଣେ ଅମହଦି ମୁସଲମାନ କହିବାରେ ଏବେ ଆନନ୍ଦ ଅନୁଭବ କରୁଛି ।" ସେ କୁହନ୍ତି: "ମୋ ସ୍ୱାମୀଙ୍କୁ ବିଗତ ବର୍ଷ ଜଲ୍‌ସା ସାଲାନାରେ ଯୋଗଦେବାର ସୌଭାଗ୍ୟ ମିଳିଥିଲା ଏବଂ ସେହି ସମୟରେ ଉପସ୍ଥିତ ଖଲିଫା କହିଥିଲେ ଯେ, ନିଜ ସ୍ତ୍ରୀଙ୍କୁ ମଧ୍ୟ ଅମହଦିୟତ୍‌ର ବାର୍ତ୍ତା ପହଞ୍ଚାଅ ଏବଂ ଅଲ୍ଲାଃଙ୍କ ଅନୁଗ୍ରହରୁ ମୁଁ ଆଜି ପୂର୍ଣ୍ଣ ବିଶ୍ୱାସ ଓ ଗର୍ବର ସହିତ କହୁଛି ଯେ ମୁଁ ଜଣେ ଅମହଦି ମୁସଲମାନ ଅଟେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବୁଲଗେରିଆରୁ ସ୍ୱିଲେନ୍ ପେନ୍‌କୋଭ୍ (Svilen Penkov) ଯିଏ ଶ୍ରମ ଓ ସାମାଜିକ ନୀତି ମନ୍ତ୍ରଣାଳୟର ସେକ୍ରେଟରୀ ଜେନେରାଲ୍ (ସାଧାରଣ ସଚିବ) ଅଟନ୍ତି, ସେ କୁହନ୍ତି: "ମୁଁ ଜର୍ମାନୀର ବିଭିନ୍ନ ସହରରେ ଅନୁଷ୍ଠିତ ହୋଇଥିବା ଜଲ୍‌ସା ସାଲାନାରେ ଅନେକ ଥର ଯୋଗ ଦେଇଛି ମାତ୍ର ବ୍ରିଟେନ୍‌ର ଜଲ୍‌ସା ସାଲାନାର ଅନୁଭୂତି ନିଜର ବ୍ୟାପକତା ସଂଗଠନ ଏବଂ ଉଚ୍ଚମାନ ଦୃଷ୍ଟିରୁ ଅନନ୍ୟ ଓ ଅତୁଳନୀୟ ଥିଲା । ଯେଉଁ ଜିନିଷଟି ମୋତେ ଅଧିକ ପ୍ରଭାବିତ କଲା ତାହା ହେଉଛି ଜଲ୍‌ସାଗାହ୍‌ର ଅସାଧାରଣ ବ୍ୟାପକତା ଏବଂ ସେଠାରେ ସ୍ଥାପିତ ଅସ୍ଥାୟୀ ସହର । ସମସ୍ତ ମୌଳିକ ସୁବିଧା ଅତ୍ୟନ୍ତ ସୁନ୍ଦର ଭାବେ ଯୋଗାଇ ଦିଆଯାଇଥିଲା ଏବଂ ପଚାଶ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ଲୋକମାନେ ସେଠାରେ ଏକତ୍ରିତ ଥିଲେ । ଜଲ୍‌ସାରେ ହୋଇଥିବା ଉଦବୋଧନଗୁଡ଼ିକ ଅତ୍ୟନ୍ତ ତଥ୍ୟପୂର୍ଣ୍ଣ, ଜ୍ଞାନବର୍ଦ୍ଧକ ଓ ଉଚ୍ଚକୋଟୀର ଥିଲା। ବକ୍ତାମାନେ ଧାର୍ମିକ ଓ ବୈଜ୍ଞାନିକ ବିଷୟଗୁଡ଼ିକୁ ଅତ୍ୟନ୍ତ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ, ଯାଦ୍ୱାରାକି ଶ୍ରୋତାମାନଙ୍କ ଜ୍ଞାନ ଓ ବୋଧ ଶକ୍ତି ବୃଦ୍ଧି ପାଇଲା । ବିଭିନ୍ନ ପ୍ରଦର୍ଶନୀଗୁଡ଼ିକ ମୋତେ ବହୁତ ପ୍ରଭାବିତ କଲା ଏବଂ ସେଗୁଡ଼ିକ ଆଧୁନିକ ଆବଶ୍ୟକତା ଅନୁଯାୟୀ ଅତ୍ୟନ୍ତ ପେଶାଦାର ଶୈଳୀରେ ସଜ୍ଜିତ କରାଯାଇଥିଲା । ପିଲାମାନଙ୍କ ପାଇଁ ମଧ୍ୟ ସେଠାରେ ଶିକ୍ଷଣୀୟ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଥିଲା । ଏହି ଜିନିଷଗୁଡ଼ିକ ଆଗାମୀ ପିଢ଼ୀର ଗଠନ ତଥା ମାର୍ଗଦର୍ଶନ ପାଇଁ ଉତ୍ତମ ଅଟେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେନେଗାଲ୍‌ରୁ ଅହମଦ ଉବା ସାହେବ ତିଜାନିୟା ସମ୍ପ୍ରଦାୟ ସହ ସମ୍ପୃକ୍ତ ନିଜ ଅଞ୍ଚଳର ଧର୍ମଗୁରୁ ଅଟନ୍ତି, ସେ କୁହନ୍ତି: "ଏହି ଜଲ୍‌ସାର ଚମତ୍କାର ସଂଗଠନ ଓ ସାଂଗଠନିକ ବ୍ୟବସ୍ଥା ମୋତେ ବେଶ୍ ପ୍ରଭାବିତ କରିଛି । ଯେଉଁ ଶୈଳୀରେ ଏହି ଜଲ୍‌ସାଟି ଅନୁଷ୍ଠିତ ହେଲା ସୁରକ୍ଷାର ସର୍ବୋତ୍ତମ ବ୍ୟବସ୍ଥା, ଶ୍ରୋତାବର୍ଗଙ୍କ ଉଚ୍ଚ ନୈତିକତା, ସେମାନଙ୍କର ପ୍ରଜ୍ଞା ତଥା ବୌଦ୍ଧିକତା, ବିନୀତତା, ବିନମ୍ରତା, ବିଶେଷ କରି ଅମହଦିୟା ଜମାଅତ୍‌ର ସଦସ୍ୟମାନଙ୍କ ଉଚ୍ଚ ଚରିତ୍ର ମୋ ହୃଦୟରେ ଗଭୀର ପ୍ରଭାବ ଛାଡ଼ିଛି । ସେ କୁହନ୍ତି: "ପୂର୍ବରୁ ଜମାଅତ୍ ଅମହଦିୟା ବିଷୟରେ କେବଳ ଶୁଣିଥିଲି, ମାତ୍ର ଆଜି ନିଜ ଆଖିରେ ଏପରି ଏକ ଜମାଅତ୍‌କୁ ଦେଖି ବହୁତ ଖୁସି ହେଲି ଯିଏ ଅତ୍ୟନ୍ତ ସଂଗଠିତ, ଅତ୍ୟନ୍ତ ନିଷ୍ଠାବାନ୍ ଏବଂ ନିଜ ଖଲିଫାଙ୍କ ନିର୍ଦ୍ଦେଶକୁ ସମ୍ପୂର୍ଣ୍ଣ ରୂପେ ପାଳନ କରୁଛି । ସେ କୁହନ୍ତି: "ଏହା ତ' ମୋତେ ପୂର୍ବରୁ ହିଁ ଜଣାଥିଲା ଯେ, ଆପଣମାନେ ମାନବସେବା ପାଇଁ ବହୁତ କିଛି କରନ୍ତି । ଯେପରିକି ଦାନ, ପାନୀୟ ଜଳ, କୂପ ଖନନ, ମସ୍‌ଜିଦ୍ ନିର୍ମାଣ, ହସ୍ପିଟାଲ୍ ନିର୍ମାଣ ଓ ରୋଗୀ ଚିକିତ୍ସା, ରିଲିଫ୍ କାର୍ଯ୍ୟ ଓ ଅନ୍ୟାନ୍ୟ ଜନ କଲ୍ୟାଣକାରୀ ଯୋଜନା କରିଥାଆନ୍ତି । ମାତ୍ର ଆଜି ମୁଁ ଆପଣଙ୍କର ମାନବିକ ମୂଲ୍ୟବୋଧ, ମାନବିକ ପ୍ରଗତି ପାଇଁ ଉଦ୍ୟମ, ପ୍ରଜ୍ଞା, ମୌଳିକ ଶିକ୍ଷାର ପ୍ରସାର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରଦର୍ଶନୀରେ ଦେଖି ଆହୁରି ପ୍ରଭାବିତ ହେଲି । ବାସ୍ତବତା ଏହିକି ଯେ, ମୁଁ ଆପଣଙ୍କୁ ହୃଦୟର ଅତଳ ଗହ୍ୱରରୁ କୃତଜ୍ଞତା ଜ୍ଞାପନ କରୁଛି ।' ସେ କୁହନ୍ତି:" ଜମାଅତ୍‌ର ଇମାମ୍‌ଙ୍କ ସହ ମୋର ବୈଠକ ଏବଂ ସାକ୍ଷାତ୍ ହେଲା, ସେଥିରୁ ମଧ୍ୟ ମୋତେ ଜମାଅତ୍‌କୁ ବୁଝିବାର ଅନେକ ସୁଯୋଗ ମିଳିଲା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ସେନେଗାଲରୁ ସାଂସଦ (MP) ମୋରମାନ୍ କାବା ଜାକାଟେ ସାହେବ କୁହନ୍ତି: "ମୁଁ ନିଜ ଆଖିରେ ଦେଖିଲି ଯେ ଜନସେବା, ଆତ୍ମସମ୍ମାନ, ସାହସ ଓ ସଂକଳ୍ପ ଆପଣଙ୍କର ପ୍ରମୁଖ ଓ ଅନନ୍ୟ ବୈଶିଷ୍ଟ୍ୟତା ରହିଛି । ଶବ୍ଦଠାରୁ ବଳି ମୁଁ ଏଠାରେ ସେବାମୂଳକ ଇସ୍‌ଲାମ୍ ଦେଖିଲି । ଏପରି ହାତ ଦେଖିଲି ଯାହା ଦାନ କରେ, ଏପରି ହୃଦୟ ଦେଖିଲି ଯିଏ କ୍ଷମା କରେ, ଏବଂ ଏପରି ଦ୍ୱାର ଦେଖିଲି ଯାହା ସଦାସର୍ବଦା ଅନ୍ୟମାନଙ୍କ ପାଇଁ ଖୋଲା ରହିଥାଏ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କୋସୋଭୋରୁ ପ୍ରଫେସର ଡକ୍ଟର ହଲିଲ୍ ଇବ୍ରାହିମୀ (Halil Ibrahimi) ସାହେବ ନାମକ ଜଣେ ବିଶିଷ୍ଟ ଶିକ୍ଷାବିତ୍ ଅଟନ୍ତି । ମହୋଦୟ ଜଣେ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

ଅଲ୍ଲାଃତାଲା କୁହନ୍ତି: كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

ଅନୁବାଦ୍: ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

ତାଲିବେ ଦୁଆ: Amina Begum Saheba, W/o- Late Mianjan Khan, Jamat Ahmadiya Nargaon, Dist- Cuttack, (Odisha)

ଗବେଷକ ଓ ବିଶ୍ୱବିଦ୍ୟାଳୟ ପ୍ରଫେସର (ଅଧ୍ୟାପକ) ଏବଂ ନିଜର ଶିକ୍ଷାଗତ ଉଦ୍ୟମ ଓ ଗବେଷଣାତ୍ମକ କାର୍ଯ୍ୟକଳାପ ହେତୁ କୋସୋଭୋରେ ଅତ୍ୟନ୍ତ ସମ୍ମାନ ଚକ୍ଷୁର ସହିତ ଦେଖାଯାଆନ୍ତି । ସେ କୁହନ୍ତି: "ପ୍ରତ୍ୟେକ ବିଭାଗରେ ଶୃଙ୍ଖଳା, ସହଯୋଗ ଓ ତ୍ୟାଗର ଯେଉଁ ବ୍ୟବହାରିକ ଚିତ୍ର ଦେଖିବାକୁ ମିଳିଲା ତାହା ବାସ୍ତବରେ ପ୍ରଶଂସନୀୟ ଥିଲା । ତତ୍‌ସହିତ ପ୍ରତ୍ୟେକ ବ୍ୟକ୍ତିଙ୍କ ତରଫରୁ ମିଳିଥିବା ପ୍ରେମ, ଆନ୍ତରୀକତା, ସମ୍ମାନ ଓ ଉଦାରମୂଳକ ଅତିଥି ସତ୍କାର ଏହି ଅନୁଭୂତିକୁ ମୋ ପାଇଁ ଅବିସ୍ମରଣୀୟ କରିଦେଲା।" ସେ କୁହନ୍ତି: "ଏହି ଦିନମାନଙ୍କ ମଧ୍ୟରେ ବିଭିନ୍ନ ଉଦ୍‌ବୋଧନ, ଭାଷଣ ଶୁଣିବା ଏବଂ ବିଶେଷ କରି ଜମାଅତ୍ ଅହମଦିୟାର ଇମାମ୍‌ଙ୍କ ଉଦ୍‌ବୋଧନ ଶୁଣିବାର ସୁଯୋଗ ମୋତେ ମିଳିଲା । ତାଙ୍କ ସହିତ ସାକ୍ଷାତ୍ ମଧ୍ୟ ହେଲା । ଯେଉଁ ଜିନିଷଟି ମୋତେ ସବୁଠାରୁ ଅଧିକ ପ୍ରଭାବିତ କଲା ତାହା ହେଉଛି ଶାନ୍ତି, ଅନ୍ତର୍ଧର୍ମ ସୌହାର୍ଦ୍ଦ୍ୟ, ସହିଷ୍ଣୁତା, ମାନବିକ ସମାନତା, ପାରସ୍ପରିକ ସମ୍ମାନ ଏବଂ ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇ ଚାଲିବାର ଧାରଣା ଉପରେ କ୍ରମାଗତ ଓ ଅସାଧାରଣ ଗୁରୁତ୍ୱ ଥିଲା । ଆଜିର ଯୁଗରେ ଯେତେବେଳେ ବିଶ୍ୱର ଅନେକ ପ୍ରାନ୍ତରେ ଧାର୍ମିକ ଭୁଲ ବୁଝାମଣା, ଭ୍ରମ, ଅତିବାଦୀତା ଓ ଅସହିଷ୍ଣୁତା ଏକ ଗମ୍ଭୀର ଆହ୍ୱାନ ପାଲଟିଛି ସେଠାରେ ଏହି ବାର୍ତ୍ତାଗୁଡ଼ିକ ଅତ୍ୟନ୍ତ ମଧ୍ୟ ସମୟୋପଯୋଗୀ, ଆଶାଜନକ ଏବଂ ମାନବଜାତି ପାଇଁ ମାର୍ଗଦର୍ଶନ ପ୍ରଦାନ କରୁଥିବା ପରି ଅନୁଭୂତ ହୁଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ପେନରୁ ଜୁଆନ୍ ଆଣ୍ଟୋନିଓ ରେୟେସ୍ (Juan Antonio Reyes), ଯିଏ ପେଡ୍ରୋଆବାଦ୍‌ର ମେୟର୍ ଅଟନ୍ତି, ସେ କୁହନ୍ତି: "ଜଲ୍‌ସା ସାଲାନା ଆମକୁ ଏହା ଦେଖିବାର ସୁଯୋଗ ଦେଇଛି ଯେ, ଏହି ସମ୍ମିଳନୀ କେବଳ ବିଶ୍ୱାସର ଉତ୍ସବ ନୁହେଁ, ବରଂ ବିଭିନ୍ନ ଦେଶ, ସଂସ୍କୃତି ଓ ବାସ୍ତବତା ସହ ସମ୍ପୃକ୍ତ ଲୋକମାନଙ୍କ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଏକ ଅଦ୍ଭୁତ ଉଦାହରଣ ଅଟେ ଯାହା ଶାନ୍ତି, ସମ୍ମାନ ଓ ଭ୍ରାତୃତ୍ୱର ମିଳିତ ମୂଲ୍ୟବୋଧ ଅଧୀନରେ ଏକତ୍ରିତ ହୋଇଛି ।" ସେ କୁହନ୍ତି: "ବିଭିନ୍ନ ପ୍ରଦର୍ଶନୀ ଓ ସୂଚନାପୂର୍ଣ୍ଣ କାର୍ଯ୍ୟକ୍ରମ ମାଧ୍ୟମରେ ଅମହଦିୟା ମୁସ୍‌ଲିମ୍ ଜମାଅତ୍ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ କରାଯାଉଥିବା ସେବା ବିଷୟରେ ମଧ୍ୟ ମୁଁ ଜାଣିବାକୁ ପାଇଲି ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ଅଷ୍ଟ୍ରିଆରୁ ଦୁଇ ଜଣ ଆଇନଜୀବୀ ଅତିଥି କେରୋଲିନ୍ (Kerolin) ମହୋଦୟା ଏବଂ ହାନା (Hanna) ମହୋଦୟା ସାମିଲ୍ ହୋଇଥିଲେ । ସେମାନେ କୁହନ୍ତି ଯେ, ଜଲ୍‌ସା ସାଲାନାରେ ଅଂଶଗ୍ରହଣକୁ ଆମେମାନେ ନିଜର ଭାଗ୍ୟ ବୋଲି ମନେକରୁଛୁ । ବ୍ୟବସ୍ଥାଗୁଡ଼ିକୁ ଦେଖି ଆଶ୍ଚର୍ଯ୍ୟଚକିତ ହେଲୁ । ସବୁଆଡ଼େ ଶାନ୍ତିପୂର୍ଣ୍ଣ ପରିବେଶ ଥିଲା ।" ସେ କୁହନ୍ତି: "ମୁଁ ଜଲ୍‌ସାଗାହ୍ ଭିତରେ ଓ ବାହାରେ ସବୁଆଡ଼େ ବୁଲି ନିରୀକ୍ଷଣ କଲି । କୌଣସି କଳି ଝଗଡ଼ା ନଥିଲା, କୌଣସି ପାଟିତୁଣ୍ଡ ନଥିଲା । ଏତେ ଶାନ୍ତ ଓ ଶାନ୍ତିପ୍ରିୟ ଲୋକ ଦୁନିଆରେ ଅନ୍ୟ କେଉଁଠି ନାହାନ୍ତି। ପ୍ରତ୍ୟେକ ବ୍ୟକ୍ତି ପରସ୍ପରକୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଥିଲା । ପିଲାମାନଙ୍କୁ ପାଣି ପିଆଉଥିବାର ଦୃଶ୍ୟ ଦେଖି ମୋତେ ଭାରି ଖୁସି ଲାଗିଲା । ମୁଁ ହ୍ୟୁମାନ୍ ରାଇଟସ୍ (ମାନବାଧିକାର) ବୈଠକରେ ସାମିଲ ହେଲି । ସମ୍ପ୍ରଦାୟ ସାରା ବିଶ୍ୱରେ ଶାନ୍ତି ବିସ୍ତାର କରିବାର ଚିନ୍ତା ଏବଂ ଅଧିକାର ପ୍ରତିଷ୍ଠା କରିବାର ଚିନ୍ତା କେବଳ ଅମହଦିମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବରଂ ପ୍ରତ୍ୟେକ ପୀଡ଼ିତ ତଥା ନିର୍ଯାତିତମାନଙ୍କ ପାଇଁ ସ୍ୱରୋତ୍ତୋଳନ କରିବା ଏହା ଏକ ବଡ଼ କଥା ଅଟେ ଯଦ୍ଦ୍ୱାରାକି ମୁଁ ବହୁତ ପ୍ରଭାବିତ ହେଲି । ସେ ଏତେ ଅଧିକ ପ୍ରଭାବିତ ହୋଇଛନ୍ତି ଯେ, ନିଜର ପ୍ରଚାରକ (ମୁବଲ୍ଲିଗ୍)ମାନଙ୍କଠାରୁ ପ୍ରତିଶ୍ରୁତି ନେଇ ଯାଇଛନ୍ତି ଯେ, ମୁବଲ୍ଲିଗ୍ ସାହେବ ତାଙ୍କୁ ଆସନ୍ତା ବର୍ଷ ମଧ୍ୟ ଏଠାକୁ ନିଶ୍ଚିୟ ଆଣିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବୋଲିଭିଆରୁ ସାମ୍ବାଦିକ ଗାଇଡର୍ ଗିଲେନ୍ (Guider Guillen)ସାହେବ ନାମକ ଜଣେ ବ୍ୟକ୍ତି ଜଲସାକୁ ଆସିଥିଲେ । ସେ କୁହନ୍ତି ଯେ, ଜମାଅତେ ଅମହଦିୟା ମୁସ୍‌ଲିମାର ଜଲ୍‌ସା ସାଲାନାରେ ଯୋଗଦେବା ମୋ ପାଇଁ ଏକ ଚମତ୍କାରପୂର୍ଣ୍ଣ ଅନୁଭୂତି ଥିଲା । ସେହିପରି ମୁଁ ଅଭିଭାଷଣଗୁଡ଼ିକରୁ ମୁଁ ବେଶ୍ ପ୍ରଭାବିତ ହେଲି । ଜମାଅତ୍‌ର ଇମାମ୍‌ଙ୍କ ଉଦ୍‌ବୋଧନ ଦ୍ୱାରା ମୁଁ ବେଶ୍ ପ୍ରଭାବିତ ହେଲି।" ସେ କୁହନ୍ତି ଯେ, "ଏହା ଏପରି ଏକ ଜଲସା ଥିଲା ଯାହା ସର୍ବଦା ପାଇଁ ମୋ ଜୀବନରେ ଛାପି ହୋଇ ରହିବ ଏବଂ ଆମକୁ ଆମର ପ୍ରଭୁଙ୍କ ନିକଟତର କରାଇବାର ଓ ତାହାଙ୍କର କୃପା ଲାଭ କରିବାର ମାର୍ଗ ଦେଖାଇବ । ଅଲ୍ଲାଃତାଲା କରନ୍ତୁ କି ଆମେମାନେ ଇସ୍‌ଲାମ୍ ଧର୍ମର ବାର୍ତ୍ତାକୁ ମଧ୍ୟ ଗ୍ରହଣ କରୁଥିବା ବ୍ୟକ୍ତି ହୁଅନ୍ତୁ ।" ସେ କୁହନ୍ତି: "ବ୍ୟକ୍ତିଗତ ଭାବେ ଏହା ଦେଖିବାର ସୁଯୋଗ ମିଳିଲା ଯେ, ବର୍ଷ ବର୍ଷ ଧରି ଭୁଲ୍ ଭାବେ ଯେଉଁ ଅପପ୍ରଚାର କରାଯାଉଛି ଯେ ମୁସ୍‌ଲିମ୍ ମହିଳା ନିର୍ଯାତିତ, ପ୍ରତାଡ଼ିତ ଓ ଚାପର ଶିକାର ହୋଇଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା ଅଟେ । କିନ୍ତୁ ଏହାର ବିପରୀତରେ ଇସ୍‌ଲାମ୍ ଧର୍ମରେ ନାରୀମାନଙ୍କୁ ଯେଉଁ ସମ୍ମାନ, ସୁରକ୍ଷା ଓ ଗୁରୁତ୍ୱ ଦିଆଯାଏ ସେଥିରୁ ମୁଁ ବେଶ୍ ପ୍ରଭାବିତ ହୋଇଛି ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କୋସୋଭୋରୁ ଅଭ୍‌ନି ଜାଶାରୀ (Avni Jashari) ସାହେବ, ଯିଏ ଲିପ୍‌ଜାନ୍ ପୌରପାଳିକାର ଚିଫ୍ ଅଫ୍ କ୍ୟାବିନେଟ୍ ଅଟନ୍ତି, ସେ କୁହନ୍ତି ଯେ,"ଜମାଅତ୍‌ର ଇମାମ୍‌ଙ୍କ ଉଦବୋଧନ ଶୁଣିବାକୁ ମୋତେ ସୁଯୋଗ ମିଳିଲା ଏବଂ ଜଲ୍‌ସା ଆରମ୍ଭ ହେବା ପୂର୍ବରୁ ଗୁରୁବାର ରାତିରେ ସ୍ୱେଚ୍ଛାସେବୀମାନଙ୍କୁ ହୁଜୁର୍ ଉପଦେଶ ଦେଇଥିଲେ ଯେ, ଅତିଥିମାନଙ୍କ ସେବାକୁ ଏକ ମହାନ୍ ଦାୟିତ୍ୱ ମନେକରି ପ୍ରେମ, ବିନୀତତା, ନିଷ୍ଠା ଓ ଶ୍ରେଷ୍ଠ ନୈତିକତା ସହ ପାଳନ କରନ୍ତୁ ।" ସେ କୁହନ୍ତି: "ସେହି ସମୟରେ ମୋତେ ଏହି ଉପଦେଶ ବହୁତ ଭଲ ଲାଗିଥିଲା, ମାତ୍ର ମୋର ଅନୁମାନ ନଥିଲା ଯେ, ପରଦିନ ହିଁ ଏହାର ବ୍ୟବହାରିକ ଉଦାହରଣ ମୁଁ ମୋ ନିଜ ଆଖିରେ ଦେଖିବି ।" ସେ କୁହନ୍ତି: ମୋର ସ୍ୱାସ୍ଥ୍ୟ ହଠାତ୍ ଖରାପ ହୋଇଗଲା, ମୁଣ୍ଡ ବୁଲାଇବା ଆରମ୍ଭ ହେଲା, ବାନ୍ତି ହେଲା; ତୁରନ୍ତ ପ୍ରାଥମିକ ଚିକିତ୍ସା (ଫାର୍ଷ୍ଟ ଏଡ୍) କର୍ମଚାରୀମାନେ ମୋତେ ଦେଖିଲେ, ଛଅ ଜଣ ଡାକ୍ତର ମୋ ଚାରିପାଖରେ ଏକତ୍ରିତ ହୋଇଗଲେ । ଏପରି ଅନୁଭୂତ ହେଲା ଯେପରି ମୁଁ ନିଜ ଘରେ ଅଛି । ତେଣୁ ସେହି ମୁହୂର୍ତ୍ତରେ ମୋତେ ଅନୁଭବ ହେଲା ଯେ ଖଲିଫତୁଲ୍ ମସିହ୍‌ଙ୍କ ନିର୍ଦ୍ଦେଶ କେବଳ ଶବ୍ଦ ନଥିଲା ବରଂ ତାହା ପ୍ରତ୍ୟେକ ସ୍ୱେଚ୍ଛାସେବୀମାନଙ୍କ ବ୍ୟବହାରିକ ଜୀବନର ଏକ ଅଂଶବିଶେଷ ଥିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜାପାନରୁ ହିରୋୟୁକି ଆଇୱାମୋଟୋ (Hiroyuki Iwamoto) ସାହେବ କୁହନ୍ତି ଯେ, "ମୋ ପାଇଁ ଏହା ବହୁତ ଅବିସ୍ମରଣୀୟ ଯାତ୍ରା ଥିଲା । ମୋ ଜଲ୍‌ସାର ପରିବେଶକୁ ପ୍ରେମ ଓ ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ରୂପେ ଅନୁଭବ କଲୁ । ସେବା କରୁଥିବା ସ୍ୱେଚ୍ଛାସେବୀ କର୍ମୀମାନଙ୍କ ଉତ୍ସାହ, ଜଳପାନ କରାଉଥିବା (ପାଣି ପିଆଉଥିବା) ଶିକ୍ଷାର୍ଥୀ ତଥା ଶିଶୁମାନଙ୍କ ସେବାର ଶୈଳୀ ଏବଂ ଖିଲାଫତ୍ ସହିତ୍ ଜମାଅତ୍‌ର ସମ୍ପର୍କ ଓ ଆପଣ ଅ.ବଙ୍କୁ ଦେଖିବାର ଉତ୍କଣ୍ଠା ଓ ବ୍ୟାକୁଳତା ଇତ୍ୟାଦି ଅତ୍ୟନ୍ତ ଚମତ୍କାରପୂର୍ଣ୍ଣ ଅନୁଭୂତି ଥିଲା ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲେବ୍‌ନାନରୁ ଆଉ ଜଣେ ବନ୍ଧୁ ଅଟନ୍ତି ଏବଂ ଆଉ ଜଣେ ବେଲ୍‌ଜିୟମର ନିବାସୀ ଅଟନ୍ତି । ସେ କୁହନ୍ତି: "ଯେହେତୁ ମୁଁ କୂଟନୈତିକ କୋର୍ (ଡିପ୍ଲୋମାଟିକ୍ କୋର୍)ରେ କାର୍ଯ୍ୟ କରେ ଏବଂ ମୁଁ ବିଶ୍ୱର ବିଭିନ୍ନ ସ୍ଥାନରେ ଯେଉଁଠାରେ ବଡ଼ ବଡ଼ ସମ୍ମିଳନୀ ଅନୁଷ୍ଠିତ ହୁଏ ସେ କତର୍ ହେଉ, ବ୍ରସେଲସ୍ ହେଉ କିମ୍ବା ଅନ୍ୟ ବଡ଼ ବଡ଼ ସ୍ଥାନଗୁଡ଼ିକ ହେଉ ମୁଁ ସେଠାକୁ ଯାଏ । ମାତ୍ର ମୁଁ କେଉଁଠାରେ ହେଲେ ଏହି ଜଲ୍‌ସା ପରି ଏତେ ଉଚ୍ଚକୋଟୀର ଓ ସଂଗଠିତ କାର୍ଯ୍ୟକ୍ରମ ଦେଖିନାହିଁ ଯେ, ପଚାଶ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ଅଛନ୍ତି । କେହି କାହାକୁ ଠେଲୁ ନାହାନ୍ତି କି କେହି କାହାକୁ ଗାଳି ଦେଉ ନାହାନ୍ତି। ପ୍ରତ୍ୟେକ ବ୍ୟକ୍ତି ସମ୍ମାନ ଓ ପ୍ରେମର ସହିତ ମିଶୁଛନ୍ତି ଏବଂ ଇସଲାମ୍ ଧର୍ମର ଯେଉଁ ଭ୍ରାତୃତ୍ୱମୂଳକ ଶିକ୍ଷା ରହିଛି ତାହା ମୁଁ ବ୍ୟବହାରିକ ରୂପେ ଏଠାରେ ଦେଖିବାକୁ ପାଇଛି । ସେହିପରି ପବିତ୍ର କୁରଆନ୍‌ର ଯେଉଁ ଶିକ୍ଷା ରହିଛି ଯେ, "لَاۤ اِكۡرَاهَ فِی الدِّیۡنِ" **(ଅଲ୍ ବକ୍‌ରାହ୍: 257)** ଅର୍ଥାତ୍ ଧର୍ମରେ କୌଣସି ବାଧ ବାଧକତା ନାହିଁ । ଏହି ଦୃଶ୍ୟ ମୋତେ ବ୍ୟବହାରିକ ରୂପେ ଏହି ଜଲ୍‌ସାରେ ଦୃଶ୍ୟମାନ ହେଲା ଯେ, ଏଠାରେ ଅନ୍ୟ ଧର୍ମର ଲୋକମାନେ ମଧ୍ୟ ଆସୁଛନ୍ତି, ସେମାନ ଏଠାରେ ରହୁଛନ୍ତି। ସେମାନଙ୍କର ମଧ୍ୟ ଆଦର ସତ୍କାର କରାଯାଉଛି ଏବଂ ସେମାନେ ଆନନ୍ଦରେ ସ୍ୱାଧୀନ ଭାବେ ବୁଲୁଛନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆର୍ଜେଣ୍ଟିନାରୁ "ସର୍ଜିଓ ରୁବିନ୍" (Sergio Rubin) ସାହେବ ମଧ୍ୟ ଏଠାରେ (ଏହି ଜଲ୍‌ସାରେ) ସାମିଲ ହୋଇଥିଲେ । ଦେଶର ସବୁ ଠାରୁ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସମ୍ବାଦପତ୍ର 'କ୍ଲାରିନ୍' (Clarin)ରେ ସେ ଧାର୍ମିକ ବ୍ୟାପାରର ଚିଫ୍ ଏଡ଼ିଟର (ମୁଖ୍ୟ ସମ୍ପାଦକ) ଅଟନ୍ତି ସେ କୁହନ୍ତି: "ଆସିବା ପୂର୍ବରୁ ଯେତେବେଳେ ମୁଁ ନିଜ ସମ୍ବାଦପତ୍ରକୁ ଏହି ଜଲ୍‌ସାରେ ଯୋଗଦେବା ବିଷୟରେ ସୂଚନା ଦେଲି ସେତେବେଳେ ମୋର ଅନେକ ସହକର୍ମୀ (colleagues) ଇସ୍‌ଲାମ ଧର୍ମ ବିରୁଦ୍ଧରେ ଥିବା ସାଧାରଣ ପକ୍ଷପାତିତା ହେତୁ ମୋତେ ପରାମର୍ଶ ଦେଲେ ଯେ, ଦେଖ ବନ୍ଧୁ ! ତୁମେ ନିଜ ନିଷ୍ପତ୍ତି ଉପରେ ପୁନର୍ବିଚାର କର । ସେ ଯାହାହେଉ, ଯେତେବେଳେ ମୁଁ ଜଲ୍‌ସାର ପରିବେଶକୁ ପ୍ରତ୍ୟକ୍ଷ ନିରୀକ୍ଷଣ କଲି ସେତେବେଳେ ଜଣାପଡ଼ିଲା ଯେ ଇସ୍‌ଲାମ୍ ଧର୍ମ ଏକ ଶାନ୍ତିପ୍ରିୟ ଧର୍ମ ହେବାର ଶ୍ରେଷ୍ଠ ପ୍ରମାଣ ଆପଣଙ୍କ ଜମାଅତ୍ ନିଜେ ଏବଂ ଆପଣଙ୍କ ଜଲ୍‌ସାର ଏହି ଶାନ୍ତିପୂର୍ଣ୍ଣ ପରିବେଶ ଉପସ୍ଥାପିତ କରୁଛି । ଏତେ ବଡ଼ ଓ ବିଶାଳ ଜନସମୁଦ୍ର ସତ୍ତ୍ୱେ ସବୁଆଡ଼େ ଶାନ୍ତି ଓ ସୁରକ୍ଷାର ପରିବେଶ ଥିଲା ।" ସେ କୁହନ୍ତି, "ଜଲ୍‌ସାର ଶେଷ ଦିନ ସେମାନେ ଟିଭି ଚ୍ୟାନେଲ୍ TNରେ ଜଲ୍‌ସାର ସିଧା ସଳଖ ପ୍ରସାରଣ (ଲାଇଭ୍) କଲେ, ଯାହା ଫଳରେ ଦର୍ଶକମାନଙ୍କୁ ମଧ୍ୟ ଏହି ପରିବେଶ ଦୃଶ୍ୟମାନ ହୋଇପାରିବ ଏବଂ ଏହି କଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଗଲା ଯେ, ଇସ୍‌ଲାମ୍ ଧର୍ମ ଏକ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷାପୂର୍ଣ୍ଣ ଧର୍ମ ଅଟେ ଏବଂ ଜମାଅତ୍‌କୁ ଏକ ପ୍ରମାଣ ରୂପେ ଉପସ୍ଥାପନ କରାଗଲା । ସେ ନିଜେ କ୍ୟାଥୋଲିକ୍ ସଂପ୍ରଦାୟର ବ୍ୟକ୍ତି ଅଟନ୍ତି । ସେ କୁହନ୍ତି: "ଆପଣଙ୍କ ଖଲିଫାଙ୍କ ଜଲ୍‌ସାର ଉଦ୍‌ଘାଟନୀ ଉଦ୍‌ବୋଧନ ମୋତେ ପସନ୍ଦ ଆସିଲା । ଉକ୍ତ ଉଦ୍‌ବୋଧନରେ ଆପଣ ଅ.ବ ଧର୍ମ ପରାୟଣତା ବିଷୟରେ କହିଲେ ଯାହା ପ୍ରତ୍ୟେକ ଧର୍ମର ମୂଳସାର ଅଟେ ।" ସେ କୁହନ୍ତି, "ଜଣେ ଖ୍ରୀଷ୍ଟିୟାନ୍ ଭାବେ ଏହି ଦିଗରୁ ମୋତେ ନିଜ ଜ୍ଞାନ ଓ ପରିଚୟ ବୃଦ୍ଧି କରିବାର ବେଶ୍ ସୁଯୋଗ ମଧ୍ୟ ମିଳିଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଲିଥୁଆନିଆରୁ ଶ୍ରୀମତୀ ସ୍ୱେତଲାନା ମାର୍କେଭିସିଏନେ (Mrs. Svetlana Markeviciene) କୁହନ୍ତି ଯେ, "ଜଲ୍‌ସା ସାଲାନା ଅବସରରେ ମୁସଲମାନମାନଙ୍କ ମଧ୍ୟରେ ରହି ସେମାନଙ୍କର ରୀତିନୀତି ନିକଟରୁ ଦେଖିବାର ସୁଯୋଗ ମିଳିଲା । ଅନେକ କିଛି ନୂଆ କଥା ଶିଖିଲି । ଜମାଅତ୍‌ର ଇମାମ୍‌ଙ୍କ ମହିଳାମାନଙ୍କ ପ୍ରତି ଉଦ୍‌ବୋଧନ ଶୁଣି ଇସ୍‌ଲାମ ଧର୍ମରେ ମହିଳାମାନଙ୍କ ସ୍ଥାନ ବିଷୟରେ ମୋର ଅନେକ ଭୁଲ୍ ଅବଧାରଣା ରହିଥିଲା ତାହା କ୍ରମଶଃ ଦୂର ହେଲା । ଏହା ଜାଣି ମୋତେ ବହୁତ ଖୁସି ଲାଗିଲା ଯେ, ଇସ୍‌ଲାମ୍ ଧର୍ମ ମହିଳାମାନଙ୍କୁ ସମ୍ମାନ, ସୁରକ୍ଷା ଓ ସେମାନଙ୍କର ମୌଳିକ ଅଧିକାରର ଶିକ୍ଷା ଦିଏ । ଉଦ୍‌ବୋଧନଟି ଅତ୍ୟନ୍ତ ସନ୍ତୁଳିତ, ଯୁକ୍ତିଯୁକ୍ତ, ମର୍ମରସ୍ପର୍ଶୀ ଓ ହୃଦୟସ୍ପର୍ଶୀ ଥିଲା । ଏହା ମୋତେ ଇସ୍‌ଲାମ୍ ଧର୍ମ ବିଷୟରେ ଆହୁରି ସକାରାତ୍ମକ ଭାବେ ଚିନ୍ତା କରିବାର ସୁଯୋଗ ପ୍ରଦାନ କଲା ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱିଜରଲ୍ୟାଣ୍ଡରୁ ଜାତିସଂଘ (UN)ର ମାନବାଧିକାର ପରାମର୍ଶଦାତା ଜ୍ୟୁଲିଆ ପ୍ରାତେସୀ (Giulia Pratesi) କୁହନ୍ତି: "ମୋ ପାଇଁ ଏହା ଏକ ଅନନ୍ୟ

ଅନୁଭୂତି ଥିଲା ଏବଂ ସମ୍ମିଳନୀରେ ଯୋଗଦେବା ଦ୍ୱାରା ମୋତେ ଏପରି ଏକ ଧାର୍ମିକ ସମ୍ପ୍ରଦାୟକୁ ଅତି ନିକଟରୁ ଦେଖିବା ଓ ବୁଝିବାର ସୁଯୋଗ ମିଳିଲା ଯାହା ବିଷୟରେ ପୂର୍ବରୁ ମୋର ସୂଚନା ସୀମିତ ଥିଲା । ସ୍ୱେଚ୍ଛାସେବୀ ଓ ଅଂଶ ଗ୍ରହଣକାରୀଙ୍କ ଅତିଥି ସତ୍କାର, ଉତ୍ତମ ଆଚରଣ ଓ ସହଯୋଗ ମୋତେ ବେଶ୍ ପ୍ରଭାବିତ କଲା । ପ୍ରତ୍ୟେକ ବ୍ୟକ୍ତି ଅତ୍ୟନ୍ତ ହସ ଖୁସିରେ ମିଶୁଥିଲେ । ପ୍ରଶ୍ନର ଉତ୍ତର ମଧ୍ୟ ଦେଉଥିଲେ ଏବଂ ସଦା ସର୍ବଦା ଆମ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ରହୁଥିଲେ । ଯାହା ଫଳରେ ମୋତେ ଜମାଅତେ ଅମହଦିୟା ମୁସ୍‌ଲିମାର ଇତିହାସ, ପରମ୍ପରା ଓ ମୌଳିକ ମୂଲ୍ୟବୋଧକୁ ଶ୍ରେଷ୍ଠ ଶୈଳୀରେ ବୁଝିବାର ସୁଯୋଗ ମିଳିଲା । ବିଭିନ୍ନ ପ୍ରଦର୍ଶନୀଗୁଡ଼ିକରେ ମଧ୍ୟ ସେ ପ୍ରଶଂସା କରିଛନ୍ତି ଯେ, ବହୁତ ଆକର୍ଷଣୀୟ ପ୍ରଦର୍ଶନୀ ଥିଲା, ଯେଉଁଥିରେ ଇତିହାସ, ମାନବସେବା ଯୋଜନା ଓ ପ୍ରତ୍ୟେକ କ୍ଷେତ୍ରରେ ଏହାର ସେବାକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା । ମହିଳାମାନଙ୍କ ଭୂମିକା ସମ୍ବନ୍ଧୀୟ ପ୍ରଦର୍ଶନୀ ମୋ ପାଇଁ ବିଶେଷ ଭାବେ ଜ୍ଞାନବର୍ଦ୍ଧକ ସାବ୍ୟସ୍ତ ହେଲା । କାରଣ ଏହା ସେହି ବିଷୟକୁ ଜମାଅତ୍‌ର ନିଜସ୍ୱ ଦୃଷ୍ଟିକୋଣକୁ ବୁଝିବାର ସୁଯୋଗ ପ୍ରଦାନ କଲା ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଟୁରିନ୍, ଇଟାଲୀରୁ ପ୍ରଫେସର ଫେଡେରିକା ସୋନା (Federica Sona) ମହୋଦୟା କୁହନ୍ତି ଯେ, "ଜଲସା ସାଲାନାରେ ତାଙ୍କୁ ଦୂରଦୃଷ୍ଟି ଓ ଆଧ୍ୟାତ୍ମିକତାର ଏକ ସୁନ୍ଦର ସମ୍ମିଶ୍ରଣ ଦେଖାଗଲା । ଯୁକ୍ତିଯୁକ୍ତ ଦୃଷ୍ଟିକୋଣରୁ ଦେଖିଲେ ଆଶ୍ଚର୍ଯ୍ୟଜନକ କଥା ଏହା ଥିଲା ଯେ, ସମସ୍ତ ବ୍ୟବସ୍ଥା ଅତ୍ୟନ୍ତ ସୁନ୍ଦର ଓ ଶୃଙ୍ଖଳିତ ଭାବେ ଚାଲିଥିଲା, ଯେପରିକି ପବନ ନିଜ ସାଙ୍ଗରେ ସମସ୍ତ ବ୍ୟବସ୍ଥାକୁ ବହନ କରି ଚାଲିଛି । ଛୋଟରୁ ଛୋଟ ସ୍ୱେଚ୍ଛାସେବୀମାନଙ୍କ ଠାରୁ ଆରମ୍ଭ କରି (ଯିଏ ପାଣି ପିଆଇବା ଡ୍ୟୁଟିରେ ନିଯୁକ୍ତ ହୋଇଥିଲେ) ବରିଷ୍ଠ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ସଦ୍‌ଉଦ୍ଦେଶ୍ୟ, ଅତିଥି ସତ୍କାର, ନମ୍ରତା ଓ ହସ ସମାନ ଥିଲା । ଭାବନାତ୍ମକ ଭାବେ ମୁଁ କହୁଛି ଯେ, ଏକ ବଡ଼ ଆନ୍ତର୍ଜାତୀୟ ପରିବାରରେ ମୋତେ ସ୍ୱାଗତ ଜଣାଉଥିଲା । ଏପରି ଲାଗୁଥିଲା ଯେପରିକି ଅତିଥିମାନଙ୍କୁ ଆନନ୍ଦର ସହକାରେ ଗ୍ରହଣ କରାଯାଉଛି ଏବଂ ଧ୍ୟାନ ଓ ପ୍ରେମର ସହିତ ବ୍ୟବହାର ପ୍ରଦର୍ଶନ କରାଯାଉଛି । ସେ କୁହନ୍ତି: ମୋର ସାକ୍ଷାତ୍ ଅନେକ ପୁରୁଷ, ମହିଳା ଓ ପିଲାମାନଙ୍କ ସହିତ ହେଲା, ଯେଉଁମାନେ ତାଙ୍କ (ଅତିଥିଙ୍କ) ସହିତ ହସ ବାଣ୍ଟିଲେ, ରାସ୍ତା ଖୋଜିବାରେ ସାହାଯ୍ୟ କଲେ କିମ୍ବା ନିଜ ଜୀବନର ଅନୁଭୂତି କେବେ ଯନ୍ତ୍ରଣାଦାୟକ, କେବେ ଆନନ୍ଦଦାୟକ ଓ କେବେ ଆଲୋକପାତକାରୀ ରୂପେ ବ୍ୟକ୍ତ (ପରିପ୍ରକାଶ) କଲେ ।" ବିଶେଷ କରି ଆଧ୍ୟାତ୍ମିକ ଓ ସୂକ୍ଷ୍ମ ଦିଗଗୁଡ଼ିକର ଚର୍ଚ୍ଚା କରି ସେ କୁହନ୍ତି ଯେ, ସ୍ୱଷ୍ଟ ସ୍ୱପ୍ନରେ ପୂର୍ବ ସୂଚନା ଭଳି ଘଟଣା ଯାହା କେତେକ ବନ୍ଧୁମାନେ ତାଙ୍କ ସହିତ ସେୟାର କଲେ । ଏଥିରୁ ସେ ବେଶ୍ ପ୍ରଭାବିତ ହୋଇଛନ୍ତି । ସେ କୁହନ୍ତି ଯେ,"ଏହି ଜମାଅତ୍ ଏପରି ଏକ ବଡ଼ ଓ ଏକତ୍ରିତ ପରିବାର ଅଟେ ଯାହା ଭୌଗୋଳିକ ସୀମାଠାରୁ ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ଅଟେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେନାପ୍ ଆୟଦିନ୍ (Cenap Aydin) ସାହେବ, ଯିଏ ରୋମ୍‌ରେ ଧର୍ମଗୁଡ଼ିକର ସମାଜଶାସ୍ତ୍ର (ସୋସିଓଲୋଜି)ର ବିଶାରଦ ଅଟନ୍ତି, ସେ କୁହନ୍ତି: "ସର୍ବ ପ୍ରଥମେ ଯେଉଁ ଜିନିଷଟି ଦେଖାଯାଏ, ତାହା ହେଉଛି ଉଗ୍ର ଜାତୀୟତାବାଦ, ଭାଷା ଓ ସଂସ୍କୃତି ଗୋଟିଏ ସ୍ଥାନରେ ଏକତ୍ରିତ ହୋଇଛନ୍ତି । ବିଭିନ୍ନ ଦେଶର ପତାକାକୁ ଜମାଅତ୍‌ର ପତାକା ସହ ଉଡ଼ାଇବାର ଉତ୍ସବ ଆନ୍ତର୍ଜାତୀୟ ଏକତାକୁ ପ୍ରଦର୍ଶିତ କରିଥାଏ। ଅର୍ଥାତ୍ ଏପରି ଏକ ଛୋଟ ଦୁନିଆ ଯେଉଁଠାରେ ବିଭିନ୍ନ ଜାତି ନିଜର ସ୍ୱତନ୍ତ୍ରତା ନଷ୍ଟ ନକରି ଏକାଠି ରହୁଛନ୍ତି ।"ସେ କୁହନ୍ତି, "ଧାର୍ମିକ ସମାଜଶାସ୍ତ୍ରର ଛାତ୍ର ଭାବେ ମୋତେ ଏହା ଦେଖିବାର ସୁଯୋଗ ମିଳିଲା ଯେ, ଏକ ଧାର୍ମିକ ସମ୍ପ୍ରଦାୟ କିପରି ସ୍ଥାନୀୟ ପରିଚୟ ଏବଂ ଆନ୍ତର୍ଜାତିକ ଏକତାକୁ ଏକାଠି ନେଇ ଚାଲିପାରିବ ? ସେହିପରି ଅତିଥି ସତ୍କାରର ସେ ଉଚ୍ଚ ପ୍ରଶଂସା କଲେ ଓ ସ୍ୱେଚ୍ଛାସେବୀ କର୍ମୀମାନମାନଙ୍କର ମଧ୍ୟ ଉଚ୍ଚ ପ୍ରଶଂସା କଲେ । ହୁଜୁର୍ ଅନୱର୍ ଅ.ବ କହିଲେ, କାନାଡ଼ାର ଷ୍ଟୋନି ନାକୋଡା (Stoney Nakoda) ଫାର୍ଷ୍ଟ ନେସନ୍‌ରୁ ଅଟନ୍ତି । ତାଙ୍କ ନାମ ରେଭରେଣ୍ଡ ଟୋନି ସ୍ନୋ (Rev. Tony Snow) ସାହେବ ଅଟେ । ସେ କୁହନ୍ତି: "ଏତେ ବଡ଼ ବିଶାଳ ସମ୍ମିଳନୀ ଦେଖିବା ମୋ ପାଇଁ ବେଶ୍ ଆକର୍ଷଣୀୟ ଥିଲା । ଏଠାରେ ସର୍ବୋତ୍ତମ ବ୍ୟବସ୍ଥା କରାଯାଇଥିଲା ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସାମର୍ଥ୍ୟ ଅନୁଯାୟୀ କାର୍ଯ୍ୟଗୁଡ଼ିକୁ ଚଳାଇବା ତଥା ସମ୍ପାଦନ କରିବା ପାଇଁ ପୂର୍ଣ୍ଣ ପ୍ରଚେଷ୍ଟା କରୁଥିଲା ।" ସେ କୁହନ୍ତି: "ଏହି କାର୍ଯ୍ୟ ସହଜ ନୁହେଁ, ମାତ୍ର ଯେଉଁ ମନୋଭାବ ସହିତ ଏହି କାର୍ଯ୍ୟ ସମ୍ପାଦିତ ହେଉଥିଲା ତହିଁରୁ ମୁଁ ବେଶ୍ ପ୍ରଭାବିତ ହୋଇଛି । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତୁର୍କୀରୁ ଅଣଅମହଦି ଅତିଥି ପ୍ରଫେସର ମେଟିନ୍ ବୋଜାନ୍ (Metin Bozan) ସାହେବ, ଯିଏ ଦିଜ୍‌ଲା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଟନ୍ତି ଏବଂ ଇସ୍‌ଲାମ୍‌ର ଧର୍ମ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଅଟନ୍ତି। ସେ ନିଜ ତତ୍ତ୍ୱାବଧାନରେ ଜମାଅତ୍ ବିଷୟରେ ଛାତ୍ରମାନଙ୍କୁ ଗବେଷଣାତ୍ମକ ପ୍ରବନ୍ଧ (ଥେସିସ୍) ମଧ୍ୟ ଲେଖାଇ ସାରିଛନ୍ତି । ସେ କୁହନ୍ତି ଯେ, "ଜଲ୍‌ସାର ପ୍ରତ୍ୟେକ ବ୍ୟବସ୍ଥା ଓ ପ୍ରତ୍ୟେକ କାର୍ଯ୍ୟରେ ପୂର୍ଣ୍ଣ ଶୃଙ୍ଖଳା ଦେଖାଗଲା ।" ସେ ଆଗକୁ ମଧ୍ୟ କୁହନ୍ତି ଯେ, "ଆମର ତ' ମୌଳିକ ନୀତି ହେଉଛି ଯେ, ଯେଉଁ ବ୍ୟକ୍ତି ମଧ୍ୟ ଅଲ୍ଲାହ୍‌ତାଲା, ରସୁଲ୍ ସ.ଅ ଏବଂ ପରଲୋକ ଭଳି ବିଶ୍ୱାସ ଓ ଇସଲାମର ସର୍ତ୍ତଗୁଡ଼ିକୁ ମାନେ, ଆମେ ତାହାକୁ ମୁସଲମାନ ବୋଲି ମନେକରୁ ଏବଂ ତାହାକୁ କାଫିର୍ (ଅଧର୍ମୀ) ଘୋଷଣା କରିବା ବୈଧ ବୋଲି ମନେକରୁ ନାହୁଁ । ତେଣୁ ଆମ ନଜରରେ (ଦୃଷ୍ଟିରେ) ଅମହଦିମାନେ ମଧ୍ୟ ମୁସଲମାନ ଅଟନ୍ତି ।" ଏପରି ହୁଅନ୍ତା କି ! ପାକିସ୍ତାନୀ ଧର୍ମଗୁରୁ ଏବଂ ବିଦ୍ୱାନ୍‌ମାନଙ୍କୁ ମଧ୍ୟ ଏହି କଥା ବୁଝାପଡ଼ନ୍ତା ।" ମହୋଦୟ ପୁନଶ୍ଚ କହିଲେ ଯେ, ଜମାଅତ୍‌ର ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ପାଇଁ ଉଦ୍ୟମକୁ ମୁଁ ବେଶ୍ ପ୍ରଶଂସା କରୁଛି। ସେହିପରି ସେ ପ୍ରତ୍ୟେକ ଅବସରରେ ମହିଳା ଓ ପୁରୁଷମାନଙ୍କର ଅଲଗା ଅଲଗା ବ୍ୟବସ୍ଥା ଦେଖିଲେ ଏବଂ ସେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ, ଜମାଅତ୍‌ରେ ଇସ୍‌ଲାମୀୟ ପରଦାର ଶିକ୍ଷାର ବିଶେଷ ଧ୍ୟାନ ରଖାଯାଏ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଫ୍ରାନ୍ସରୁ ଥାଏରୀ ଭାଲେ (Thierry Valle) ସାହେବ, ଯିଏ Coordination of Associations and Individuals for Freedom of Conscienceର ଅଧ୍ୟକ୍ଷ ଅଟନ୍ତି, ସେ କହନ୍ତି ଯେ, "ନିଷ୍କଳଙ୍କ ବା ଖୁଣହୀନ ବ୍ୟବସ୍ଥା ଥିଲା । ଶାନ୍ତିପୂର୍ଣ୍ଣ ପରିବେଶ ଥିଲା, ବହୁତ ଶାନ୍ତି ଥିଲା । ଜମାଅତ୍‌ର ଧର୍ମାଧିକଙ୍କ ଅନ୍ତିମ ଉଦ୍‌ବୋଧନ ବାସ୍ତବରେ ଏକ ମହାନ ଆଲୋକବର୍ତ୍ତିକା ଏବଂ ହୃଦୟକୁ ପ୍ରଭାବିତ କଲାଭଳି ଥିଲା । ଏହା ଆମକୁ ସେହି ଉଚ୍ଚ ମାନର କଥା ସ୍ମରଣ କରାଇଦେଲା ଯାହା ଆମକୁ ନିଜ ପାଇଁ ସ୍ଥାପନ କରିବା ଉଚିତ୍ ଏବଂ ସେହି ଶାନ୍ତିପୂର୍ଣ୍ଣ ଦୁନିଆର ଅନୁଭୂତି ଦେଲା ଯାହାର ନିର୍ମାଣ ପାଇଁ ଆମ ସମସ୍ତଙ୍କୁ ଚେଷ୍ଟା କରିବା ଉଚିତ୍ ।" ସେ ପୁନଶ୍ଚ କୁହନ୍ତି ଯେ, "ମୁଁ ଅଶେଷ ଅଶେଷ ଧନ୍ୟବାଦ (କୃତଜ୍ଞତା ଜ୍ଞାପନ କରୁଛି) ଜଣାଉଛି ଯେ, ଏଠାକୁ ଆସି ମୋତେ ଏହା ଅନୁଭବ ହେଲା ଯେ, ଜମାଅତ୍ ଅହମଦିୟା ସଂସାରରେ ଶାନ୍ତି, ପ୍ରେମ ଓ ଭ୍ରାତୃତ୍ୱତାର ଯେଉଁ ବାର୍ତ୍ତା (ସନ୍ଦେଶ) ଦିଏ ତାହାର ବ୍ୟବହାରିକ ପ୍ରମାଣ ଏହି ରୂପରେ ଦେଖାଗଲା ଯେ, ଶହେରୁ ଊର୍ଦ୍ଧ୍ୱ ଦେଶର ଲୋକମାନେ ଗୋଟିଏ ଫୁଲତୋଡ଼ା ପରି ଏକତ୍ରିତ ହୋଇଛନ୍ତି । ଏହାର ବାସ୍ନା ମୁଁ ନିଜେ ଅନୁଭବ କଲି ।" ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ବେଲ୍‌ଜିୟମ୍‌ରୁ ଜଣେ ସାମ୍ବାଦିକ କୁହନ୍ତି: ମୁଁ ପୂର୍ବେ ମଧ୍ୟ ସାମିଲ ହୋଇଛି, ମାତ୍ର ଚଳିତ ବର୍ଷ ଜମାଅତ୍‌ର ଇମାମ୍(ଧର୍ମାଧିକ୍ଷ)ଙ୍କ ମହିଳାମାନଙ୍କ ସଂପର୍କରେ ଉଦ୍‌ବୋଧନରୁ ମୁଁ ବେଶ୍ ପ୍ରଭାବିତ ହେଲି । ଉକ୍ତ ଉଦ୍‌ବୋଧରେ ଆପଣ ଅ.ବ ମହିଳାମାନଙ୍କୁ ଉତ୍ସାହିତ (encourage) କଲେ ଯେ, କେବଳ ଧାର୍ମିକ ଜ୍ଞାନ ନୁହେଁ ବରଂ ସାଂସାରିକ ଜ୍ଞାନ ମଧ୍ୟ ହାସଲ କରନ୍ତୁ ଏବଂ ସଂସାରର ପ୍ରତ୍ୟେକ କ୍ଷେତ୍ରରେ ଆଗେଇ ଚାଲନ୍ତୁ । "

ସେହିପରି ଜାପାନରୁ ପ୍ରଫେସର୍ ମାଇନେ ସାକି ହିରୋକୋ (Minesaki Hiroko) ମହୋଦୟା । ସେ ଜମାଅତେ ଅମହଦିୟା ଉପରେ ଏକ ଗବେଷଣାତ୍ମକ ପୁସ୍ତକ ମଧ୍ୟ ଲେଖିଛନ୍ତି, ଯାହା ପାଇଁ ସେ ରବୱା ମଧ୍ୟ ଯାଇଥିଲେ, କାଦିୟାନ୍ ମଧ୍ୟ ଯାଇଥିଲେ ଏବଂ ବିଭିନ୍ନ ସ୍ଥାନକୁ ଯାଇଥିଲେ । ତାଙ୍କର ଗଭୀର ଜ୍ଞାନ ମଧ୍ୟ ରହିଛି । ସେ କୁହନ୍ତି ଯେ, "ଜଲ୍‌ସାରେ ଜଣେ ଜର୍ମାନ୍ ଯୁବକ ମୋତେ ଭେଟିଲା । ସେ ଆଜି ହିଁ ବୈଅତ୍ କରିଥିଲା । ମୁଁ ତାହାକୁ ପଚାରିଲି ଯେ, ବତ୍ସ ! ତୁମକୁ କେଉଁ ଜିନିଷଟି ବୈଅତ୍ କରିବାକୁ ଆକର୍ଷିତ କଲା (ପ୍ରବର୍ତ୍ତାଇଲା) ? ସେ କହିଲା, ଜଲ୍‌ସାର ପରିବେଶ, ଅମହଦିମାନଙ୍କ ଭ୍ରାତୃତ୍ୱ ଓ ପାରସ୍ପରିକ ପ୍ରେମ ମୋତେ ବାଧ୍ୟ କଲା । ସେହିପରି ଡ୍ୟୁଟିରେ ଥିବା ସ୍ୱେଚ୍ଛାସେବୀ କର୍ମୀମାନଙ୍କର ସେ ବହୁତ ପ୍ରଶଂସା କରିଛନ୍ତି ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, "ସେହିପରି ଆର୍ଚି ସାହେବ, ଯିଏ ଇଣ୍ଡୋନେସୀୟ ଅଧିବାସୀ ଅଟନ୍ତି ଏବଂ ଗ୍ରୀସ୍ (ୟୁନାନ୍)ରେ ନିଜର ଗ୍ରୀକ୍ ନବମୁସ୍‌ଲିମ୍ ଅଣଅମହଦି ସ୍ତ୍ରୀଙ୍କ ସହିତ ରହୁଛନ୍ତି, ସେ କୁହନ୍ତି: "ନିମନ୍ତ୍ରଣ ମିଳିବାରୁ ମୁଁ ଭାବିଲି ଯେ ଏହା ଏକ ଆଧ୍ୟାତ୍ମିକ ଯାତ୍ରା ଅଟେ ଯାହା ମୋତେ ଅଲ୍ଲାହ୍‌ତାଲାଙ୍କ ନିକଟବର୍ତ୍ତୀ କରାଇବ। ସେଇଥିପାଇଁ ମୁଁ ଗ୍ରୀସ୍ ଦେଶ ଛାଡ଼ି ଏଠାକୁ ଚାଲି ଆସିଲି । ଉପସ୍ଥିତ ଖଲିଫାଙ୍କ ଉଦ୍‌ବୋଧନଗୁଡ଼ିକ ମୋ ଉପରେ ଗଭୀର ପ୍ରଭାବ ଛାଡ଼ିଲା । ଲୋକମାନଙ୍କ ସେବା, ସ୍ୱେଚ୍ଛାସେବୀ କର୍ମୀମାନମାନେ ଯେଉଁ ସେବା କରୁଥିଲେ ତାହା ମୋ ଉପରେ ବେଶ୍ ଗଭୀର ପ୍ରଭାବ ପକାଇଲା । ହୁଜୁର୍ ଅନୱର୍ ଅ.ବ କହିଲେ, ଲାଟଭିଆ (Latvia)ର ଅତିଥି ନୋର୍ମୁଣ୍ଡସ୍ (Normunds Boluzs), ଯିଏ ରାଜନୀତି ବିଜ୍ଞାନ (Political

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

Science) ରେ ମାଷ୍ଟର୍ସ (ସ୍ନାତକୋତ୍ତର ବା ଏମ୍.ଏ) କରିଛନ୍ତି । ତାଙ୍କର ପ୍ରବନ୍ଧ ଥିଲା "ପାକିସ୍ତାନରେ ଅମହଦିମାନଙ୍କ ବିରୋଧରେ ଅତ୍ୟାଚାର ଓ ଅନ୍ୟାୟ"। ସେ ସାମିଲ ହୋଇଥିଲେ । ସେ କୁହନ୍ତି: "ଇସଲାମ୍ ଧର୍ମ ଓ ଅମହଦିୟତ୍ ବିଷୟରେ ମୋର ଯେଉଁ ପ୍ରଶ୍ନଗୁଡ଼ିକ ରହିଥିଲା, ଜଲସା ସମୟରେ ମୋତେ ମୋର ସମସ୍ତ ପ୍ରଶ୍ନର ଉତ୍ତର ମିଳିଗଲା ।"

ହୁଜୁର୍ ଅନୱର୍ ଅ.ବ କହିଲେ, ପୁଣି ଗ୍ରୀସ୍ ଦେଶର ପ୍ରତିନିଧିମଣ୍ଡଳରେ ଜଣେ ଅତିଥି ମହିଳା ଥିଲେ । ସେ କୁହନ୍ତି: "ଅତ୍ୟନ୍ତ ସୁନ୍ଦର ଅନୁଭୂତି ଥିଲା । ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରୁ ପ୍ରତ୍ୟେକ କର୍ମୀମାନେ ଅତିଥିମାନଙ୍କ ସହିତ ଅତ୍ୟନ୍ତ ବନ୍ଧୁତ୍ୱପୂର୍ଣ୍ଣ ଓ ସାହାଯ୍ୟକାରୀ ଥିଲେ। ପ୍ରଦର୍ଶନୀଗୁଡ଼ିକ ମଧ୍ୟ ବହୁତ ଭଲ ଥିଲା । ବିଶେଷ କରି 'ରିଭ୍ୟୁ ଅଫ୍ ରିଲିଜିଅନସ୍'ର ଇସଲାମ ଇତିହାସ ସମ୍ବନ୍ଧୀୟ ପ୍ରଦର୍ଶନୀ । ମୁଁ କିଛି ଘଣ୍ଟା ବିତାଇବାକୁ ଚାହୁଁଥିଲି । ପ୍ରାଚୀନ କୀର୍ତ୍ତିରାଜି ବିଷୟରେ ସମସ୍ତ ପ୍ରଶଂସା କରିବା ପରେ ସେ କୁହନ୍ତି ଯେ, ଗୋଟିଏ କଥା ଏପରି ଅଛି ଯାହା ମୋତେ ବିଲକୁଲ୍ ପସନ୍ଦ ଆସିଲା ନାହିଁ । ତାହା ଏହିକି ଯେ, କେତେକ ମହିଳାମାନେ ଇସଲାମୀୟ ଡ୍ରେସ୍ କୋଡ୍ (ପରଦା)ର ଭଲ ଭାବେ ପାଳନ କରୁନଥିଲେ ଏବଂ କେତେକ ପୁରୁଷ ମଧ୍ୟ ଦୃଷ୍ଟିର ସଂଯମ (ଗଜ୍ଜେ ବସର୍)ରେ ଦୁର୍ବଳତା ଦେଖାଉଥିଲେ। ଯଦିଓ ମୁଁ ଏହି ବିଷୟରେ ବିଶେଷ ଭାବେ ଉପଦେଶ ଦେଇଥିଲି । ତେଣୁ ନକାରାତ୍ମକ ମତାମତକୁ ମଧ୍ୟ ଆମକୁ ନିଜର ସୁଧାର କରିବା ପାଇଁ ଚିନ୍ତା କରିବା ଉଚିତ୍ ଓ ଶୁଣିବା ମଧ୍ୟ ଉଚିତ୍ ।"ହୁଜୁର୍ ଅନୱର୍ ଅ.ବ କହିଲେ, ଅତଏବ୍ "ଯେଉଁମାନେ ଅବହେଳା ପ୍ରଦର୍ଶ କରୁଥିଲେ ସେମାନଙ୍କୁ ମନେ ରଖିବା ଉଚିତ୍ ଯେ, ଅନ୍ୟମାନେ ଆମକୁ ଅତ୍ୟନ୍ତ ଗଭୀର ନଜରରେ ଦେଖୁଛନ୍ତି ଏବଂ ଆମେ ସେମାନଙ୍କୁ ଏପରି କୌଣସି ସୁଯୋଗ ଦେବା ଉଚିତ୍ ନୁହେଁ ଯାହାଦ୍ୱାରା ଇସଲାମର ପ୍ରକୃତ ସ୍ୱରୂପ ଉପରେ କଳଙ୍କ ଲାଗିବ । ବରଂ ଜଲସାର ଉଦବୋଧନ ସମୟରେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କର ଏକ ଉଦ୍ଧୃତି ମଧ୍ୟ ପଢ଼ିଥିଲି ଯେ, "ଅନ୍ୟମାନଙ୍କୁ ଏପରି ସୁଯୋଗ ଦିଅ ନାହିଁ ଯେ ସେମାନେ ଆମ ଆଡ଼କୁ ଆଙ୍ଗୁଠି ଦେଖାଇବେ (ଅଙ୍ଗୁଳି ନିର୍ଦ୍ଦେଶ କରିବେ) ।

**(ମଲ୍‌ଫୁଜାତ୍, ଭାଗ-3, ପୃଷ୍ଠା-143, ସଂସ୍କରଣ-2022ରୁ ଉଦ୍ଧୃତ)**

ହୁଜୁର୍ ଅନୱର୍ ଅ.ବ କହିଲେ, ପୋଲାଣ୍ଡରୁ "ୱୋଜ୍‌ସିଏଚ୍ ଲାମେଣ୍ଟୋୱିଚ୍" (Wojciech Lamentowicz) ଏମାନଙ୍କ ନାମ ଉଚ୍ଚାରଣ କରିବା ଟିକିଏ କଷ୍ଟକର ଅଟେ । ସେ ମାନବାଧିକାରର ପ୍ରଫେସର ଅଟନ୍ତି ଏବଂ ବିଶ୍ୱବିଦ୍ୟାଳୟର ଚାନସେଲର୍ (କୁଳପତି) ମଧ୍ୟ ରହି ସାରିଛନ୍ତି । ସେ ଆଇନ୍ ପଢ଼ାନ୍ତି । ସେ କୁହନ୍ତି: "ମୁଁ ବ୍ୟବସ୍ଥା ଦେଖି ବହୁତ ପ୍ରଭାବିତ ହେଲି ଏବଂ ଜମାଅତ୍‌ର ଇମାମ୍‌ଙ୍କ ସହ ମୋର ଯେଉଁ ସାକ୍ଷାତ୍ ଥିଲା ତାହାର ପ୍ରତିକ୍ରିୟା ଓ ଭାବନା ବ୍ୟକ୍ତ କରିବାକୁ ମୋ ପାଖରେ ଶବ୍ଦ ନାହିଁ ।" ବ୍ୟକ୍ତିଗତ ଭାବେ ସେ କୁହନ୍ତି ଯେ, "ତାଙ୍କ (ହୁଜୁରଙ୍କ) ସହ କଥା ହୋଇ ମୁଁ ବହୁତ ପ୍ରଭାବିତ ହେଲି । ସେ କୁହନ୍ତି, ଯାହା କିଛି ମୁଁ ଏଠାରେ ଶିଖିଛି ତାହା ମୁଁ ମୋର ଛାତ୍ରମାନଙ୍କ ନିକଟରେ ପହଞ୍ଚାଇବି । ଯାହାଫଳରେ ସେମାନଙ୍କୁ ଇସ୍‌ଲାମୀୟ ଶିକ୍ଷାର ପ୍ରକୃତ ଅର୍ଥ ଜଣାପଡ଼ିବ । ହୁଜୁର୍ ଅନୱର୍ ଅ.ବ କହିଲେ, କେତେକ ଘଟଣା ମୁଁ ସଂଗ୍ରହ କରିଥିଲି, ତନ୍ମଧ୍ୟରୁ ଏହି କେତେକ ଘଟଣା ଏଠାରେ ମୁଁ ବର୍ଣ୍ଣନା କରିଛି । ହୁଜୁର୍ ଅନୱର୍ ଅ.ବ କହିଲେ, ପ୍ରେସ୍ ଆଣ୍ଡ ମିଡ଼ିଆ ବିଷୟରେ ଏହି ଦିନମାନଙ୍କରେ, ଯେପରି ମୁଁ କହିଲି, ପ୍ରେସ୍ ବିଭାଗ ତରଫରୁ ମଧ୍ୟ ଏବଂ UK ପ୍ରେସ୍ ତରଫରୁ ମଧ୍ୟ ଯଥେଷ୍ଟ କଭରେଜ୍ ମିଳିଛି । ବ୍ରିଟେନ୍‌ର ପ୍ରସିଦ୍ଧ ସମ୍ବାଦପତ୍ର 'ଦି ଟାଇମସ୍' ନିଜର ପ୍ରିଣ୍ଟ୍ ଓ ଅନ୍‌ଲାଇନ୍ ସଂସ୍କରଣରେ ଖବର ପ୍ରକାଶ କରିଥିଲା ଏବଂ ଅନ୍ୟାନ୍ୟ ପ୍ରେସ୍ ତରଫରୁ ମଧ୍ୟ । ମିଡ଼ିଆ କଭରେଜ୍‌ରେ ପ୍ରିଣ୍ଟ୍ ଆର୍ଟିକିଲସ୍ ସଂଖ୍ୟା ଷୋହଳ (16) । ପାଠକଙ୍କ ସଂଖ୍ୟା ଏକ କୋଟି । ରେଡିଓ କାର୍ଯ୍ୟକ୍ରମ ପଞ୍ଚତିରିଶ (35)ଟି ହୋଇଥିଲା । ଗତବର୍ଷ ତୁଳନାରେ 10ଟି ଅଧିକ । ଟିଭି କାର୍ଯ୍ୟକ୍ରମ ଛଅ (6)ଟି ହୋଇଥିଲା । ଏହାକୁ ଦେଖିଥିବା ଲୋକମାନଙ୍କ ଅନୁମାନ ବାଆସ୍ତରୀ (72) ଲକ୍ଷ ଅଟେ । ସୋସିଆଲ୍ ମିଡ଼ିଆରେ 5 ଲକ୍ଷ 30 ହଜାର ଭ୍ୟୁଜ୍ (views) ହୋଇଥିଲା ଏବଂ UK ସେକ୍ସନ୍‌ର ଏକ ରିପୋର୍ଟ ଅନୁଯାୟୀ ଏହା କୋଟିରେ ମଧ୍ୟ ରହିଛି । ହୁଜୁର୍ ଅନୱର୍ ଅ.ବ କହିଲେ, ପ୍ରେସ୍ ଆଣ୍ଡ ମିଡ଼ିଆ ମାଧ୍ୟମରେ ମୋଟ୍ କଭରେଜ୍ 5 କୋଟି 28 ଲକ୍ଷ ଲୋକଙ୍କ ନିକଟରେ ପହଞ୍ଚିଛି। ପ୍ରାୟ ୧୨ଟି ବିଭିନ୍ନ ସମ୍ବାଦପତ୍ର ଓ ଟେଲିଭିଜନ ଚ୍ୟାନେଲ୍ ଏହାକୁ କଭର୍ କରିଥିଲେ । ଯେଉଁଥିରେ ପ୍ରସିଦ୍ଧ ଜାତୀୟ ଚ୍ୟାନେଲ୍ ଓ ସମ୍ବାଦପତ୍ରମାନେ ସାମିଲ୍ ଥିଲେ ।

ହୁଜୁର୍ ଅନୱର୍ ଅ.ବ କହିଲେ, ସାମ୍ବାଦିକମାନଙ୍କ ପ୍ରତିକ୍ରିୟା: ଜଣେ ମହିଳା ସାମ୍ବାଦିକା ଶେଷ ଦିନର ବୈଅତ୍ ଦୃଶ୍ୟ ଦେଖିବା ପରେ କୁହନ୍ତି ଯେ: "ମୁଁ ବହୁତ ପ୍ରଭାବିତ ହେଲି। ଭାବନା ଦ୍ୱାରା ମୋ ଆଖି ଭିଜିଗଲା ଅର୍ଥାତ୍ ମୁଁ ଭାବ ବିହ୍ୱଳ ହୋଇପଡ଼ିଲି । ଏହା ଏପରି ଏକ ଦୃଶ୍ୟ ଥିଲା ଯାହା ମୁଁ ସଂସାରେ କେବେ ବି ଦେଖି ନଥିଲି ଏବଂ ମୋର ମନେହୁଏ ନାହିଁ ଯେ ସଂସାରେ ଅନ୍ୟ କେହି କେବେ ଏପରି ଅନୁଭୂତି ଓ ଏପରି ଉତ୍ସବ ଆୟୋଜନ କରିପାରିବ । ଏହି ଦୃଶ୍ୟ ନିଃଶ୍ୱାସ ଅଟକାଇ ଦେବା ଭଳି ଥିଲା ଏବଂ ମୁଁ ସମ୍ପୂର୍ଣ୍ଣ ଭାବେ ଏହାର ଆକର୍ଷଣ ସଂସ୍ପର୍ଶରେ ରହିଛି ।" ହୁଜୁର୍ ଅନୱର୍ ଅ.ବ କହିଲେ, ଏହିପରି ପ୍ରତିକ୍ରିୟା ଅନ୍ୟ ଲୋକମାନଙ୍କର ମଧ୍ୟ ରହିଛି । ହୁଜୁର୍ ଅନୱର୍ ଅ.ବ କହିଲେ, MTA ଆଫ୍ରିକା ତରଫରୁ ମଧ୍ୟ ବହୁତ କାର୍ଯ୍ୟ ହେଉଛି । କୋଡ଼ିଏ ଜଣ ସାମ୍ବାଦିକ ଏଠାକୁ ଆସିଥିଲେ । କୋଡ଼ିଏ ଜଣ ସାମ୍ବାଦିକ ଏଠାରେ ସାମିଲ୍ ହୋଇଥିଲେ । ସେମାନେ 157ଟି ରିପୋର୍ଟ ପଠାଇଥିଲେ । 6 କୋଟି 30 ଲକ୍ଷରୁ ଉର୍ଦ୍ଧ୍ୱ ପରିବାର ନିକଟରେ ଜଲସାର ଖବର ପହଞ୍ଚିଥିଲା । ଜଲସା ସାଲାନାର ସିଧା ପ୍ରସାରଣ (ଲାଇଭ୍) ଖବର୍ ଆଫ୍ରିକାର 14ରୁ ଉର୍ଦ୍ଧ୍ୱ ଚ୍ୟାନେଲ୍‌ରେ ପ୍ରସାରିତ ହୋଇଥିଲା । ଉଦ୍‌ବୋଧ ଏବଂ ଭାଷଣଗୁଡ଼ିକ ପ୍ରସାରିତ ହୋଇଥିଲା ଏବଂ ଏହି ପ୍ରସାରଣର ପହଞ୍ଚ ପ୍ରାୟ 3 କୋଟି 50 ଲକ୍ଷରୁ ଅଧିକ ଲୋକଙ୍କ ନିକଟରେ ଥିଲା ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆଫ୍ରିକାର ଅଣଅମହଦି ଦର୍ଶକମାନଙ୍କର ପ୍ରତିକ୍ରିୟା ଏହିପରି ଥିଲା ଯେ, ସେରା ଲିଓନ୍‌ର 'ଟେଣ୍ଟାଫୋର୍' (Tentafore) ଗ୍ରାମର ପାଦ୍ରୀ ଜର୍ଜ (Father George) ସାହେବ କୁହନ୍ତି: "ବୃତ୍ତିରେ ମୁଁ ଜଣେ ଶିକ୍ଷକ ଏବଂ ସେରା ଲିଓନ୍‌ର ଟେଣ୍ଟାଫୋର୍ ଗ୍ରାମରେ ବାସ କରେ । ମୁଁ ଜଣେ ଅମହଦି ମୁସଲମାନ ନୁହେଁ। ଜଲସା ସାଲାନା ବ୍ରିଟେନ୍‌ର ତିନି ଦିନ ମଧ୍ୟରେ ଯେଉଁ କଥାଟି ମୋତେ ସବୁଠୁ ଅଧିକ ପ୍ରଭାବିତ କରିଛି ତାହା ହେଉଛି ଅମହଦି ମୁସଲମାନମାନଙ୍କର ଖିଲାଫତ୍ ପ୍ରତି ଗଭୀର ନିଷ୍ଠା, ଭାବପ୍ରବଣତା, ପ୍ରେମ ତଥା ଆନ୍ତରୀକତା ଏବଂ ସମଗ୍ର ମାନବଜାତି ପାଇଁ ସେମାନଙ୍କ ପକ୍ଷରୁ ଶାନ୍ତି, ପ୍ରେମ ଓ ସମ୍ମାନର ପ୍ରକାଶ । ସେମାନେ ପଛେ ଯେଉଁ ଦେଶ କିମ୍ବା ଅଞ୍ଚଳର ହୁଅନ୍ତୁ ନା କାହିଁକି ।" ସେ କୁହନ୍ତି: "ରବିବାର ଦିନ ମୋତେ ଚର୍ଚ୍ଚ ଯିବାର ଥିଲା, ମାତ୍ର ମୁଁ ମସ୍‌ଜିଦ୍‌କୁ ଯାଇ ଆଲମି ବୈଅତ୍ (ଆନ୍ତର୍ଜାତିକ ଦୀକ୍ଷା ଉତ୍ସବ) ଦେଖିବାକୁ ନିଷ୍ପତ୍ତି ନେଲି ଏବଂ ସେଠାରେ ମୁଁ ଯାହା କିଛି ଦେଖିଲି ତାହା ମୋ କଳ୍ପନା ଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲା । ଏବେ ମୁଁ ବୁଝିପାରିଛି ଯେ, ଜମାଅତେ ଅମହଦିୟା ମୁସ୍‌ଲିମା ସାରା ବିଶ୍ୱରେ ଏତେ ଦ୍ରୁତ ଗତିରେ କାହିଁକି ବ୍ୟାପୁଛି ?" ହୁଜୁର୍ ଅନୱର୍ ଅ.ବ କହିଲେ, ସେହିପରି ଆହୁରି ଅନେକ ପାଦ୍ରୀମାନେ ଏବଂ ଶିକ୍ଷିତ ଲୋକମାନେ ଅଛନ୍ତି ଯେଉଁମାନେ ନିଜର ମତାମତ ତଥା ପ୍ରତିକ୍ରିୟା ପଠାଇଛନ୍ତି । ଅଲ୍ଲାଃତାଲା ଏହି ଜଲସାର ଶୁଭ ଓ ସକାରାତ୍ମକ ପ୍ରଭାବ ଜମାଅତ୍‌ର ସମସ୍ତ ସଦସ୍ୟଙ୍କ ପକ୍ଷେ ଅବ୍ୟାହତ ରଖନ୍ତୁ । ତତ୍‌ସହିତ ଅନ୍ୟ ଲୋକମାନଙ୍କର ମଧ୍ୟ ମାର୍ଗଦର୍ଶନ କରନ୍ତୁ ଏବଂ ସେମାନଙ୍କୁ ପ୍ରକୃତ ଇସ୍‌ଲାମ୍ ଓ ଅହମଦିୟତ୍ ଆଡ଼କୁ ଆକର୍ଷିତ କରନ୍ତୁ । **ଆମିନ୍ ।** ☆☆☆

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ.....

ଦାୟିତ୍ୱଗୁଡ଼ିକୁ ମଧ୍ୟ ବୁଝିବା ଏବଂ ଏବେଠାରୁ ନିଜେ ମଧ୍ୟ ଓ ନିଜ ତତ୍ତ୍ୱାବଧାନରେ ଥିବା ବନ୍ଧୁମାନଙ୍କୁ ମଧ୍ୟ ଜଲସା ସାଲାନା 2026 ରେ ସାମିଲ ହେବା ପାଇଁ ପୂର୍ଣ୍ଣ ଆହ୍ୱାନ (ତେହରିକ୍) କରିବା । ଏହା ତ' ସମସ୍ତଙ୍କୁ ଜଣା ଯେ, କାଦିୟାନରେ ସେହି ଦିନମାନଙ୍କରେ ପ୍ରବଳ ଶୀତ ଦିନ ହୋଇଥାଏ ଓ ଥଣ୍ଡା ଅନୁଭୂତ ହୋଇଥାଏ । ଏହି ଦୃଷ୍ଟିରୁ ମଧ୍ୟ ଉପଯୁକ୍ତ ଭାବେ ପ୍ରସ୍ତୁତ ହୋଇ ଆସିବା ଉଚିତ୍ । ଆପଣ ଅ.ସଙ୍କର ଏହି ନିର୍ଦ୍ଦେଶ ମଧ୍ୟ ରହିଛି ଯେ, ଯଦି ଅଳ୍ପ ଅଳ୍ପ କରି ଏହି ଉଦ୍ଦେଶ୍ୟ ସକାଶେ ପଇସା ସଞ୍ଚୟ କରାଯାଏ ତେବେ ସହଜରେ ଯାତ୍ରା ଖର୍ଚ୍ଚ ଏବଂ ଯାତ୍ରା ସାମଗ୍ରୀ ଉପଲବ୍ଧ ହୋଇପାରିବ । ତେଣୁ ଆଧ୍ୟାତ୍ମିକ ତଥା ଲିଲ୍ଲାଃହି କଥା ଶୁଣିବା ପାଇଁ ଏବଂ ପ୍ରାର୍ଥନାରେ ସାମିଲ୍ ହେବା ପାଇଁ ବିଶେଷ କରି ସେହି ଉଦବୋଧନ ଓ ପ୍ରାର୍ଥନାରେ ସାମିଲ ହେବା ପାଇଁ ଯାହା ହ. ଅମୀରୁଲ୍ ମୁମିନୀନ୍ ଅ.ବ ପ୍ରଦାନ କରନ୍ତି ତାହାକୁ ଏକ ଅମୂଲ୍ୟ ସମ୍ପତ୍ତି (ନିଧି) ଭାବି ଉକ୍ତ ଜଲସାରେସାମିଲ ହେବା ପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦେବା ଉଚିତ୍। ୱବିଲ୍ଲାହି ତୌଫିକ୍ (ଅର୍ଥାତ୍ ସାମର୍ଥ୍ୟ କେବଳ ଅଲ୍ଲାଃଙ୍କ ଠାରୁ ହିଁ ପ୍ରାପ୍ତ ହୋଇଥାଏ) ।

☆☆☆

## ପୃ-02ରେ ବର୍ଣ୍ଣିତ ତଫସିର୍ କବିରର ଅବଶିଷ୍ଟାଂଶ...."

ଲୋକମାନଙ୍କୁ ଅଶିକ୍ଷିତ ଭାବି ନିଆଯାଉଥିଲା, ସେମାନେ ଏହି ଆଧ୍ୟାତ୍ମିକ ଝରଣାରୁ ଏପରି ଆଗ୍ରହର ସହ ଜଳପାନ କରନ୍ତି ଯେ, ଅନ୍ୟ ସମ୍ପ୍ରଦାୟର ଶୋଷିଲା ଲୋକମାନେ ମଧ୍ୟ ସେପରି ପାନ (ପିଇ) କରିପାରିବେ ନାହିଁ । କାଦିୟାନର ଅଧିବାସୀମାନଙ୍କୁ ଈଶ୍ୱର ଏହି ସ୍ଥାନର ସୁରକ୍ଷାର ମାଧ୍ୟମ କରିଛନ୍ତି ଯାହାର କଲ୍ୟାଣ ପାଇଁ ସେ ଲୋକମାନଙ୍କୁ ଏକତ୍ରିତ କରି ଏଠାକୁ ଆଣିଥାଆନ୍ତି । ତେଣୁ ଏଠାକାର ଜମାଅତ୍‌ଅର ବନ୍ଧୁମାନଙ୍କୁ ମୁଁ ଉପଦେଶ ଦେଉଛି ଯେ, ସେମାନେ ଏହି ଆସନ୍ତା ଦିନଗୁଡ଼ିକ ପାଇଁ ପ୍ରସ୍ତୁତି କରନ୍ତୁ। ଘର ମାଲିକମାନେ ଅତିଥିମାନଙ୍କ ପାଇଁ ନିଜ ନିଜ ଘର ଦିଅନ୍ତୁ । ଏତଦ୍ଭିନ୍ନ ନିଜର ଶରୀର ଓ ସମୟକୁ ମଧ୍ୟ ସେବା ପାଇଁ ଉପସ୍ଥାପିତ କରନ୍ତୁ । ଯେଉଁ ପ୍ରବନ୍ଧକ ବା ବ୍ୟବସ୍ଥାପକ (ମୁନ୍ତଜିମୀନମାନେ) ଅଛନ୍ତି ସେମାନଙ୍କୁ ମଧ୍ୟ ମୁଁ ଏହି ଉପଦେଶ ଦେଉଛି ଓ ମୁଁ କ୍ରମାଗତ ଭାବେ କହି ଆସିଛି ଯେ, କାର୍ମୀମାନଙ୍କୁ କାର୍ଯ୍ୟ ପୂର୍ବରୁ ପ୍ରଶିକ୍ଷଣ ଓ ଅଭ୍ୟାସ କରାନ୍ତୁ।"

**(ଖୁତ୍‌ବାତେ ମହମୁଦ, ଗ୍ରନ୍ଥଖଣ୍ଡ-12, ପୃଷ୍ଠା-509 ରୁ 513)**



## ଗତ ସଂଖ୍ୟା-36ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଖୁତ୍‌ବା ଜୁମା 24-7-26ରେ ଅବଶିଷ୍ଟାଂଶ.....

ହୁଜୁର୍ ଅନୱର୍ ଅ.ବ କହିଲେ, କେତେକ ଲୋକମାନେ ଯଦିଓ ବହୁତ ଅଧିକ ଦାବି କରନ୍ତି ନାହିଁ । କିନ୍ତୁ ତଥାପି ବଜାରକୁ ଯାଇ ସେଠାରେ ଖାଇବାକୁ ଚେଷ୍ଟା କରନ୍ତି ଏବଂ ସେଠାରେ ଅଧିକ ସମୟ ପର୍ଯ୍ୟନ୍ତ ଦୋକାନଗୁଡ଼ିକ ଖୋଲା ରହିଥାଏ । ଫଳରେ ଆୟୋଜକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଆଜିକାଲିର ଯେଉଁ ପରିସ୍ଥିତି ରହିଛି ବିଶେଷ କରି ପାଣିପାଗର ଅବସ୍ଥା (ଶୁଷ୍କ ପାଣିପାଗ) ସେଥିରେ ବାହାରେ ଖାଦ୍ୟ ରାନ୍ଧିବା ଏବଂ ବେଳେବେଳେ ଅଧିକ ସମୟ ପର୍ଯ୍ୟନ୍ତ ବସି ରହିବା ଯେତେବେଳେ କି ଆୟୋଜକଙ୍କର କେତେକ ବିଭାଗ ନିଜ କାମ ସାରିଥାନ୍ତି ଏବଂ ସମ୍ପୂର୍ଣ୍ଣ ସୁରକ୍ଷା ନଜର ନଥାଏ ତାହା କେତେବେଳେ ଅସୁରକ୍ଷିତ ହୋଇ ପଡ଼ିଥାଏ । ତେଣୁ ଅତିଥିମାନେ ମଧ୍ୟ ଉକ୍ତ କଥା ପ୍ରତି ଧ୍ୟାନ ରଖନ୍ତୁ ଯେ, ଏହି ତିନି ଦିନ ମଧ୍ୟରେ ଯାହା ବି ମିଳିବ, ତାହାକୁ ଧୈର୍ଯ୍ୟର ସହିତ ଏବଂ କୃତଜ୍ଞତାର ସହିତ ଖାଇ ନିଅନ୍ତୁ ଏବଂ ଏପରି କୌଣସି ମନୋଭାବ ପ୍ରକାଶ କରନ୍ତୁ ନାହିଁ ଯେ, ଏହି ଜିନିଷଟି ଆମକୁ ଅବଶିଷ୍ଟାଂଶ... ପୃ-09ରେ



## ପୃ-୦୪ ରେ ବର୍ଣ୍ଣିତ ହୁଜୁର୍ ଅ.ବଙ୍କ ଖୁତ୍‌ବା ଜୁମା 24-7-26ରେ ଅବଶିଷ୍ଟାଂଶ.....

ପସନ୍ଦ ନୁହେଁ ଏବଂ ଆମେ ଖାଇବୁ ନାହିଁ । ସାଙ୍ଗେ ସାଙ୍ଗେ ମୁଁ ଏହା ମଧ୍ୟ କହି ଦେବାକୁ ଚାହେଁ ଯେ, ଖାଦ୍ୟକୁ କେବେ ବି ନଷ୍ଟ କରନ୍ତୁ ନାହିଁ । ଯେତିକି ମିଳେ କିମ୍ବା ଯେତିକି ନେଉଛନ୍ତି ତାହା କେବଳ ସେତିକି ହିଁ ନିଅନ୍ତୁ ଯେତିକି ଆପଣମାନେ ଖାଇପାରିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି ଯେ, ଅସଲ ଜିନିଷ ହେଉଛି ଆଧ୍ୟାତ୍ମିକ ଖୋରାକ୍ (ଆହାର) ଯେଉଁ ଆହାର ପାଇଁ ଆମେମାନେ ଜଲ୍‌ସାକୁ ଆସିଛେ। ତେଣୁ ଆମମାନଙ୍କୁ ଏଠାରେ ଆମର ଆଧ୍ୟାତ୍ମିକ ଜୀବନକୁ ଉନ୍ନତ କରିବା ଆଡ଼କୁ ଅଧିକ ଧ୍ୟାନ ଦେବାକୁ ହେବ । ଖାଦ୍ୟ ତ' ଅଲ୍ଲାଃତାଲାଙ୍କ କୃପାରୁ ହିଁ ମିଳିଥାଏ । ତିନି ଦିନ ଯାଏଁ ମଣିଷ ଧୈର୍ଯ୍ୟବାନ୍ ଓ  କୃତଜ୍ଞତାର ସହିତ କମ୍ ଖାଇ କିମ୍ବା ଏପରି ଜିନିଷ ଖାଏ ଯାହା ସେତେବେଳେ ବ୍ୟକ୍ତିକୁ ପସନ୍ଦ ନଥାଏ ତାହାକୁ ଚଳାଇ ନିଏ । ନିଜର ଗୁଜୁରାଣ ମେଣ୍ଟାଇ ନେଇଥାଏ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଶେଖ୍ ଜୈନୁଲ୍ ଆବିଦିନ୍ ସାହେବ କୁହନ୍ତି ଯେ, "ହୁଜୁର ଅ.ସଙ୍କ କାଳରେ ଅତିଥିମାନଙ୍କ ପାଇଁ ଖାଦ୍ୟର ବିଶେଷ ବ୍ୟବସ୍ଥା ହେଉଥିଲା । ସାଧାରଣ ପରିସ୍ଥିତିରେ ହୁଜୁର ଅ.ସ ଅତିଥି ସତ୍କାରର ବିଶେଷ ବ୍ୟବସ୍ଥା କରୁଥିଲେ ।" ସେ କୁହନ୍ତି, "ମୋ ଭାଇ ହାଫିଜ୍ ହାମିଦ୍ ଅଲୀ ର.ଅ ବର୍ଣ୍ଣନା କରିଛନ୍ତି ଯେ ଥରେ ସମ୍ଭବତଃ ଜଲ୍‌ସା ସାଲାନାର ସମୟ ଥିଲା । ଚାଉଳର ଚାରୋଟି ଦେଗିଚିରେ ରନ୍ଧା ହୋଇଥିଲା । ସେହି କାଳରେ ଚାରୋଟି ଦେଗିଚି ମଧ୍ୟ ବହୁତ ଥିଲା । ଦୁଇଟି ଜର୍ଦ୍ଦା (ମିଠା ଭାତ) ଏବଂ ଦୁଇଟି ପୋଲୋଉ ଦେଗିଚି । ଦିନେ ହଜରତ୍ ଅ.ସ ସକାଳୁ ସକାଳୁ ଲଙ୍ଗରଖାନାକୁ ଗଲେ ଏବଂ ବାୱର୍ଚ୍ଚି (ରୋଷେୟା)କୁ କହିଲେ ଯେ, "ଢାଙ୍କୁଣୀ ଖୋଲ, ମୁଁ ଚାଉଳ ଦେଖିବାକୁ ଚାହୁଁଛି । ସେ ଢାଙ୍କୁଣୀ ଖୋଲିଲା, ହୁଜୁର ଅ.ସଙ୍କୁ ସେହି ବାସ୍ନା ଭଲ ଲାଗିଲା ନାହିଁ । ଏପରି ଲାଗିଲା ଯେ, ସେଥିରେ (ଦେଗିଚିରେ) କିଛି ପଚା ଗନ୍ଧ ସୃଷ୍ଟି ହୋଇଛି । ଏହା ପରେ ହୁଜୁର ଅ.ସ ଅନ୍ୟ ଦେଗିଚି (ହାଣ୍ଡି)ଗୁଡ଼ିକୁ ମଧ୍ୟ ଖୋଲି ଦେଖିଲେ ଏବଂ କହିଲେ ଯେ, ଜର୍ଦ୍ଦାର ଦୁଇଟିଯାକ ଦେଗିଚି ଠିକ୍ ନାହିଁ । ଏହାକୁ ନାଳରେ ଫିଙ୍ଗିଦିଅ । ଏହା ମଣିଷ ଖାଇବା ଉପଯୋଗୀ ନୁହେଁ ।" ହୁଜୁର୍ ଅ.ସ କହିଲେ, "ଯେତେବେଳେ ମୋତେ ଏହାର ବାସ୍ନା ପସନ୍ଦ ଆସୁ ନାହିଁ ଏବଂ ଏହାର ସ୍ୱାଦ ବଦଳିଗଲା ପରି ଲାଗୁଛି । ଏହାର ସ୍ୱାଦ ଏବଂ ବାସ୍ନା ଏପରି ଆସୁଛି ଯାହା ସହ୍ୟ କରିବା କଷ୍ଟକର ଅଟେ ତେବେ ଏହି ଗନ୍ଧ ଅତିଥିମାନଙ୍କୁ କିପରି ପସନ୍ଦ ଆସିବ ? ତେଣୁ ଏପରି ହୋଇପାରିବ ନାହିଁ ଯେ, ଯେଉଁ ଜିନିଷ ମୋତେ ପସନ୍ଦ ନୁହେଁ ତାହା ମୁଁ ଅତିଥିମାନଙ୍କୁ କିପରି ଖୁଆଇବି ? ତେଣୁ ଏହାକୁ ନାଳ ନର୍ଦ୍ଦମାରେ ଫିଙ୍ଗିଦିଅ ଏବଂ ନଷ୍ଟ କରିଦିଅ । ସେଠାରେ ପଶୁମାନେ ଏହାକୁ ଖାଇନେବେ । **(ରିୱାୟାତେ ଅସହାବେ ଅହମଦ୍, ଗ୍ରନ୍ଥଖଣ୍ଡ-1, ପୃଷ୍ଠା-103)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ହଜରତ୍ ମସିହ ମଉଦ୍ ଅ.ସଙ୍କ ସାବଧାନତା । ତେଣୁ ଖାଦ୍ୟ ରାନ୍ଧିବା ଡ୍ୟୁଟିରେ ଥିବା କର୍ମଚାରୀମାନେ ମଧ୍ୟ ସାବଧାନତା ଏବଂ ସତର୍କତା ଅବଲମ୍ବନ କରିବା ଉଚିତ୍ । କାରଣ ଏହି ଦିନମାନଙ୍କରେ ବିଶେଷ କରି ଆଜିକାଲି ପ୍ରଚଣ୍ଡ ଖରା ଦିନ ହୋଇଥିବାରୁ ଖାଦ୍ୟର ବ୍ୟବସ୍ଥା ଏପରି ହେବା ଉଚିତ୍ ଯେପରିକି ଖାଦ୍ୟ ସଠିକ୍ ଭାବେ ସୁରକ୍ଷିତ ରହିବ ଏବଂ ବେଶୀ ଦେରି ଯାଏଁ ଖାଦ୍ୟ ପଡ଼ି ରହିବା ଉଚିତ୍ ନୁହେଁ । ବିଶେଷ କରି ଡାଲି ପ୍ରଭୃତି ବ୍ୟଞ୍ଜନରେ ଯେଉଁଥିରେ ଶୀଘ୍ର ପଚା ଗନ୍ଧ ସୃଷ୍ଟି ହୋଇଯାଏ, ବ୍ୟାକ୍ଟେରିଆ  ସୃଷ୍ଟି ହୋଇଯାଏ । ତେଣୁ ତାହାକୁ ଅର୍ଥାତ୍ ଡାଲି ପ୍ରଭୃତି ଖାଦ୍ୟ ପଦାର୍ଥକୁ ଅଧିକ ସମୟ ଯାଏଁ ରଖି ଅତିଥିମାନଙ୍କୁ ଖୁଆନ୍ତୁ ନାହିଁ । ଏହାର ଧ୍ୟାନ ରଖନ୍ତୁ ଏବଂ ପ୍ରଥମେ ଖାଦ୍ୟକୁ ଭଲ ଭାବେ ଯାଞ୍ଚ (ଚେକ୍) କରି ନିଅନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ବାକି ଅନ୍ୟ ବିଭାଗଗୁଡ଼ିକ ରହିଛି ସେଠାରେ ମଧ୍ୟ ପ୍ରତ୍ୟେକ ବିଭାଗର କର୍ମଚାରୀ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ୍ ଯେ, ସେମାନେ ଅତିଥିମାନଙ୍କ ଆରାମର ଧ୍ୟାନ ରଖିବେ । ସ୍ନାନାଗାର ସଫେଇ ବିଭାଗ ହେଉ, ଟ୍ରାଫିକ୍ ବିଭାଗ ହେଉ, ପାର୍କିଂ ବିଭାଗ ହେଉ କିମ୍ବା ସୁରକ୍ଷା (ସିକ୍ୟୁରିଟି) ବିଭାଗ ହେଉ ସେଠାରେ ସୁରକ୍ଷା ତ' ରହିବା ଦରକାର ।  କିନ୍ତୁ ଲୋକଙ୍କ ସହିତ ସାବଧାନତା, ସତର୍କତା ଓ ସମ୍ମାନର ସହିତ ବ୍ୟବହାର ପ୍ରଦର୍ଶନ କରନ୍ତୁ । ସୁରକ୍ଷା କର୍ମୀଙ୍କ କାମ ଏହା ନୁହେଁ ଯେ ସେମାନେ ଏପରି ଭୁଲ୍ ଆଚରଣ ପ୍ରଦର୍ଶନ କରିବେ ଯଦ୍ଦ୍ୱାରାକି ଅତିଥିମାନଙ୍କୁ କଷ୍ଟ ହେବ ଏବଂ ସେମାନେ ଭାବିବେ ଯେ, ଆମ ସହିତ କଡ଼ୁ ଭାଷାରେ କଥାବାର୍ତ୍ତା କରାଗଲା । ତେଣୁ ଆମକୁ ଏହି କଥାଗୁଡ଼ିକ ପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ । ଏଠାରେ ଜଲ୍‌ସାଗାହ୍ (ସଭାସ୍ଥଳ) ଭିତରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାର ଯେଉଁ ବ୍ୟବସ୍ଥା ରହିଛି ସେଥିରେ ମଧ୍ୟ ଶୃଙ୍ଖଳା ଓ ନୀରବତା ବଜାୟ ରଖିବା ପାଇଁ ସତର୍କତା ଅବଲମ୍ବନ କରନ୍ତୁ । ମହିଳାମାନଙ୍କ ପ୍ରତି ମଧ୍ୟ ବିଶେଷ ଭାବରେ ସତର୍କତା ଅବଲମ୍ବନ କରିବା ଉଚିତ୍ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ମୁଁ ଏଠାରେ ଏକାଠି ହୋଇଥିବା ଅତିଥିମାନଙ୍କୁ ମଧ୍ୟ କହି ଦେବାକୁ ଚାହେଁ ଯେ, ଆମମାନଙ୍କୁ ଉକ୍ତ କଥାର ସମୀକ୍ଷା କରିବା ଉଚିତ୍ ଯେ, ଯେତେବେଳେ ଆମେମାନେ ଯାତ୍ରାର କଷ୍ଟ ସହ୍ୟ କରି ଏଠାରେ ଏକାଠି ହୋଇଛେ ତେବେ ଏହାର ଏକ ଉଦ୍ଦେଶ୍ୟ ଅଛି । ନିଃସନ୍ଦେହ ରୂପେ ଆଜିକାଲିର ଯାତ୍ରାର ଯେଉଁ କଷ୍ଟ ରହିଛି ପୁରୁଣା କାଳିଆ କଷ୍ଟ ପରି ନୁହେଁ । କିନ୍ତୁ ଯାତ୍ରା ତ' ଯାତ୍ରା ଅଟେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେଉଁ ଲୋକମାନେ ଏଠାକୁ ଆସିଛନ୍ତି, ସେମାନେ ମଧ୍ୟ ଧ୍ୟାନ ରଖିବା ଉଚିତ୍ ଯେ, ସେମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଜଲ୍‌ସାର ଉଦ୍ଦେଶ୍ୟ ପୂରଣ କରିବା ସକାଶେ ଆସିଛନ୍ତି। ଯେତେବେଳେ ଜଲ୍‌ସାର ଏହି ତିନି ଦିନରେ ସାମିଲ ହୋଇଛନ୍ତି ସେତେବେଳେ ଏହି କଥାକୁ ମଧ୍ୟ ଧ୍ୟାନରେ ରଖନ୍ତୁ ଯେ, ଆମମାନଙ୍କୁ ଜଲ୍‌ସାର କାର୍ଯ୍ୟକ୍ରମଗୁଡ଼ିକୁ ନିୟମିତ ରୂପେ ଶୁଣିବାକୁ ହେବ । ଏହି ତିନି ଦିନ ଏଣେତେଣେ ବସି ଗପସପ କରି କିମ୍ବା ବୁଲାବୁଲି କରି ବିତାଇବା ଉଚିତ୍ ନୁହେଁ । ବରଂ ଯେତେବେଳେ ବି ଜଲ୍‌ସା କାର୍ଯ୍ୟକ୍ରମ ଆରମ୍ଭ ହେବ ସେତେବେଳେ ଆମେମାନେ ତୁରନ୍ତ ଜଲ୍‌ସାର ପେଣ୍ଡାଲ୍, ମାର୍କି ଭିତରକୁ ଆସିଯିବୁ କିମ୍ବା ଯେଉଁଠାରେ ଅଧିକ ଲୋକଙ୍କ ପାଇଁ କିମ୍ବା କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ମହିଳା, ପୁରୁଷ ଏବଂ ଶିଶୁମାନଙ୍କ ପାଇଁ ବସିବାର ବ୍ୟବସ୍ଥା କରାଯାଇଛି ସେଠାରେ ବସି ଆମେ ସମ୍ମାନର ସହିତ ଜଲ୍‌ସା ଶୁଣିବୁ । ସେହିପରି ମହିଳାମାନଙ୍କ ପାଇଁ ପିଲାମାନଙ୍କ ସହିତ ବସିବା ପାଇଁ ଯେଉଁ ଅଲଗା ସ୍ଥାନ ତିଆରି କରାଯାଇଛି, ସେଠାରେ ମହିଳାମାନେ ମଧ୍ୟ ନିଜ ପିଲାମାନଙ୍କ ସହ ଶାନ୍ତ ଭାବରେ ବସି ଜଲ୍‌ସା ଶୁଣିବା ଉଚିତ୍ । ପିଲାମାନଙ୍କ ଗହଣରେ ବସିବାର ଅର୍ଥ ଏହା ନୁହେଁ ଯେ ମହିଳାମାନେ ପରସ୍ପର ମଧ୍ୟରେ କଥାବାର୍ତ୍ତା ଆରମ୍ଭ କରିଦେବେ । ଆପଣମାମାନେ ଯଥାସମ୍ଭବ ଚେଷ୍ଟା କରନ୍ତୁ ଯେ, କେବଳ ପିଲାକୁ ଶାନ୍ତ କରିବା କିମ୍ବା ଭୁଲାଇବା ପାଇଁ କହିବାକୁ ପଡ଼ିଲେ କହିବେ । ଯଦି ଛୋଟ ପିଲା କାନ୍ଦେ ତେବେ ତାକୁ ଶାନ୍ତ (ଚୁପ୍) କରିବା ପାଇଁ କୌଣସି ଉପାୟ ଆପଣାନ୍ତୁ। କିନ୍ତୁ ଯେତେବେଳେ ମା'ମାନଙ୍କର ପରସ୍ପର ମଧ୍ୟରେ ଗପସପ ଆରମ୍ଭ ହୋଇଯାଏ ସେତେବେଳେ ସେଥିରୁ ଏକ ପାଟିତୁଣ୍ଡ ଶବ୍ଦ ସୃଷ୍ଟି ହୁଏ । ତେଣୁ ଏପରି ହେବା ଉଚିତ୍ ନୁହଁ । କାରଣ ଏହା ଦ୍ୱାରା ବସିଥିବା ଅନ୍ୟ ଲୋକମାନେ ଅସୁବିଧା ଭୋଗନ୍ତି ଅର୍ଥାତ୍ ଡିଷ୍ଟର୍ବ ହୁଅନ୍ତି । ସେମାନଙ୍କର ଧ୍ୟାନ ଭଙ୍ଗ ହୁଏ । ଅନେକ ଅଭିଯୋଗ ମଧ୍ୟ ଆସେ ଯେ, ପିଲାମାନେ କମ୍ ପାଟି କରନ୍ତି । କିନ୍ତୁ ମହିଳାମାନେ ନିଜ ନିଜ ଭିତରେ କଥାବାର୍ତ୍ତା ଆରମ୍ଭ କରିଦିଅନ୍ତି । ସେମାନେ ଭାବନ୍ତି ଯେ, ଆମେମାନେ ପିଲାଙ୍କ ମାର୍କି (ତମ୍ବୁ)ରେ ବସିଛୁ ତେଣୁ ଆମ ପାଇଁ କଥା ହେବା ବୈଧ ଅଟେ । କିନ୍ତୁ ଏହା ଆଦୌ ଉଚିତ୍ ନୁହେଁ। ଏହି ବ୍ୟବସ୍ଥା ଏଥିପାଇଁ କରାଯାଇଛି ଯେପରି ଅନ୍ୟ ଲୋକମାନେ ଯାହାଙ୍କ ପାଖରେ ପିଲା ନାହାନ୍ତି ସେମାନେ ଶାନ୍ତିରେ ଜଲ୍‌ସା ଶୁଣିପାରିବେ ଏବଂ ନିଜେ ପିଲାଙ୍କ ମା'ମାନେ ମଧ୍ୟ ଶାନ୍ତିରେ ବସି ଜଲ୍‌ସା ଶୁଣି ପାରିବେ । ତେଣୁ ଚେଷ୍ଟା କରନ୍ତୁ ଯେ ଯଥାସାଧ୍ୟ କମ୍‌ରୁ କମ୍ କଥା ହେବେ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଯଦିଓ ଜଲ୍‌ସା କାର୍ଯ୍ୟକ୍ରମ ଚାଲିଥିବା ସମୟରେ ବଜାର ବନ୍ଦ ରହେ । ତଥାପି ସାଧାରଣ ସମୟରେ ଯେତେବେଳେ ବଜାର ଖୋଲାଥାଏ, ସେତେବେଳେ ମଧ୍ୟ ଅତିଥିମାନେ ଶୃଙ୍ଖଳାର ସହିତ ଧ୍ୟାନ ରଖନ୍ତୁ। ସାବଧାନତା ଅବଲମ୍ବନ କରନ୍ତୁ, ଏପରି କୌଣସି କଥା ସୃଷ୍ଟି ନେହଉ ଯଦ୍ଦ୍ୱାରାକି ସେଠାକାର ପରିବେଶ ଖରାପ ହେବ । ଧୈର୍ଯ୍ୟ ଏବଂ ସାହସର ସହିତ ନିଜ ଜିନିଷପତ୍ର କିଣା କିଣି କରିବାର ବ୍ୟବସ୍ଥା କରିବା ଉଚିତ୍ । ବେଳେବେଳେ ଭିଡ଼ ହୋଇଯାଏ, ଦୋକାନ ଗୋଟିଏ ଥାଏ, ଷ୍ଟଲ୍ ଗୋଟିଏ ଥାଏ ଏବଂ ସେଥିରେ ସମୟ ଲାଗିଯାଏ । କିନ୍ତୁ ଏଭଳି ପରିସ୍ଥିତିରେ ମଧ୍ୟ ଲୋକଙ୍କ ପକ୍ଷେ ଏହା ଉଚିତ୍ ଯେ, ସେମାନେ ଧୌର୍ଯ୍ୟଶୀଳ, ସାହସୀ ଏବଂ ସହନଶୀଳତା ଅବଲମ୍ବନ କରନ୍ତୁ । ତବେ ଯାଇ ଆପଣ ଜଲ୍‌ସାର ଉଦ୍ଦେଶ୍ୟକୁ ସାର୍ଥକକାରୀ ଓ ପୂରଣ କରୁଥିବା ଲୋକ ହେବେ । ହଜରତ୍ ମସିହ୍ ମଉଦ୍ ଅ.ସ କେମିତିଆ ଅହମଦି ଚାହୁଁଥିଲେ ? ଏ ବାବଦରେ ଆପଣ ଅ.ସ କହିଛନ୍ତି ଯେ, "ଏପରି ଲୋକ ହୁଅ ଯେଉଁମାନେ ତକ୍‌ୱା (ଧର୍ମପରାୟଣତା ଅର୍ଥାତ୍ ଅଲ୍ଲାଃତାଲାଙ୍କ ଭୟ) ଅବଲମ୍ବନ କରିଥାଆନ୍ତି ଏବଂ ସତ୍‌କର୍ମ କରନ୍ତି କାରଣ । ଧର୍ମପରାୟଣତା ବିନା ଅଲ୍ଲାଃତାଲା କଦାପି ପ୍ରସନ୍ନ ହୁଅନ୍ତି ନାହିଁ ।"

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-6, ପୃଷ୍ଠା-298-299)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତେଣୁ ଆପଣ ଲୋକମାନେ ଯେଉଁମାନେ ଏଠାକୁ ଆସିଛନ୍ତି, ଆପଣମାନଙ୍କର ଅସଲ୍ ଉଦ୍ଦେଶ୍ୟ ଏହା ହିଁ ହେବା ଉଚିତ୍ ଯେ, ଆମେ ଆମର ଏହି ଉଦ୍ଦେଶ୍ୟକୁ ହାସଲ କରିବା ଏବଂ ତକ୍‌ୱା ପ୍ରାପ୍ତ କରିବା । ଏଥିପାଇଁ ଆମେ ପୁରୁଷମାନେ ଏବଂ ମହିଳାମାନେ ମଧ୍ୟ ନୀରବତାର ସହିତ ବସି ଜଲ୍‌ସା ଶୁଣିବା ଉଚିତ୍। ଯେତେବେଳେ ଏହି ଉଦ୍ଦେଶ୍ୟ ହାସଲ ହେବ ସେତେବେଳେ ଯାଇ ଆପଣମାନେ ଏହିସବୁ କଥାରୁ ଲାଭ ଉଠାଇ ପାରିବେ । ଯାହା ଜଲ୍‌ସାରେ କୁହାଯାଏ ଏବଂ ଯେଉଁ ଉଦ୍ଦେଶ୍ୟରେ ଜଲ୍‌ସା ଆୟୋଜିତ ହୁଏ । ଏଥି  ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଯିଏ ଏଠାକୁ ଆସିଛି ସେମାନେ ପରସ୍ପରକୁ ପ୍ରେମ ଓ ସ୍ନେହର ସହିତ ସାକ୍ଷାତ୍ କରନ୍ତୁ। ସଲାମ୍ କରିବାର ପ୍ରଥାକୁ ବୃଦ୍ଧି କରନ୍ତୁ । ଜଲ୍‌ସାରେ ଚାରିଆଡ଼େ '**ଅସ୍ ସଲାମୁ ଅଲୈକୁମ୍**'ର ପରିବେଶ ହେବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜଲ୍‌ସା କାର୍ଯ୍ୟକ୍ରମ ଶେଷ ହେବା ପରେ ଯେତେବେଳେ ପରସ୍ପରକୁ ଭେଟୁଛନ୍ତି ସେତେବେଳେ ପ୍ରେମ ଓ ଆଦରର ସହିତ ଭେଟ ହୁଅନ୍ତୁ (ଅର୍ଥାତ୍ ସାକ୍ଷାତ୍ କରନ୍ତୁ) । ଯଦି କାହାର ପୁରୁଣା ଶତ୍ରୁତା କିମ୍ବା ମନୋମାଳିନ୍ୟ ଥାଏ ତେବେ ତାହାକୁ ଦୂର କରିନ୍ତୁ ଏବଂ ଯଥାସାଧ ଏହି ଚେଷ୍ଟା କରନ୍ତୁ ଯେ, ଆମେମାନେ ଏପରି କୌଣସି କାର୍ଯ୍ୟ କରିବୁ ନାହିଁ ଯଦ୍ଦ୍ୱାରାକି ପରିବେଶ ଅସାନ୍ତୋଷଜନକ ହେବ । କେତେକ ଲୋକଙ୍କଠାରେ ସହନଶୀଳତା ଭାବ ନଥାଏ ଏପରି ଲୋକ ମଧ୍ୟ ଅଛନ୍ତି । ଏହା ନୁହେଁ ଯେ, ଶତ ପ୍ରତିଶତ ଲୋକ ଅତ୍ୟନ୍ତ ଧୈର୍ଯ୍ୟବାନ୍ ଅଟନ୍ତି ନା । ବେଳେବେଳେ ଲୋକଙ୍କ ଭିତରେ ସହଜରେ ସହ୍ୟ କରିବାର କ୍ଷମତା କମ୍ ଥାଏ । କିନ୍ତୁ ସେମାନଙ୍କ ପକ୍ଷେ ଏହା ଉଚିତ୍ ଯେ, ସେମାନେ ଏହି ଦିନମାନଙ୍କରେ ଧର୍ମପରାୟଣତା ଅବଲମ୍ବନ କରି ନିଜର ସହନଶୀଳତାକୁ ବୃଦ୍ଧି କରନ୍ତୁ । ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହତା ଲାଭ କରିବାକୁ ଚେଷ୍ଟା କରନ୍ତୁ ଏବଂ ବ୍ୟକ୍ତିଗତ ମନୋମାଳିନ୍ୟକୁ ଶେଷ କରନ୍ତୁ କିମ୍ବା ଅତି କମ୍‌ରେ ବ୍ୟକ୍ତିଗତ ଶତ୍ରୁତାକୁ ପରିବେଶ ନଷ୍ଟର କାରଣ ଅବଶିଷ୍ଟାଂଶ... ପୃ-10ରେ

ହେବାକୁ ଦିଅନ୍ତୁ ନାହିଁ ଓ ପ୍ରଶାସନକୁ ମଧ୍ୟ ଅସୁବିଧାରେ ପକାନ୍ତୁ ନାହିଁ ।

ହୁଜୁର୍ ଅନୱର୍ ଅ.ବ କହିଲେ, ଆପଣମାନେ ସର୍ବଦା ଏକଥା ମନେରଖନ୍ତୁ ଯେ, ଯେଉଁ ମହତ୍ ଉଦ୍ଦେଶ୍ୟ ପାଇଁ ଆପଣମାନେ ଏଠାକୁ ଆସିଛନ୍ତି ତାହାକୁ ହିଁ ଆପଣମାନେ ପୂରଣ କରିବାର ଆବଶ୍ୟକତା ରହିଛି । ଯଦି ଏହା ନହୁଏ ତେବେ କୌଣସି ଲାଭ ହେବ ନାହିଁ । ଏଠାରେ ନମାଜର ନିୟମିତ ବ୍ୟବସ୍ଥା ତ' ଅଛି କିନ୍ତୁ ଯେଉଁ ଲୋକମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହୁଛନ୍ତି, ଜମାଅତୀୟ ରହଣୀ ସ୍ଥଳରେ ରହୁଛନ୍ତି । ସେମାନେ ଜଲ୍‌ସା ପରେ ମଧ୍ୟ ନମାଜ୍ ପ୍ରତି ନିୟମିତ ଧ୍ୟାନ ଦେବା ଉଚିତ୍ ଏବଂ ସାମୂହିକ (ବାଜମାଅତ୍) ନମାଜ୍ ପାଠ କରିବାକୁ ଚେଷ୍ଟା କରିବା ଉଚିତ୍ । ଏହି ଦିନମାନଙ୍କରେ ଯେଉଁମାନେ ଟେଣ୍ଟ୍ କିମ୍ବା ମାର୍କିଗୁଡ଼ିକରେ ରହୁଛନ୍ତି ସେମାନେ ସମସ୍ତେ ଏଠାରେ ତିନି ଦିନଯାକ ତହଜ୍ଜୁଦ୍ (ରାତ୍ରି କାଳୀନ ନମାଜ୍) ମଧ୍ୟ ହୁଏ । ତେଣୁ ଏହି ନମାଜ୍‌କୁ ପାଠ କରିବା ଉଚିତ୍ । ତହଜ୍ଜୁଦ୍ ସମୟରେ ଯେତେବେଳେ ଉଠାଯାଏ ସେତେବେଳେ ଉଠିବା ଉଚିତ୍ । ଏଥି ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ନମାଜ୍‌ର ନିୟମିତତା ତ' ଅଛି । କିନ୍ତୁ ତହଜ୍ଜୁଦ୍ ପାଇଁ ମଧ୍ୟ ବିଶେଷ ପ୍ରୟାସ କରିବା ଉଚିତ୍ । କାରଣ ଏହା ହିଁ ସେହି ଉଦ୍ଦେଶ୍ୟ ଯାହା ପାଇଁ ଆପଣମାନେ ଏଠାକୁ ଆସିଛନ୍ତି । ଯେତେବେଳେ ଏହି ଉଦ୍ଦେଶ୍ୟ ତଥା ଏହି ଲକ୍ଷ୍ୟ ହାସଲ ହେବ ସେତେବେଳେ ଆପଣମାନେ ନିଜର ଏବଂ ନିଜ ଆଗାମୀ ପିଢ଼ୀର ଜୀବନକୁ ସୁଧାରିପାରିବେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ମୁଁ ଆପଣମାନଙ୍କୁ ପାର୍କିଂ ଆଡ଼କୁ ମଧ୍ୟ ଧ୍ୟାନ ଆକର୍ଷଣ କରାଇ ଦେଉଛି ଯେ, ପାର୍କିଂରେ ମଧ୍ୟ ପ୍ରଶାସନ ଯେପରି ମାର୍ଗଦର୍ଶନ କରୁଛି ତଦନୁଯାୟୀ ଗାଡ଼ି ପାର୍କ କରନ୍ତୁ । ଚେକିଂ ସମୟରେ (ଯେଉଁଠି କାର୍ ପ୍ରଭୃତିର ଯାଞ୍ଚ ହୁଏ) ଯଦି ଲମ୍ବା ଲାଇନ୍ (queue) ଲାଗୁଛି ତେବେ ସାବଧାନତା, ଧୈର୍ଯ୍ୟର ସହିତ ନିଜ ପାଳିକୁ ଅପେକ୍ଷା କରନ୍ତୁ ଏବଂ ଯାଞ୍ଚ କରାଇ ଆସନ୍ତୁ । ଧାଁ ଧପଡ଼ କରନ୍ତୁ ନାହିଁ । ଅତିଥିମାନେ ଆୟୋଜକ (ପ୍ରଶାସନ) ପାଇଁ କୌଣସି ପ୍ରକାର ଅସୁବିଧାର କାରଣ ହେବା ଉଚିତ୍ ନୁହେଁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଅତିଥିମାନଙ୍କୁ ଏବଂ ଡ୍ୟୁଟିରେ ଥିବା ଲୋକମାନଙ୍କୁ ମଧ୍ୟ ଆଉ ଗୋଟିଏ କଥା ମନେରଖିବା ଉଚିତ୍ ଯେ, ବିଶେଷ କରି ଆଜିକାଲି ଦେଶର ଯେଉଁ ପରିସ୍ଥିତି ରହିଛି, ଅନ୍ୟମାନଙ୍କ ମନରେ ମୁସଲମାନମାନଙ୍କ ପ୍ରତି ଯେଉଁ ହିଂସାଭାବ ତଥା ଶତ୍ରୁତା ରହିଛି ସେଥିପାଇଁ ଆପଣମାନେ ପରିବେଶ ଉପରେ ବିଶେଷ ରୂପେ ନଜର ରଖନ୍ତୁ ଏବଂ ସାବଧାନ ରୁହନ୍ତୁ । କୌଣସି ସନ୍ଦେହଜନକ ଜିନିଷ କିମ୍ବା ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପ୍ରଶାସନ ସହିତ ଯୋଗାଯୋଗ କରନ୍ତୁ ଏବଂ ଜଲ୍‌ସାରେ ବସି ମଧ୍ୟ ପରସ୍ପର ଉପରେ ନଜର ରଖନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ଏହି ଦିନମାନଙ୍କରେ ବିଶେଷ ରୂପେ ଯେହେତୁ ପାଣିପାଗ ବହୁତ ଶୁଷ୍କ ରହିଛି (ଯାହା ମୁଁ ଆଗରୁ ବି କହିଥିଲି) ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ମଧ୍ୟ ରହିଛି । ତେଣୁ ବ୍ୟକ୍ତିଗତ କିମ୍ବା ସାମୂହିକ ରହଣୀ ସ୍ଥଳରେ କୌଣସି ପ୍ରକାର ନିଆଁ ଜାଳନ୍ତୁ ନାହିଁ । ନା ଦିଆସିଲି କାଠି ଜଳାନ୍ତୁ ଓ ନା ହିଁ ଅନ୍ୟ ସାମଗ୍ରୀ ଯଥା ଲାଇଟର୍ । ଏଥିପାଇଁ ଯଦି ଆବଶ୍ୟକ ପଡ଼େ ତେବେ ପ୍ରଶାସନ ସହିତି ଯୋଗାଯୋଗ କରି ସେହି ସ୍ଥାନକୁ ଯାଆନ୍ତୁ ଯେଉଁଠାରେ ସେମାନେ ନିଆଁ ଜଳାଇବାର ବ୍ୟବସ୍ଥା କରିଛନ୍ତି ସେଠାରେ । ଜଳାଇଲେ କିଛି ଅସୁବିଧା ନାହିଁ । କିନ୍ତୁ ପ୍ରତ୍ୟେକ ସ୍ଥାନରେ ବସି କୌଣସି ପ୍ରକାର ନିଆଁ ସ୍ପାର୍କ ଅର୍ଥାତ୍ ଚିଙ୍ଗାରୀରୁ (ଅଗ୍ନି ସ୍ଫୁଲିଙ୍ଗରୁ) ଦୂରେଇ ରୁହନ୍ତୁ । ସତର୍କତା ଅବଲମ୍ବନ କରନ୍ତୁ । କାରଣ ଏହା ଯୋଗୁଁ କୌଣସି ଦୁର୍ଘଟଣା ମଧ୍ୟ ଘଟିପାରେ । ସେହିପରି ଗତକାଲି ମୁଁ କର୍ମଚାରୀମାନଙ୍କୁ ମଧ୍ୟ କହିଥିଲି ଯେ, ପୁରୁଣା କାର୍ ଥିବା ଲୋକମାନେ ମଧ୍ୟ ସାବଧାନତା ଅବଲମ୍ବନ କରନ୍ତୁ । ଅନେକ ଅତିଥି ଅଛନ୍ତି ଯାହାଙ୍କ ପାଖରେ ପୁରୁଣା କାର୍ ଅଛି ଏବଂ ସେଗୁଡ଼ିକର ଇଞ୍ଜିନ୍ ଗରମ ହୋଇଯାଏ ଯଦି ସେଗୁଡ଼ିକ ଘାସ ଥିବା ସ୍ଥାନରେ ଛିଡ଼ା ହୁଏ, ତେବେ ସେଠାରେ ନିଆଁ ଲାଗିବାର ଆଶଙ୍କା ରହିଛି ।

ସେହିପରି କେତେବେଳେ କେତେକ ପୁରୁଣା କାର୍‌ରୁ ତେଲ ବୋହିଥାଏ, ତେଣୁ ସେମାନେ ମଧ୍ୟ ସାବଧାନ ହେବା ଉଚିତ୍ ଏବଂ ପାର୍କିଂ ସମୟରେ ପ୍ରଶାସନକୁ ଜଣାଇଦେବା ଉଚିତ୍ ଯେ ମୋ କାର୍‌ରେ ଏହି ତ୍ରୁଟି ରହିଛି ତେଣୁ ଏହାକୁ ଏପରି କୌଣସି ସ୍ଥାନରେ ରଖନ୍ତୁ ଯେଉଁଠାରେ ସୁରକ୍ଷିତ ରହିବ । ସଫେଇର ମଧ୍ୟ ଧ୍ୟାନ ରଖନ୍ତୁ। ଯେଉଁଠାରେ ପ୍ରଶାସନ ଶୌଚାଳୟ ପ୍ରଭୃତିର ସଫେଇ ପାଇଁ ଚେଷ୍ଟା କରୁଛି ସେଠାରେ ନିଜେ ମଧ୍ୟ ଶୌଚାଳୟ ବ୍ୟବହାର କରିବା ପରେ ତାହାକୁ ସଫା କରି ଆସନ୍ତୁ। ଏହା ନୁହେଁ ଯେ ପାଣି ଚଟ୍ଟାଣରେ ବୋହୁଛି ଏବଂ ମଇଳା ପଡ଼ିଛି । ଅତିଥିମାନେ ମଧ୍ୟ ହଦିସ୍ ଅନୁସାରେ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦେବାକୁ ଚେଷ୍ଟା କରିବା ଉଚିତ୍ । କାରଣ ସ୍ୱଚ୍ଛତା ମଧ୍ୟ ବିଶ୍ୱାସର ଏକ ଅଭିନ୍ନ ଅଂଶ ଅଟେ । ଆମେମାନେ ତ' ଏଠାକୁ ବିଶ୍ୱାସ ବୃଦ୍ଧି କରିବାକୁ ଆସିଛେ । ତେଣୁ ସ୍ୱଚ୍ଛତା ଦିଗକୁ ମଧ୍ୟ ଅବହେଳା କରିବା ଉଚିତ୍ ନୁହଁ । ଏହି ଦିନମାନଙ୍କରେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ଜଣେ କର୍ମଚାରୀ ରୂପେ ଭାବି ନେବା ଉଚିତ୍ ଏବଂ ସଫେଇ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ଯେପରିକି ପରିବେଶ ମଧ୍ୟ ସ୍ୱଚ୍ଛ ରହିବ । ନିଜ ବିଶ୍ୱାସର ମାପଦଣ୍ଡକୁ ଉଚ୍ଚ କରିବା ଆଡ଼କୁ ଧ୍ୟାନ ଦିଅନ୍ତୁ । ଏହି ଦିନଗୁଡ଼ିକରେ 'ଜିକ୍ରେ ଇଲାହୀ' (ଈଶ୍ୱର ଚର୍ଚ୍ଚା) ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ଅବସର ସମୟରେ ଯେଉଁଠି ବସିଛନ୍ତି ସେଠାରେ ଦୁରୁଦ୍ ଶରୀଫ୍, ଦୁଆ (ପ୍ରାର୍ଥନା) ଏବଂ ଇସ୍ତିଗ୍‌ଫାର (କ୍ଷମା ପ୍ରାର୍ଥନା) ଆଡ଼କୁ ଅଧିକ ଧ୍ୟାନ ଦିଅନ୍ତୁ । ଫାଲ୍‌ତୁ କଥା ହେବା ପରିବର୍ତ୍ତେ ଅଲ୍ଲାଃଙ୍କୁ ସ୍ମରଣ କିମ୍ବା ଧାର୍ମିକ କଥାବାର୍ତ୍ତା କରନ୍ତୁ । ଏହିପରି ଏହି ଦିନମାନଙ୍କରେ କେତେକ ପ୍ରଦର୍ଶନୀ (ଏକ୍‌ଜିବିସନ୍) ମଧ୍ୟ ଲାଗିଛି । ତାହାକୁ ମଧ୍ୟ ଦେଖିବା ପାଇଁ ଆପଣମାନେ ଯିବା ଉଚିତ୍ ଏବଂ ଆଗ୍ରହ ଓ ଧ୍ୟାନର ସହି ଦେଖନ୍ତୁ । ଏହା ଆପଣମାନଙ୍କ ପକ୍ଷେ ଲାଭଦାୟକ ହେବ ତଥା ଜ୍ଞାନ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ଓ ଧାର୍ମିକ ଦୃଷ୍ଟିରୁ ମଧ୍ୟ ଲାଭଦାୟକ ଅଟେ । ତେଣୁ ଯଦି ଏହିସବୁ କଥା ପାଳନ କରିବେ ତେବେ ଇନ୍‌ଶାଅଲ୍ଲାଃହୁ ତାଆଲା ଆପଣମାନେ ଜଲ୍‌ସାରୁ ସମ୍ପୂର୍ଣ୍ଣ ଲାଭ ଉଠାଇ ପାରିବେ । ଅଲ୍ଲାଃ କରନ୍ତୁ କି ଆପଣମାନେ ସମସ୍ତେ ଏହି ଜଲ୍‌ସାରୁ ସବୁ ଦୃଷ୍ଟିରୁ, ଧାର୍ମିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଲାଭ ଉଠାନ୍ତୁ, ଜ୍ଞାନ ଦୃଷ୍ଟିରୁ ମଧ୍ୟ ଲାଭ ଉଠାନ୍ତୁ ଏବଂ ଜଲ୍‌ସାର ଯେଉଁ କଲ୍ୟାଣ ରହିଛି ତାହା ସର୍ବଦା ଆପଣମାନଙ୍କ ଜୀବନର ଏକ ଅଂଶ ହୋଇ ରହୁ । ଆଗାମୀ ପିଢ଼ୀ ପାଇଁ ମଧ୍ୟ ଜୀବନର ଅଂଶ ହୋଇ ରହୁ । ଆପଣମାନେ ହ. ମସିହ୍ ମଉଦ୍ ଅ.ସଙ୍କ ଆଗମନର ଯେଉଁ ଉଦ୍ଦେଶ୍ୟ ରହିଛି ତାହାକୁ ସାର୍ଥକକାରୀ ଲୋକ ହୁଅନ୍ତୁ । **ଇନ୍‌ଶାଅଲ୍ଲାଃ** ସନ୍ଧ୍ୟା ସମୟରେ ଜଲ୍‌ସାର ଆନୁଷ୍ଠାନିକ ଉଦ୍‌ଘାଟନ ହେବ । ଏହି ଭାଷଣକୁ ମଧ୍ୟ ଏବଂ ଅନ୍ୟ ଯେଉଁ ବକ୍ତାମାନେ ରହିଛନ୍ତି ସେମାନଙ୍କ ଭାଷଣକୁ ମଧ୍ୟ ଧ୍ୟାନ ସହକାରେ ଶୁଣନ୍ତୁ ଏବଂ ତାହାକୁ କାର୍ଯ୍ୟକାରୀ କରିବାକୁ ଚେଷ୍ଟା କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

☆☆☆



## ପୃ-14ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଖୁତ୍‌ବା ଜୁମା-01-8-26ରେ ଅବଶିଷ୍ଟାଂଶ.....

**ବିତାଆରିଫ ହୁକୁକିଲ୍ ମୁସ୍ତଫା ଲି କାଜି ଇୟାଜ୍, ପୃଷ୍ଠା-77-78, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2002 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହିନ୍ଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ତମିମ୍ ବିନ୍ ଅସ୍‌ଅଦ୍ ଦାରୀ ସିରୀୟାରୁ ମଦିନା ଅଭିମୁଖେ ପ୍ରଦୀପ (କିନ୍ଦୀଲ୍), ଜୈତୁନ୍ (ଓଲିଭ୍) ତେଲ ଏବଂ ବଟା ହୋଇଥିବା ଦଉଡ଼ି ନେଇ ଆସିଲେ । ଯେତେବେଳେ ସେ ମଦିନା ପହଞ୍ଚିଲେ ସେତେବେଳେ ସେଦିନ ଶୁକ୍ରବାର ରାତି ଥିଲା । ସେ ନିଜ ସେବକକୁ ଆଦେଶ ଦେଲେ । ସେ ଦଉଡ଼ି ପ୍ରସ୍ତୁତ କଲା, ମସ୍‌ଜିଦେ ନବୱୀରେ ପ୍ରଦୀପଗୁଡ଼ିକୁ ଝୁଲାଇଲା, ସେଥିରେ ତେଲ ଢାଳି ସଳିତା ରଖିଦେଲା ଏବଂ ସୂର୍ଯ୍ୟାସ୍ତ ହେବା ପରେ ତମିମ୍ ନିଜ ସେବକକୁ ସେଗୁଡ଼ିକୁ ଜଳାଇବାକୁ କହିଲେ । ରସୁଲୁଲ୍ଲାଃ ସ.ଅ ମସଜିଦ୍ ଆଡ଼କୁ ଆସି ଦେଖିଲେ ଯେ ମସ୍‌ଜିଦ୍ ଦୀପ ଗୁଡ଼ିକରେ ଆଲୋକିତ ହେଉଛି । ଆପଣ ସ.ଅ ଏହା ଦେଖି ବହୁତ ଖୁସି ହେଲେ ଏବଂ ପଚାରିଲେ, 'ଏହା କିଏ କରିଛି ? ଲୋକମାନେ କହିଲେ, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତମିମ୍ ଦାରୀ । ଆପଣ ସ.ଅ ତାଙ୍କୁ ଦୁଆ ଦେଲେ ଏବଂ କହିଲେ, ହେ ତମିମ୍ ! ''ତୁମେ ତ' ଇସ୍‌ଲାମ୍ ଧର୍ମକୁ ଆଲୋକିତ କରିଦେଲ । ଅଲ୍ଲାଃତାଲା ଇହକାଳ ଓ ପରକାଳରେ ତୁମକୁ ଆଲୋକିତ କରନ୍ତୁ ।'' ଆପଣ ସ.ଅ ପୁନଶ୍ଚ କହିଲେ, ହେ ତମିମ୍ ! ''ଯଦି ମୋର କୌଣସି ଝିଅ ଥାଆନ୍ତା ତେବେ ମୁଁ ତୁମ ସହିତ ତା'ର ବିବାହ ଅବଶ୍ୟ କରାଇ ଦେଇଥାନ୍ତି ।'' ଅର୍ଥାତ୍ ତାଙ୍କର ଏହି କାର୍ଯ୍ୟକୁ ଏତେ ପ୍ରଶଂସା କଲେ ଯେ, ସେ ମସ୍‌ଜିଦ୍‌କୁ ଆଲୋକିତ କଲେ । **(ଅଲ୍ ଜାମି ଲି ଅହକାମ୍ ଅଲ୍ କୁରଆନ୍ (ତଫସୀର୍ ଅଲ୍ କୁର୍ତୁବୀ), ଗ୍ରନ୍ଥଖଣ୍ଡ-2, ପୃ- 2205-2206, ଉକ୍ତ ଆୟତ୍ ଅଧୀନ ଯେ, فِيْ بُيُوْتٍ اَذِنَ اللّٰهُ اَنْ تُرْفَعَ وَيُذْكَرَ فِيْهَا اسْمُهٗ, ଦାରେ ଇବନେ ହିଜମ୍) (ଅତ୍ ତବକାତୁଲ୍ କୁବ୍ରା, ଗ୍ରନ୍ଥଖଣ୍ଡ-7,ପୃ-286, ମକତବା-ଦାରୁଲ୍ କୁତୁବୁଲ୍ ଇଲମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ରାତିରେ ନମାଜ୍‌ରେ ଏତେ ସମୟ ଧରି ଛିଡ଼ା ହେଉଥିଲେ ଯେ, ଆପଣ ସ.ଅଙ୍କ ଗୋଡ଼ ଫାଟି ଯାଉଥିଲା । ଏହା ଦେଖି ହ. ଆଏଶା ର.ଅ କହିଲେ, 'ହେ ଅଲ୍ଲାଃଙ୍କ ରସୁଲ୍! ଆପଣ ଏପରି କାହିଁକି କରୁଛନ୍ତି, ଯେତେବେଳେ କି ଅଲ୍ଲାଃତାଲା ଆପଣ ସ.ଅଙ୍କର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ସମସ୍ତ ପାପ, ଦୋଷ ତ୍ରୁଟିକୁ କ୍ଷମା କରି ଦେଇଛନ୍ତି ?

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ପୃ-14ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଗସ୍ତର ଅବଶିଷ୍ଟାଂଶ.....

ତା'ପରେ 105 କି.ମି ଅତିକ୍ରମ କରି ବେଲ୍‌ଜିୟମ୍‌ର OSTENDE ସହରରେ ପହଞ୍ଚି ରାତିରେ ଜମାଅତୀୟ ସେଣ୍ଟରରେ ରହିଲେ । ତା'ପରେ 27 ଅଗଷ୍ଟରେ 110 କି.ମି, 28 ଅଗଷ୍ଟରେ 167 କି.ମି, 29 ଅଗଷ୍ଟରେ 149 କି.ମି ଏବଂ 30 ଅଗଷ୍ଟରେ 181 କି.ମି ଯାତ୍ରା କଲେ ଏବଂ ଶେଷ ଦିନ 31 ଅଗଷ୍ଟରେ MANNHEIM, ଜର୍ମାନୀରୁ ବାହାରି 129 କି.ମି ଅତିକ୍ରମ କରି STUTTGART ସଭାସ୍ଥଳରେ ପହଞ୍ଚିଲେ । ଏହିପରି ଭାବରେ ମୋଟ୍ 842 କି.ମି ଦୂରତା ଅତିକ୍ରମ କଲେ । ଉକ୍ତ ଯାତ୍ରାରେ ସାମିଲ ଥିବା 3 ଜଣ ଅନ୍‌ସାରଙ୍କ ବୟସ ପ୍ରାୟ 60 ବର୍ଷ ଥିଲା ।

ଏହା ପରେ ହୁଜୁରେ ଅନ୍‌ୱର ଅ.ବ ଇତିହାସ ବିଭାଗ ଦ୍ୱାରା ଆୟୋଜିତ ପ୍ରଦର୍ଶନୀର ମଏନା (ନିରୀକ୍ଷଣ) ମଧ୍ୟ କଲେ । ପ୍ରଦର୍ଶନୀ ଗସ୍ତ ସମୟରେ ହୁଜୁର୍ ଅନ୍‌ୱର୍ ଅ.ବ ଦୁଇଟି ୱେବ୍‌ସାଇଟ୍‌ର ଉଦ୍‌ଘାଟନ କଲେ । ଗୋଟିଏ ୱେବ୍‌ସାଇଟ୍ ଜର୍ମାନୀର ମାସିକ ପତ୍ରିକା 'ଅଖ୍‌ବାର ଅହମଦିୟା'ର ଥିଲା ଏବଂ ଦ୍ୱିତୀୟଟି ଜମାଅତେ ଅହମଦିୟା ଜର୍ମାନୀର ଇତିହାସ ବିଭାଗର ଥିଲା । ଏହି ପ୍ରଦର୍ଶନୀରେ ବିଭିନ୍ନ ଫ୍ଲେକସ୍ ଲଗାଯାଇଥିଲା । ଯେଉଁଥିରେ ହଜରତ୍ ମସିହ ମଉଦ ଅ.ସଙ୍କ ସମୟରୁ ପଞ୍ଚମ ଖିଲାଫତ୍ ପର୍ଯ୍ୟନ୍ତ ଜମାଅତେ ଅହମଦିୟା ଜର୍ମାନୀର ଇତିହାସକୁ ସହଜ

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

(ଖୁତ୍‌ବା ଜୁମା)



## ଆଁହଜରତ୍ ସ.ଅଙ୍କ ଅତୁଳନୀୟ କୃତଜ୍ଞତା ।

**ଖୁତ୍‌ବା ଜୁମା 07 AUG 2026 ମସିହା ଅନୁଯାୟୀ ୦୭ ଜହୁର୍ ୧୪୦୫ ହିଜ୍ରୀ ଶମଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللهِ مِنَ الشَّيْطٰنِ الرَّجِيْمِ۔ بِسْمِ اللهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ اِيَّاكَ نَعْبُدُ وَاِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ اَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ହ. ମୁହମ୍ମଦ ସ.ଅଙ୍କ କୃତଜ୍ଞତାର ସ୍ତର, ଆପଣ ସ.ଅଙ୍କ କାର୍ଯ୍ୟ ଓ ଉପଦେଶ ବିଷୟରେ ଜଲ୍‌ସା ପୂର୍ବର ଖୁତ୍‌ବାରେ ମୁଁ ଆଲୋଚନା କରିଥିଲି । ସେହି ପ୍ରସଙ୍ଗରେ ଆଜି ମଧ୍ୟ ବର୍ଣ୍ଣନା କରିବି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅଲ୍ଲାଃତାଲାଙ୍କ କୃତଜ୍ଞତା ପ୍ରତି ଧ୍ୟାନ ଆକର୍ଷଣ କରି ଆପଣ ସ.ଅ ଛୋଟରୁ ଛୋଟ କଥାରେ ମଧ୍ୟ କୃତଜ୍ଞତା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ହ. ଅନସ୍ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଛନ୍ତି: ଅଲ୍ଲାଃତାଲା ନିଜର କୌଣସି ଭକ୍ତର କାର୍ଯ୍ୟରେ ସେତେବେଳେ ପ୍ରସନ୍ନ ହୁଅନ୍ତି ଯେତେବେଳେ ସେ କୌଣସି ଆହାର ଗ୍ରହଣ କରେ ତେବେ ସେଥିପାଇଁ ସେ ଅଲ୍ଲାଃଙ୍କ ପ୍ରଶଂସା କରେ, କିମ୍ବା ଢୋକେ ପାଣି ଯେତେବେଳେ ପିଏ ସେତେବେଳେ ସେ ତାହାଙ୍କର ପ୍ରଶଂସା କରିଥାଏ । **(ସହିହ ମୁସଲିମ୍, ଅନୁବାଦକ, କିତାବୁଜ୍ ଜିକର୍ ୱଦ୍ ଦୁଆ ୱଦ୍ ତୌବତା, ୱଲ୍ ଇସ୍ତିଗଫାର୍, ବାବ୍-ଇସ୍ତିଜାବା ହମଦିଲ୍ଲାଃହି ତାଆଲା.....ହଦିସ୍ ନଂ-4901 (89), ଗ୍ରନ୍ଥଖଣ୍ଡ-14, ପୃ-107, ନୁର୍ ଫାଉଣ୍ଡେସନ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଆୟେଶା ର.ଅ କୁହନ୍ତି ଯେ ନବୀ ସ.ଅ ଦିନେ ଘରେ ପ୍ରବେଶ କଲେ ଅର୍ଥାତ୍ ଘରକୁ ଆସିଲେ ଏବଂ ରୁଟିର ଗୋଟିଏ ଟୁକୁଡ଼ା ତଳେ ପଡ଼ିଥିବାର ଦେଖିଲେ । ଆପଣ ସ.ଅ ସେହି ରୁଟି ଟୁକୁଡ଼ାକୁ ଉଠାଇଲେ, ତାକୁ ସଫା କଲେ ଏବଂ ଖାଇନେଲେ । ପୁନଶ୍ଚ (ପୁଣି) ଆପଣ ସ.ଅ କହିଲେ, "ହେ ଆୟେଶା ! ସମ୍ମାନସ୍ପଦ ଜିନିଷର ସମ୍ମାନ ପ୍ରଦର୍ଶନ କର । ଯେତେବେଳେ ଏହି ରିଜିକ୍ (ଜୀବିକା ଅର୍ଥାତ୍ ଖାଦ୍ୟ ବା ଅନ୍ନ)ର ପୁରସ୍କାର (ନେମତ୍) କୌଣସି ଜାତିଠାରୁ ଚାଲିଯାଏ ସେତେବେଳେ ତାହା ପୁନର୍ବାର ସେମାନଙ୍କୁ ଆଉ ମିଳେ ନାହିଁ ।" **(ସୁନନ ଇବ୍‌ନ ମାଜା କିତାବୁଲ୍ ଅତଅମତି, ବାବ୍- ଅନ୍ ନହି ଅନିଲ୍ କାଆଡ୍ ତାଆମି, ହିଦସ୍ ନଂ-3353)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଆପଣ ସ.ଅଙ୍କ ଆଚରଣ ଥିଲା । ଆପଣ ସ.ଅ ନିଜେ ମଧ୍ୟ ପ୍ରତ୍ୟେକ ଛୋଟ ଛୋଟ କଥାରେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜ୍ଞାପନ କରୁଥିଲେ ଏବଂ ତାହାଙ୍କ ପୁରସ୍କାର ପ୍ରତି ଧନ୍ୟବାଦ ଦେଉଥିଲେ ଏବଂ ନିଜ ପରିବାରବର୍ଗଙ୍କୁ ମଧ୍ୟ ଏଥି ନିମନ୍ତେ ଉପଦେଶ ଦେଉଥିଲେ । ଯଦି ଆମେ ଆମର ଖାଦ୍ୟ (ରିଜିକ୍‌ରେ) ବରକତ (କଲ୍ୟାଣ ବା ଅଭିବୃଦ୍ଧି) ଚାହୁଁ ତେବେ ଅଲ୍ଲାଃତାଲାଙ୍କ ପ୍ରତ୍ୟେକ ପୁରସ୍କାରର କୃତଜ୍ଞତା ଜଣାଇବା ଆବଶ୍ୟକ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ଇବ୍ନେ ଅବ୍ବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ମକ୍କା ବିଜୟ ଦିନ ରସୁଲୁଲ୍ଲାଃ ସ.ଅ ନିଜ ଦାଦାପୁଅ ଭଉଣୀ ଉମ୍ମେ ହାନି[ର.ଅ] ବିନ୍ତ୍ ଅବି ତାଲିବ୍‌ଙ୍କ ଘରକୁ ଗଲେ । ସେତେବେଳେ ଆପଣ ସ.ଅଙ୍କୁ ଭୋକ ଲାଗିଥିଲା । ଆପଣ ସ.ଅ ପଚାରିଲେ: "ହେ ଉମ୍ମେ ହାନି ! ତୁମ ପାଖରେ ଖାଇବା ପାଇଁ କିଛି ଅଛି କି ?" ସେ କହିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଶୁଖିଲା ରୁଟି ଟୁକୁଡ଼ା ଛଡ଼ା ମୋ ପାଖରେ ଆଉ କିଛି ନାହିଁ ଏବଂ ଆପଣ ସ.ଅଙ୍କ ସେବାରେ ଏହାକୁ ଉପସ୍ଥାପିତ କରିବାକୁ ମୋତେ ଭାରି ଲାଜ ଲାଗୁଛି ।" ଆପଣ ସ.ଅ କହିଲେ: "ହଉ ସେଇୟା (ସେହି ଖାଦ୍ୟ ହିଁ) ନେଇ ଆସ ।" ଆପଣ ସ.ଅ ତାହାକୁ ପାଣିରେ ଭିଜାଇ ଟୁକୁଡ଼ା ଟୁକୁଡ଼ା କଲେ । ସେ ଲୁଣ ନେଇ ଆସିଲେ। ଆପଣ ସ.ଅ ପଚାରିଲେ: "କିଛି ତରକାରୀ (ସାଲନ୍) ଅଛି କି ?" ସେ କହିଲେ: "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସିର୍କା (ଭିନେଗାର) ବ୍ୟତୀତ ଆଉ କିଛି ନାହିଁ ।" ଆପଣ ସ.ଅ କହିଲେ: " ହଉ ତାହା ହିଁ ନେଇଆସ ।" ଆପଣ ସ.ଅ ତାକୁ ଆହାର ଉପରେ ଢାଳିଲେ ଏବଂ ଖାଇଲେ ଓ ଅଲ୍ଲାଃଙ୍କ ପ୍ରଶଂସା କଲେ । ଆପଣ ସ.ଅ ପୁନଶ୍ଚ କହିଲେ, "ସିର୍କା ଅତି ଉତ୍ତମ ତରକାରୀ ଅଟେ । ହେ ଉମ୍ମେ ହାନି ! ଯେଉଁ ଘରେ ସିର୍କା ଥାଏ, ସେହି ଘର କେବେ ବି ଗରିବ ହୁଏ ନୁହେଁ ।" **(ଅଲ୍ ମୁଅଜିମୁସ୍ ସଗୀର୍ ଲିଦ୍ ତିବ୍ରାନୀ, ଅନୁବାଦକ, ପୃ-615-616, ହଦିସ୍ ନଂ-951, ଶବିର୍ ବ୍ରଦର୍ସ, ଲାହୋର୍, 2014 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏହା ଥିଲା ଆପଣ ସ.ଅଙ୍କ କୃତଜ୍ଞତାର ମାନଦଣ୍ଡ ଓ ସ୍ତର । ଆମେମାନେ ଏହି ଦେଶଗୁଡ଼ିକରେ ରହୁଛୁ । ଅସଂଖ୍ୟ ପୁରସ୍କାରର ଲାଭ ଉଠାଉଛୁ, ଆଉ ଆମେମାନେ ଅଲ୍ଲାଃତାଲାଙ୍କ କୃତଜ୍ଞତାର ଅଧିକାର ସମ୍ପାଦନ କରୁ ନାହୁଁ । ବରଂ ବେଳେବେଳେ ଛୋଟ ଛୋଟ କଥାରେ ମଧ୍ୟ ଅଭିଯୋଗ ସୃଷ୍ଟି ହୋଇଥାଏ । ଘର ଲୋକଙ୍କ ସହ ମାନ ଅଭିମାନ, ଅଭିଯୋଗ ହୋଇଥାଏ ଯେ, ଏଇଟା ଆଣିଲେ ନାହିଁ, ସେଇଟା ଆଣିଲେ ନାହିଁ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ ମଉଦ୍ ର.ଅ ଏହି କୃତଜ୍ଞ ଲୋକମାନଙ୍କର ଏବଂ ସହାବା ର.ଅଙ୍କ କୃତଜ୍ଞତାର ନକ୍ସା (ଚରିତ୍ର ଚିତ୍ରଣ) ଅତ୍ୟନ୍ତ ପ୍ରଭାବଶାଳୀ ତଥା ମର୍ମସ୍ପର୍ଶୀ ଭାବେ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି ଯେ, ଯଦି ତୁମ ଶରୀରରେ କେବେ ଛିଣ୍ଡା କପଡ଼ା ଥାଏ ସେତେବେଳେ ତୁମେ କାନ୍ଦିବାକୁ ଲାଗ ଏବଂ ଏହା କୁହ ଯେ, ଆମ ଭାଗ୍ୟ କେଡ଼େ ଖରାପ ଯେ, ଆମକୁ ପିନ୍ଧିବାକୁ ଛିଣ୍ଡା କପଡ଼ା ମିଳିଲା ! ମାତ୍ର ସହାବା ର.ଅଙ୍କୁ ଛିଣ୍ଡା କପଡ଼ା ମିଳିଲେ ସେମାନଙ୍କ ମୁଣ୍ଡ ଅଲ୍ଲାଃଙ୍କ ଦରବାରରେ ଆନତ ଅର୍ଥାତ୍ ନଇଁ ଯାଉଥିଲା । ସେମାନଙ୍କ ତୁଣ୍ଡ ତାହାଙ୍କ କୃପାର ଚର୍ଚ୍ଚାରେ ଆର୍ଦ୍ର (ଓଦା ବା ଭିଜି) ହୋଇ ଯାଉଥିଲା ଏବଂ ସେମାନେ କହୁଥିଲେ, "ଆମମାନଙ୍କର ଈଶ୍ୱର ଆମମାନଙ୍କୁ କେଡ଼େ ସୁନ୍ଦର ବସ୍ତ୍ର ଦେଇଛନ୍ତି !" ସେମାନଙ୍କୁ ଯଦି ଚାରି ଦିନ ପରେ ଶୁଖିଲା ରୁଟି ଖଣ୍ଡେ ମିଳୁଥିଲା ସେତେବେଳେ ସେମାନଙ୍କ ଆଖି ଖୁସିରେ ଝଲସି ଉଠୁଥିଲା ଏବଂ ସେମାନେ କହୁଥିଲେ, "**ଅଲ୍‌ହମ୍‌ଦୁଲିଲ୍ଲାଃ,** ଈଶ୍ୱର ଆମକୁ ନିଜ ପୁରସ୍କାରରେ ପୁରସ୍କୃତ କରିଛନ୍ତି ।" ଆପଣ ର.ଅ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସମ୍ବୋଧିତ କରି କୁହନ୍ତି ଯେ, ଏହି କାରଣ ରହିଛି ଯେ, ସେହି ଶୁଖିଲା ରୁଟି ଖଣ୍ଡରୁ ସେମାନଙ୍କୁ ଯେଉଁ ଲାଭ ତଥା ତୃପ୍ତି ମିଳୁଥିଲା ତାହା ତୁମମାନଙ୍କୁ ପୋଲୋଉ ଏବଂ କୋର୍ମାରୁ (ଖାସି ମାଂସର ବ୍ୟଞ୍ଜନ)ରୁ ମଧ୍ୟ ମିଳେ ନାହିଁ । ଆଜି ଯେଉ ବ୍ୟକ୍ତିକୁ ପୋଲୋଉ ମିଳୁଛି ସେ ପୋଲୋଉ ତ' ଖାଉଛି କିନ୍ତୁ ମନରେ ଇଚ୍ଛା ରହିଥାଏ ଯେ, ପୋଲୋଉ ସହିତ ଜର୍ଦ୍ଦା (ମିଠାଭାତ) ଥିଲେ ଭଲ ହୋଇଥାଆନ୍ତା । ଯାହାକୁ ପୋଲୋଉ ଏବଂ ଜର୍ଦ୍ଦା ମିଳୁଛି, ସେ ମଧ୍ୟ କାନ୍ଦି କହୁଛି ଯେ ଜର୍ଦ୍ଦା ସହ ଫିରନୀ (ଖିରି) ଥିଲେ ଭଲ ହୋଇଥାଆନ୍ତା । ଯାହାକୁ ଡାଲି ମିଳୁଛି ସେ ମାଂସ ପାଇଁ କାନ୍ଦୁଛି, ଯାହାକୁ ମାଂସ ମିଳୁଛି ସେ ଭାତ ଚାଉଳ ପାଇଁ ଛଟପଟ ହେଉଛି । ଆପଣ ର.ଅ ଏହିପରି ବବିରଣୀ ପ୍ରଦାନ କରିଛନ୍ତି । ସେ ଯାହା ହେଉ ଆପଣ ର.ଅ କୁହନ୍ତି: "ସେ ଯାହା ହେଉ କିନ୍ତୁ ସେହି ସାହାବା ର.ଅଙ୍କ ସ୍ଥିତି କ'ଣ ଥିଲା ? ସେଠାରେ ଶୁଖିଲା ରୁଟି ଖଣ୍ଡେ ମିଳିଲେ ମଧ୍ୟ ସେମାନେ କହୁଥିଲେ, "ଆମେ ଏହି ଖଣ୍ଡକ ପାଇଁ ମଧ୍ୟ ଯୋଗ୍ୟ ନ ଥିଲୁ, ଏହା ତ' ଅଲ୍ଲାଃଙ୍କ କୃପା ଯେ, ସେ ଆମମାନଙ୍କୁ ଏହା ଦେଇଛନ୍ତି।" ପରିଣାମ ଏହା ହେଉଥିଲା ଯେ, ସେହି ଶୁଖିଲା ରୁଟି ସେମାନଙ୍କ ଶରୀରରେ ଲାଗୁଥିଲା, ସେମାନଙ୍କ ମଧ୍ୟରେ ଉଚ୍ଚ ମନୋବଳ ଏବଂ ସାହସ ସୃଷ୍ଟି କରୁଥିଲା ଓ ସେମାନଙ୍କ କୃତଜ୍ଞତା ଭାବନାକୁ ଆହୁରି ବୃଦ୍ଧି କରି ଦେଉଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କା ବିଜୟ ଦିନ, ଯେଉଁଦିନ ଆରବର ଅହଂକାର ଶେଷ ହେଲା ଏବଂ ରସୁଲ କରୀମ୍ ସ.ଅ ଦଶ ହଜାର ପବିତ୍ର ସାଥୀମାନଙ୍କ ସହିତ ମକ୍କାରେ ପ୍ରବେଶ କଲେ ସେତେବେଳେ ମକ୍କାର ବଡ଼ ବଡ଼ ସର୍ଦ୍ଦାରମାନେ ଯେଉଁମାନଙ୍କ ସାରା ଜୀବନ ଇସ୍‌ଲାମ୍ ଧର୍ମ ବିରୋଧରେ ବିତିଥିଲା ସେମାନେ ମୁଣ୍ଡ ନୁଆଁଇ ଆପଣ ସ.ଅଙ୍କ ବଶ୍ୟତା ସ୍ୱୀକାର କଲେ ଏବଂ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଆପଣ ସ.ଅ ସେମାନଙ୍କ ସାମ୍ନାରେ ଘୋଷଣା କଲେ ଯେ, "ଯାଅ, ମୁଁ ତୁମମାନଙ୍କୁ କିଛି କହିବି ନାହିଁ, ତୁମେମାନେ ସମସ୍ତେ ମୋ ତରଫରୁ ମୁକ୍ତ ଓ ସ୍ୱାଧୀନ ଅଟ ।" ସେ ଯାହା ହେଉ ଏହି ଘୋଷଣା ପରେ ଆପଣ ସ.ଅ ହ. ଉମ୍ମେ ହାନି ର.ଅଙ୍କ ଘରକୁ ଗଲେ । ଉମ୍ମେ ହାନି ର.ଅ ଆପଣଙ୍କ ଦାଦା (ଚଚା)ପୁଅ ଭଉଣୀ ଥିଲେ । ଆପଣ ସ.ଅ ପଚାରିଲେ, ହେ ଉମ୍ମେ ହାନି ! "ଖାଇବାକୁ କିଛି ଅଛି ?" ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! "ଖାଇବାକୁ ତ' କିଛି ନାହିଁ, ଯଦି ଥାଆନ୍ତା ମୁଁ ନିଜେ ଆପଣ ସ.ଅଙ୍କୁ ଖାଇବାକୁ ଦେଇଥାନ୍ତି । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଘରେ କେବଳ ଗୋଟିଏ ଶୁଖିଲା ରୁଟି ଯାହା ବହୁ ଦିନରୁ ପଡ଼ିଛି ତାହା ବ୍ୟତୀତ ଆଉ କିଛି ନାହିଁ ।" ଆପଣ ସ.ଅ କହିଲେ: "ଠିକ୍ ଅଛି, ସେଇଆକୁ ନେଇଆସ ।" ଯେତେବେଳେ ସେ ରୁଟି ଆଣିଲେ, ଆପଣ ସ.ଅ କହିଲେ, "ଏହା ତ' ବହୁତ ଭଲ ରୁଟି ଅଟେ । ତୁମେ ବୃଥାରେ ଦୁଃଖୀ (ନିରାଶ) ହେଉଛ ଯେ, ମୋ ଘରେ ଖାଇବାକୁ କିଛି ନାହିଁ ।" ପୁଣି ସେ ପାଣି ଆଣିଲେ, ଆପଣ ସ.ଅ ରୁଟିକୁ ପାଣିରେ ଭିଜାଇଲେ । ପୁନଶ୍ଚ ତା'ପରେ ଆପଣ ସ.ଅ ପଚାରିଲେ, ହେ ଉମ୍ମେ ହାନି ! "କିଛି ତରକାରୀ ଅଛି?" ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! "ତରକାରୀ କୁଆଡୁ ଆଉ ଆସିବ? ମୋ ପାଖରେ ତ' ରୁଟି ବି ନ ଥିଲା । ଥିଲେ ପ୍ରଥମରୁ ମୁଁ ଆପଣ ସ.ଅଙ୍କ ପାଖକୁ ଆଣି ନ ଥାଆନ୍ତି କି ? ଖାଲି ଅଳ୍ପ ସିର୍କା (ଭିନେଗାର) ପଡ଼ିଛି ।" ରସୁଲୁଲ୍ଲାଃ ସ.ଅ କହିଲେ, "ସିର୍କା କେଡ଼େ ସୁନ୍ଦର ତରକାରୀ ଅଟେ !" ସେ ସିର୍କା ଆଣିଲେ ଏବଂ ଆପଣ ସ.ଅ ଭିଜା ରୁଟି ସହିତ ତାହାକୁ ଖାଇବାକୁ ଲାଗିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ ମଉଦ୍ ର.ଅ କୁହନ୍ତି ଯେ, ରସୁଲ କରୀମ୍ ସ.ଅ ସିର୍କାକୁ ମଧ୍ୟ ଈଶ୍ୱରଙ୍କ ପ୍ରସାଦ (ଅର୍ଥାତ୍ ପୁରସ୍କାର) ବୋଲି ମନେକଲେ ଏବଂ ସେଥିରେ ଶୁଖିଲା ରୁଟି ଖାଇ ତାହାଙ୍କ (ପ୍ରଭୁଙ୍କ) ପ୍ରତି କୃତଜ୍ଞତା ଜଣାଇଲେ। ସୁତରାଂ ପ୍ରକୃତରେ ହଜମ୍ ପ୍ରକ୍ରିୟା ମଣିଷର ମନର ପ୍ରସନ୍ନତାରୁ ହିଁ ସୃଷ୍ଟି ହୁଏ । ଯଦି ଖୁସିରେ ଗୋଟିଏ ସାଧାରଣ ଜିନିଷ ମଧ୍ୟ ଖିଆଯାଏ ତେବେ ତାହା ବହୁତ ଶକ୍ତି ଦେଇଥାଏ । କିନ୍ତୁ ଦୁଃଖରେ ଯଦି ଭଲରୁ ଭଲ ଜିନିଷ ମଧ୍ୟ ଖିଆଯାଏ (ସେବନ କରାଯାଏ) ତେବେ ତାହା ଶରୀରକୁ କୌଣସି ଶକ୍ତି ଦିଏ ନାହିଁ । ଲୋକମାନେ ଭାବନ୍ତି ଯେ, ଆମକୁ ଅଧିକ ଜିନିଷ ମିଳିବା କଥା କିନ୍ତୁ କମ୍ ମିଳିଛି । ମାତ୍ର ସେହି ସହାବା ର.ଅ ପ୍ରତ୍ୟେକ ଜିନିଷ ସଂପର୍କରେ ଭାବୁଥିଲେ ଯେ, କମ୍ ମିଳିବା କଥା, କିନ୍ତୁ ଅଧିକ ମିଳିଛି । ସେମାନଙ୍କ କୃତଜ୍ଞତାର ଶୈଳୀ ଏପରି ଥିଲା ଯେ, ଅଳ୍ପ ମିଳିଲେ ମଧ୍ୟ ସେମାନେ କହୁଥିଲେ ଯେ, "ଏହା ମଧ୍ୟ ବହୁତ ଅଧିକ ଅଟେ"। ସେଥିପାଇଁ

ସେମାନଙ୍କର ଗୋଟିଏ ରୁଟି ମଧ୍ୟ ସେମାନଙ୍କୁ ଯେଉଁ ଲାଭ ଦେଉଥିଲା ତାହା ତୁମକୁ ଦଶଟି ରୁଟି ମଧ୍ୟ ଦେଇପାରୁ ନାହିଁ ।

ହୁଜୁର ଅନ୍ୱର୍ ଅ.ବ ପୁନଶ୍ଚ କହିଲେ, ଯେ, ଏହା ଏଇଥିପାଇଁ ଯେ, ତୁମମାନଙ୍କ ମଧ୍ୟରୁ କେତେକ ବ୍ୟକ୍ତି ଏପରି ଅଛନ୍ତି ଯେଉଁମାନେ ବିଶ୍ୱାସର ମିଷ୍ଟତାକୁ ଏପର୍ଯ୍ୟନ୍ତ ଚାଖି ନାହାନ୍ତି । ତୁମମାନଙ୍କର ହୃଦୟ ଏହି ସତ୍ୟତା ଠାରୁ ସମ୍ପୂର୍ଣ୍ଣ ଅଜ୍ଞ ତଥା ଅନବବଗତ ଯେ, ଅଲ୍ଲାଃତାଲା ତୁମକୁ ଗୋଟିଏ ମହାନ୍ ଆଧ୍ୟାତ୍ମିକ କାର୍ଯ୍ୟ ସକାଶେ ସୃଷ୍ଟି କରିଛନ୍ତି। ଯାହାକୁ ଈଶ୍ୱର ଆଧ୍ୟାତ୍ମିକ ବିପ୍ଲବ ଏବଂ ପରିବର୍ତ୍ତନ ସକାଶେ ସୃଷ୍ଟି କରନ୍ତି ତେବେ ତାହା ବିପକ୍ଷରେ ଦୁନିଆର ବଡ଼ରୁ ବଡ଼ ରାଜା ମଧ୍ୟ ତୁଚ୍ଛ । କିନ୍ତୁ ନିଜ ମର୍ଯ୍ୟାଦାକୁ ବୁଝିବା ଏବଂ କର୍ତ୍ତବ୍ୟର ସଠିକ୍ ଅନୁଭୂତି ତଥା ଅବବୋଧ ସୃଷ୍ଟି କରିବା ପରିବର୍ତ୍ତେ ତୁମେମାନେ ଅତ୍ୟନ୍ତ ନିମ୍ନ ସ୍ତରର ଏବଂ ଛୋଟ ଛୋଟ କଥା ପ୍ରତି ଧ୍ୟାନ ଦେଉଛ ଏବଂ କହୁଛ "ମୋତେ ଏଇଟା ମିଳିଲାନି, ସେଇଟା ମିଳିଲାନି"। ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ଏହି ଅନୁଭୂତି ଓ ଏହି ଭାବ ସୃଷ୍ଟି ନ ହୋଇଛି ଯେ, ଅଲ୍ଲାଃତାଲା ତୁମମାନଙ୍କୁ କେଉଁ ଉଦ୍ଦେଶ୍ୟ ସକାଶେ ସୃଷ୍ଟି କରିଛନ୍ତି ସେପର୍ଯ୍ୟନ୍ତ ତୁମେମାନେ କି କାମ କରି ? ଅଲ୍ଲାଃତାଲା ତୁମମାନଙ୍କୁ ଏପରି ସ୍ଥାନରେ ଛିଡ଼ା କରିଛନ୍ତି ଯେ, ତୁମେମାନଙ୍କ ହୃଦୟ ପ୍ରତ୍ୟେକ ସମୟରେ ଆନନ୍ଦର ଲହରୀ ଦ୍ୱାରା ପରିପୂର୍ଣ୍ଣ ରହିବା କଥା । ଯଦି ଏହି ଜିନିଷ ତୁମ ଭିତରେ ସୃଷ୍ଟି ହୋଇଯାଏ, ତେବେ ତୁରନ୍ତ ତୁମ ଭିତରେ ଏପରି ଶକ୍ତି ଆସିଯିବ ଯେ, ଅଳ୍ପରୁ ଅଳ୍ପ ଖାଦ୍ୟ ମଧ୍ୟ ତୁମକୁ କାର୍ଯ୍ୟକ୍ଷମ କରିଦେବ । **(ଅମଲ୍ କେ ବଗୈର୍ କାମିୟାବି ହାସିଲ୍ ନହିଁ ହୋଇ ସକତିରୁ ଉଦ୍ଧୃତ, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-18, ପୃ-475-479) (ଉସ୍‌ଦୁଲ୍ ଗାବା, ଗ୍ରନ୍ଥଖଣ୍ଡ-7, ପୃ-393, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ହେଉଛି ସେହି ପଥ୍ୟ ଓ ଉପାୟ ଯାହାକୁ ସାଧାରଣ ଭାବେ ପ୍ରତ୍ୟେକ ଅହମଦି ଏବଂ ବିଶେଷ କରି 'ୱାକିଫିନେ ଜିନ୍ଦଗୀ' (ଉତ୍ସର୍ଗୀକୃତ ଜୀବନ ବ୍ୟକ୍ତି)ମାନେ ନିଜ କୃତଜ୍ଞତାର ସ୍ତରକୁ ବୃଦ୍ଧି କରିବା ପାଇଁ ବ୍ୟବହାର କରିବା ଉଚିତ୍ । ଏହାର ଯଥେଷ୍ଟ ଆବଶ୍ୟକତା ରହିଛି ଏବଂ ନିଜ ସ୍ତ୍ରୀ ତଥା ପିଲା ଛୁଆଙ୍କ ମଧ୍ୟରେ ମଧ୍ୟ ଏହାର ଅନୁଭୂତି ଅଧିକରୁ ଅଧିକ ସୃଷ୍ଟି କରିବା ଦରକାର । କାରଣ ଯେଉଁ ଉଦ୍ଦେଶ୍ୟ ପାଇଁ ସେମାନେ ନିଜକୁ ଉତ୍ସର୍ଗ କରିଛନ୍ତି ତାହା ଅତ୍ୟନ୍ତ ମହାନ୍ ଅଟେ । ମହାନ୍ ଉଦ୍ଦେଶ୍ୟ ହାସଲ୍ କରିବା ପାଇଁ ମହାନ୍ ବ୍ୟକ୍ତିମାନଙ୍କ ଆଦର୍ଶ ସାମ୍ନାରେ ରଖିବା ଉଚିତ୍ ଓ ତାହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମଧ୍ୟ ଉଦ୍ୟମ କରିବା ଉଚିତ୍ । ତେବେ ଯାଇ ସେହି ଉଦ୍ଦେଶ୍ୟ ଓ ସେହି ଅଭିପ୍ରାୟ ପ୍ରାପ୍ତ ହୋଇପାରିବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ରସୁଲୁଲ୍ଲାଃ ସ.ଅ ନିଜର ସହାବା[ର.ଅ]ଙ୍କ ସେବା ପାଇଁ କୃତଜ୍ଞତା ସହିତ ସେମାନଙ୍କୁ କିଭଳି ଦୁଆ (ପ୍ରାର୍ଥନା ଅର୍ଥାତ୍ ଆଶୀର୍ବାଦ) ଦେଉଥିଲେ ସେ ବିଷୟରେ ଅବୁ କତାଦା ର.ଅଙ୍କର ଗୋଟିଏ ବର୍ଣ୍ଣନା ରହିଛି । ସେ କୁହନ୍ତି, ଯେ ରସୁଲୁଲ୍ଲାଃ ସ.ଅ ସେମାନଙ୍କୁ ସମ୍ବୋଧିତ କରି କହିଲେ, ହେ ସାହାବାମାନେ ! "ତୁମେମାନେ ସାରା ସନ୍ଧ୍ୟା ଏବଂ ସାରା ରାତି ଚାଲିବ ଏବଂ କାଲି ଇନ୍‌ଶାଅଲ୍ଲାଃ ପାଣି ପାଖରେ ପହଞ୍ଚିବ।" (ଆପଣ ସ.ଅ କୌଣସି ଯାତ୍ରାରେ ଥିଲେ)। ଲୋକମାନେ ଏପରି ଚାଲିଲେ ଯେ, କେହି ତାହା ପ୍ରତି ଧ୍ୟାନ ଦେଲେ ନାହିଁ । ହ. ଅବୁ କତାଦା ର.ଅ କୁହନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଚାଲି ଚାଲି ଯାଉଥିଲେ, ଆଧାରାତି ବିତିଗଲା ଏବଂ ମୁଁ ଆପଣଙ୍କ ପାଖରେ ଥିଲି । ଆପଣ ସ.ଅଙ୍କୁ ନିଦ ଲାଗିବାରୁ ଆପଣ ନିଜ ସବାରୀ (ଓଟ/ଘୋଡ଼ା) ଉପରେ ଗୋଟିଏ ପାଖକୁ ଢଳି ପଡ଼ିଲେ । ମୁଁ ଆପଣଙ୍କୁ ନ ଉଠାଇ ସାହାରା ଦେଲି ଯଦ୍ୱାରାକି ଆପଣ ସ.ଅ ପୁଣି ସିଧା ହୋଇ ବସିଗଲେ । ଆପଣ ସ.ଅ ପୁଣି ଆପଣ ଚାଲିବାକୁ ଲାଗିଲେ । ରାତିର ଅଧିକାଂଶ ଭାଗ ବିତିଯିବା ପରେ ପୁଣି ନିଦ ଯୋଗୁଁ ଢଳି ପଡ଼ିଲେ, ମୁଁ ପୁଣି ନ ଉଠାଇ ସାହାରା ଦେଲି । ଶେଷରେ ରାତି ପାହାନ୍ତା ସମୟ ଆସିଗଲା, ଏଥର ଆପଣ ପୂର୍ବାପେକ୍ଷା ଅଧିକ ଢଳିଗଲେ, ପଡ଼ିଯିବାକୁ ବସିଥିଲେ କି ମୁଁ ଆପଣଙ୍କୁ ସାହାରା ଦେଲି। ସୁତରାଂ ଆପଣ ସ.ଅ ମୁଣ୍ଡ ଟେକି ପଚାରିଲେ, "କିଏ?" ମୁଁ କହିଲି: "ଅବୁ କତାଦା ।" ଆପଣ ସ.ଅ ପଚାରିଲେ: "ତୁମେ କେତେ ସମୟ ଧରି ମୋ ସହିତ ଏପରି ଚାଲୁଛ ?" ମୁଁ କହିଲି: "ରାତିସାରା ।" ଆପଣ ସ.ଅ ଦୁଆ କଲେ, ହେ ଅବୁ କତାଦା ! ଯେପରି ତୁମେ ତାଙ୍କ ନବୀଙ୍କୁ ରକ୍ଷା କଲ ସେହିପରି ଅଲ୍ଲାଃତାଲା ମଧ୍ୟ ତୁମର ରକ୍ଷକ ହୁଅନ୍ତୁ ।" **(ସହିହ ମୁସ୍‌ଲିମ୍, ଅନୁବାଦକ, କିତାବୁଲ୍ ମସାଜିଦି ୱ ମୱାଜିଇସ୍ ସଲାତି, ବାବ୍-କଜାଅସ୍ ସଲାତା.....ହଦିସ୍ ନଂ-1091 (311) ଗ୍ରନ୍ଥଖଣ୍ଡ-3, ପୃ-165-166, ନୁର୍ ଫାଉଣ୍ଡେସନ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣ ସ.ଅ ଅତ୍ୟନ୍ତ କୃତଜ୍ଞତା ପ୍ରକାଶ କଲେ। ଆପଣ ସ.ଅ ନିଜ କୃତଜ୍ଞତାର କେଉଁ ଆଦର୍ଶ ଆମ ସାମ୍ନାରେ ରଖିଛନ୍ତି ? ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ହ. ଅବୁ ଉମାମା ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ରସୁଲୁଲ୍ଲାଃ ସ.ଅ କହିଛନ୍ତି ଯେ, ମୋର ପ୍ରଭୁ ମୋ ସାମ୍ନାରେ ମକ୍କାର ଉପତ୍ୟକାକୁ ସୁନା କରି ଦେବାର ପ୍ରସ୍ତାବ ରଖିଲେ। ମୁଁ ନିବେଦନ କଲି ଯେ, "ହେ ମୋର ପାଳନକର୍ତ୍ତା ! ନା ନା । ବରଂ ମୁଁ ଚାହୁଁଛି ଯେ, ମୁଁ ଦିନେ ଭୋକିଲା ରହିବି ଏବଂ ଦିନେ ପେଟପୂରି ଖାଇବି । କାରଣ ପେଟ ପୂରିଲେ ମୁଁ ତୁମର ପ୍ରଶଂସା କରିବି ଓ କୃତଜ୍ଞତା ଜ୍ଞାପନ କରିବି । ସେହିପରି ମୁଁ ଭୋକିଲା ରହିଲେ ତୁମ ଦରବାରରେ ବିନୀତତା ଓ ନମ୍ରତାର ସହିତ ତୁମ୍ଭ ନିକଟରେ ଦୁଆ (ପ୍ରାର୍ଥନା) କରିବି।"**(କିତାବ୍ ଅଖ୍‌ଲାକୁନ୍ ନବୀ ୱ ଆଦାବହୁ, ଲେଖକ- ଇବ୍‌ନେ ହୟ୍ୟାନୁଲ୍ ଅସ୍ ବହାନି, ପୃ-224, ଦାରୁଲ୍ କୁତୁବୁଲ୍ ଅରବି, 1986)** ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ସେ କୁହନ୍ତି, ଯେତେବେଳେ ରସୁଲୁଲ୍ଲାଃ ସ.ଅ ପାଣି ପିଉଥିଲେ ସେତେବେଳେ ପାତ୍ରକୁ ଓଠରୁ ହଟାଇ ତିନୋଟି ଶ୍ୱାସରେ ପିଉଥିଲେ। ଗୋଟିଏ ଶ୍ୱାସରେ ସଂପୂର୍ଣ୍ଣ ଗ୍ଲାସ୍ ପିଉ ନ ଥିଲେ । ପ୍ରତ୍ୟେକ ଶ୍ୱାସରେ ଅଲ୍ଲାଃତାଲାଙ୍କ ପ୍ରଶଂସା କରୁଥିଲେ ଏବଂ ଶେଷ ଶ୍ୱାସ ପରେ ଅଲ୍ଲାଃତାଲଙ୍କ କୃତଜ୍ଞତା ଜଣାଉଥିଲେ । **(କିତାବ ଅଖ୍‌ଲାକୁନ୍ ନବୀ ସ.ଅ ୱ ଆଦାବୁହୁ, ଲେଖକ-ଇବନେ ହୟ୍ୟାନୁଲ୍ ଅସ୍ ବହାନି, ପୃ-224, ଦାରୁଲ୍ କୁତୁବୁଲ୍ ଅରବି, 1986)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରି ଆପଣ ସ.ଅ କହିଛନ୍ତି ଯେ, ଢୋକେ ପାଣି ପିଇଲେ ମଧ୍ୟ ତୁମେମାନେ ଅଲ୍ଲାଃତାଲାଙ୍କ କୃତଜ୍ଞତା ଜଣାଅ (ଜ୍ଞାପନ କର)। ତାହାଙ୍କର ପ୍ରଶଂସା କର । ଏହା ହେଉଛି ପାଣି ପିଇବାର ଉପାୟ ବା ତରିକା । କୃତଜ୍ଞତା ସହ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଆବଶ୍ୟକ ଯେ, ଏକାଥରକେ ନ ପିଇ ଧୀରେ ଧୀରେ ଅଟକି ଅଟକି ପାଣି ପିଇବା ଉଚିତ୍ । ବୁଖାରୀରେ ହ. ଅବୁ ହୁରୈରା ର.ଅଙ୍କର ଗୋଟିଏ ଦୀର୍ଘ ବର୍ଣ୍ଣନା ବର୍ଣ୍ଣିତ ହୋଇଛି । ସେ କୁହନ୍ତି, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ ଭୋକ ସହି ନ ପାରି କଳିଜାକୁ ଚାପି ଧରିବା ପାଇଁ ଛାତିକୁ ଛାତି ତଳେ ଲଗାଇ ଭୂମିରେ ପଡ଼ି ରହୁଥିଲି ଏବଂ ବେଳେବେଳେ ପେଟରେ ପଥର ମଧ୍ୟ ବାନ୍ଧୁଥିଲି । ଦିନେ ମୁଁ ଲୋକଙ୍କ ଯିବା ଆସିବା ରାସ୍ତାରେ ବସିଲି । ସେଠାରୁ ହ. ଅବୁ ବକ୍କର ର.ଅ ଅତିକ୍ରମ କଲେ । ମୁଁ ତାଙ୍କୁ ଗରିବଙ୍କ ଯତ୍ନ ନେବା ସଂପର୍କରେ କୁର୍‌ଆନ୍‌ର ଗୋଟିଏ ଆୟତ୍‌ର ଅର୍ଥ ଯେତେବେଳେ ପଚାରିଲି (ଯଦ୍ୱାରାକି ସେ ମୋ ଭୋକ ଅବସ୍ଥା ବିଷୟରେ ବୁଝିପାରିବେ) ସେ ମୋତେ ଅର୍ଥ ବୁଝାଇ ଚାଲିଗଲେ । ତା'ପରେ ହ. ଉମର୍ ର.ଅ ସେହି ମାର୍ଗ ଦେଇ ଗଲେ, ସେ ମଧ୍ୟ ଅର୍ଥ ବୁଝାଇ ଚାଲିଗଲେ । ତା'ପରେ ରସୁଲୁଲ୍ଲାଃ ସ.ଅ ସେହି ବାଟେ ଦେଇ ଅତିକ୍ରମ କଲେ । ସେ ମୋତେ ଦେଖି ହସିଦେଲେ ଏବଂ ମୋ ଚେହେରାର ସ୍ଥିତି ବୁଝିଗଲେ । କହିଲେ, ହେ ଅବୁ ହୁରୈରାହ୍ ! ମୁଁ କହିଲି, "ଆଜ୍ଞା ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି ।" ଆପଣ ସ.ଅ କହିଲେ, "ମୋ ପଛେ ପଛେ ଆସ ।" ଆପଣ ସ.ଅ ଘରକୁ ଗଲେ, ମୁଁ ମଧ୍ୟ ଆପଣ ସ.ଅଙ୍କ ପଛେ ପଛେ ଗଲି । ଘରେ କ୍ଷୀର ପାତ୍ରଟିଏ ଥିଲା । ଆପଣ ସ.ଅ ଘର ଲୋକଙ୍କୁ ପଚାରିଲେ ଯେ, ହେ ଅନ୍ତେବାସୀ (ପରିବାରର ଲୋକ)! "ଏହି କ୍ଷୀର କେଉଁଠୁ ଆସିଲା ?" ଘରଲୋକ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! "ଏହି କ୍ଷୀର ଉପହାରରେ ଆସିଛି ।" ସେ ଯାହା ହେଉ ଆପଣ ସ.ଅ କହିଲେ, "ହେ ଅବାହିର୍ କିମ୍ବା ଅବୁ ହିର୍ ! ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉପସ୍ଥିତ ଅଛି। ଆପଣ ସ.ଅ କହିଲେ, ସୁଫା ବାସୀଙ୍କ ପାଖକୁ ଯାଅ ଓ ସେମାନଙ୍କୁ ମୋ ପାଖକୁ ଡାକିଆଣ। ଏହି ଲୋକମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ସର୍ବଦା ଭୋକିଲା ହିଁ ରହୁଥିଲେ ଏବଂ ସବୁବେଳେ ବାହାରେ ବସି ରହୁଥିଲେ । ଲୋକମାନେ ଏମାନଙ୍କୁ ଖାଦ୍ୟ ପଦାର୍ଥ ନେଇ ଖୁଆଇ ଦେଉଥିଲେ । ସେ ଯାହା ହେଉ ହ. ଅବୁ ହୁରୈରା ର.ଅ କୁହନ୍ତି ଯେ, ମୋତେ ଏକଥା ଟିକେ ଅସୁବିଧା ଲାଗିଲା ଏବଂ ମୁଁ ଭାବିଲି ଯେ ଏତିକି କ୍ଷୀର ସେମାନଙ୍କ ପାଇଁ କ'ଣ ହେବ ? ମୁଁ ଅଧିକ ହକ୍‌ଦାର (ଯୋଗ୍ୟ) ଥିଲି । କିନ୍ତୁ ଅଲ୍ଲାଃ ଓ ବାର୍ତ୍ତାବହଙ୍କ ଆଜ୍ଞା ପାଳନ ନ କରି ମୋ ପାଖରେ କିଛି ଉପାୟ ନ ଥିଲା । ମୁଁ ସେମାନଙ୍କୁ ଡାକିଆଣିଲି । ଆପଣ ସ.ଅ କହିଲେ: "ହେ ଅବୁ ହୁରୈରାହ୍ ! ଏହା (କ୍ଷୀର ପାତ୍ର) ନିଅ ଏବଂ ସେମାନଙ୍କୁ ଦିଅ ।" ମୁଁ ପାତ୍ରଟି ନେଇ ଜଣ ଜଣକୁ ଦେଲି ସମସ୍ତେ ପେଟପୂରା କ୍ଷୀର ପିଇଲେ । ଶେଷରେ ଆପଣ ସ.ଅଙ୍କ ପାଖକୁ ପାତ୍ରଟି ଆସିଲା । ଆପଣ ସ.ଅ ହସି କହିଲେ, " ହେ ଅବୁ ହୁରୈରା ! ଏବେ ମୁଁ ଓ ତୁମେ ବାକି ଅଛୁ । ବସ ଓ ବସି କ୍ଷୀର ପାନ କର ।" ମୁଁ ବସି କ୍ଷୀର ପାନ କଲି । ଆପଣ ସ.ଅ ପୁଣି କହିଲେ, ହେ ଅବୁ ହୁରୈରାହ୍ ! "ଆଉ ପିଅ ।" ମୁଁ ପିଇଲି । ଶେଷରେ ମୁଁ କହିଲି, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ସତ୍ତାଙ୍କ ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟ ସହ ପଠାଇଛନ୍ତି, ମୋ ପେଟରେ ଆଉ ଆଦୌ ଜାଗା ନାହିଁ ।" ଆପଣ ସ.ଅ ପାତ୍ରଟି ନେଲେ, ପ୍ରଥମେ ଅଲ୍ଲାଃଙ୍କ କୃତଜ୍ଞତା ଜଣାଇଲେ ଏବଂ ତାହାଙ୍କ ନାମ ନେଲେ ବଳକା କ୍ଷୀର ପିଇଲେ । **(ସହିହୁଲ୍ ବୁଖାରୀ, କିତାବୁର୍ ରିକାକ୍, ବାବ୍- କୈଫା କାନା ଐଶୁନ୍ ନବୀ ସ.ଅ....ହଦିସ୍ ନଂ-6452, ଅନୁବାଦକ, ଗ୍ରନ୍ଥଖଣ୍ଡ-15, ପୃ-220-223, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଏହା ଥିଲା ଆପଣଙ୍କ କୃତଜ୍ଞତା, ଯାହା ଯୋଗୁଁ ଅଲ୍ଲାଃତାଲା ସେଥିରେ ଏତେ ବରକତ (କଲ୍ୟାଣ) ଦେଲେ ଯେ, ସମସ୍ତ ସାହାବାମାନେ କ୍ଷୀର ପିଇଲେ ଏବଂ ଆପଣ ସ.ଅଙ୍କ ଭୋକ ମଧ୍ୟ ମେଣ୍ଟିଗଲା । ହ. ଆୟେଶା ର.ଅ ବର୍ଣ୍ଣନା କରନ୍ତି, ରସୁଲୁଲ୍ଲାଃ ସ.ଅ କୁହନ୍ତି, "ଯାହା (ଯେଉଁ ବ୍ୟକ୍ତି) ପ୍ରତି କୌଣସି ଉପକାର କରାଯାଏ ତେବେ ସେହି ବ୍ୟକ୍ତି ତାହାର ପ୍ରତିଦାନ ଦେଉ । ଯଦି ସାମର୍ଥ୍ୟ ନ ଥାଏ ତେବେ ଲୋକଙ୍କ ସାମ୍ନାରେ ସେହି ଉପକାରର ଚର୍ଚ୍ଚା କରୁ । କାରଣ ଯିଏ ଚର୍ଚ୍ଚା କରେ ସେ କୃତଜ୍ଞତା ଜଣାଏ ।" **(ମସ୍‌ନଦ୍ ଅଲ୍ ଇମାମ୍ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଆଏଶା, ଗ୍ରନ୍ଥଖଣ୍ଡ-8, ପୃ-142-143, ହଦିସ୍ ନଂ-25100, ଆଲିମୁଲ୍ କୁତୁବ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ନବୀ ସ.ଅଙ୍କ ମାମୁଁ ଅସ୍‌ୱଦ୍ ବିନ ୱହବ୍ ବିନ୍ ଅବ୍‌ଦେ ମୁନାଫ୍ ଜୁହରା ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେବା ନିମନ୍ତେ ଅନୁମତି ଲୋଡ଼ିଲେ । ନବୀ କରୀମ୍ ସ.ଅ କହିଲେ, ହେ ମୋର ମାମୁଁ! ଆସନ୍ତୁ ଭିତରକୁ ଆସନ୍ତୁ । ସେ ଭିତରକୁ ଆସିଲେ । ରସୁଲୁଲ୍ଲାଃ ସ.ଅ ତାଙ୍କ ପାଇଁ ନିଜ ଚଦର ବିଛାଇ ଦେଲେ ଏବଂ ବସିବାକୁ କହିଲେ । ଆପଣ ସ.ଅ ପୁନଶ୍ଚ କହିଲେ, "ମାମୁଁ ବାପ ସମାନ ଅଟନ୍ତି । ଯେଉଁ ବ୍ୟକ୍ତି ଉପରେ କୌଣସି ଉପକାର କରାଯାଏ ତେବେ ସେ ଯଦି ଧନ୍ୟବାଦ (କୃତଜ୍ଞତା ଜ୍ଞାପନ କରି ନପରାରେ) ଦେଇ ନ ପାରେ ତେବେ ଅନ୍ତତଃ ତାହାର (ସେହି ଉପକାରର) ଚର୍ଚ୍ଚା କରିଦେଉ । କାରଣ ଯେତେବେଳେ ସେହି ବ୍ୟକ୍ତି

ଉକ୍ତ ଉପକାରର ଚର୍ଚ୍ଚା କରିଥାଏ ସେତବେଳେ ସେ ଉକ୍ତ ଉପାକରର କୃତଜ୍ଞତା ଜ୍ଞାପନ କରିଦେଲା ।" **(ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-2, ପୃ-313, ଦାରୁଲ୍ କୁତୁବୁଲ୍ ଇଲମିୟାହ୍-2008 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କୃତଜ୍ଞତାର ଏହି ପକ୍ଷକୁ ଆମେମାନ ଆଁହଜରତ୍ ସ.ଅଙ୍କ ଜୀବନୀରେ କିପରି ଅବଲୋକନ କରୁ ତାହାର ଅନେକ ଘଟଣାବଳୀ ରହିଛି? ଆପଣ ସ.ଅ ସଦାସର୍ବଦା ନିଜର ଉପକାରକାରୀମାନଙ୍କୁ ମନେ ପକାଉଥିଲେ ଓ ପ୍ରତ୍ୟେକ ଅବସରରେ ସେମାନଙ୍କର ଚର୍ଚ୍ଚା କରୁଥିଲେ । ଉଦାହରଣ ସ୍ୱରୂପ ହ. ଖଦିଜା ର.ଅ ଆପଣ ସ.ଅଙ୍କ ସମ୍ମାନସ୍ପଦ ପତ୍ନି ଥିଲେ । ସେ ପ୍ରତ୍ୟେକ ପାଦରେ ଆପଣ ସ.ଅଙ୍କ ମୂଲ୍ୟବୋଧକୁ ହୃଦୟଙ୍ଗମ କରି ଆପଣ ସ.ଅଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥିଲେ । ସେ (ହ. ଖଦିଜା ର.ଅ)ମକ୍କାର ଜଣେ ଧନୀକ ମହିଳା ଥିଲେ। ଯେତେବେଳେ ତାଙ୍କର ବିବାହ ଆପଣ ସ.ଅଙ୍କ ସହିତ ହେଲା ସେତେବେଳେ ସେ ନିଜର ସମସ୍ତ ଧନ ସମ୍ପତ୍ତି ହୁଜୁର ସ.ଅଙ୍କ ପାଦ ତଳେ ଅଜାଡ଼ି ଦେଲେ ଏବଂ କହିଲେ, ହେ ମୋର ସ୍ୱାମୀ ଓ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ଏହି ଧନକୁ ଯେଭଳି ଚାହିଁବେ ସେଭଳି ବ୍ୟବହାର କରନ୍ତୁ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ଅବତାରତ୍ୱ ପରେ ପ୍ରତ୍ୟେକ ପ୍ରକାରର କଷ୍ଟ ଏବଂ ସମସ୍ୟାରେ ପୂର୍ଣ୍ଣ ନିଷ୍ଠାର ସହିତ ଆପଣ ସ.ଅଙ୍କ କାନ୍ଧ ସହିତ କାନ୍ଧି ମିଳାଇ ଆପଣ ର.ଅ (ହ. ଖଦିଜା ର.ଅ) ଛିଡ଼ା ହୋଇଥିଲେ । ଏପର୍ଯ୍ୟନ୍ତକି 10 ନବୱୀ ମାସରେ (ଅବତାରତ୍ୱର 10ମ ମାସରେ) ଯେତେବେଳେ ହ. ଖଦିଜା ର.ଅଙ୍କ ଅକାଳେ ବିୟୋଗ ହେଲା ସେତେବଳେ ନବୀ କରୀମ୍ ସ.ଅ ନିଜର ବିଶ୍ୱସ୍ତ ପତ୍ନିଙ୍କ ଉପକାରକୁ ନିଜ ଜୀବନର ଶେଷ ନିଃଶ୍ୱାସ (ଜୀବନ ସାରା) ପର୍ଯ୍ୟନ୍ତ ମନେରଖିଲେ । ଆପଣ ସ.ଅ ସର୍ବଦା ନିଜ ପତ୍ନି ହ. ଖଦିଜା ର.ଅଙ୍କ ସେହି ସେବା ଓ ଉପକାର ସଂପର୍କରେ ସର୍ବଦା ଚର୍ଚ୍ଚା କରୁଥିଲେ। ଆପଣ ସ.ଅ ସେହି ଉପକାରର ଏତେ ଚର୍ଚ୍ଚା କରୁଥିଲେ ଯେ, ଆପଣ ସ.ଅଙ୍କ ଅନ୍ୟ ପବିତ୍ର ପତ୍ନିମାନେ ଗର୍ବ ପ୍ରକାଶ କରୁଥିଲେ । ସୁତରାଂ ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଯେତେବେଳେ ହ. ଖଦିଜା ର.ଅଙ୍କ ଚର୍ଚ୍ଚା କରୁଥିଲେ ସେତେବେଳେ ତାଙ୍କର (ହ. ଖଦିଜା ର.ଅଙ୍କର) ଉଚ୍ଚ ପ୍ରଶଂସା କରୁଥିଲେ। ହ. ଆଏଶା ର.ଅ କୁହନ୍ତି ଯେ, ଦିନେ ମୋର ସ୍ୱାଭିମାନ ଜାଗ୍ରତ ହେଲା ଏବଂ ମୁଁ ଆପଣ ସ.ଅଙ୍କୁ କହିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅ ଖାଲି ସେହି ବୃଦ୍ଧ ମହିଳାଙ୍କର ଚର୍ଚ୍ଚା କରୁଛନ୍ତି ? ଅଲ୍ଲାଃତାଲା ପରା ଆପଣ ସ.ଅଙ୍କୁ ତାଙ୍କ ଅପେକ୍ଷା ସର୍ବୋତ୍ତମ ପତ୍ନି ପ୍ରଦାନ କରିଛନ୍ତି ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, " ହେ ଆଏଶା ! ଅଲ୍ଲାଃତାଲା ମୋତେ ତାଙ୍କଠାରୁ ଶ୍ରେଷ୍ଠ ପତ୍ନି ପ୍ରଦାନ କରି ନାହାନ୍ତି । କାରଣ ସେ ଅର୍ଥାତ୍ ହ. ଖଦିଜା ମୋତେ ସେତେବେଳେ ଗ୍ରହଣ କରିଥିଲେ ଯେତେବେଳେ ଅନ୍ୟମାନେ ମୋତେ ପ୍ରତ୍ୟାଖ୍ୟାନ କରିଥିଲେ । ଯେତେବେଳେ ଲୋକମାନେ ମୋତେ ପ୍ରତ୍ୟାଖ୍ୟାନ କରି ଦେଇଥିଲେ ସେତେବେଳେ ହ. ଖଦିଜା ର.ଅ ମୋର ପୁଷ୍ଟି କରିଥିଲେ। ଯେତେବେଳେ ଲୋକମାନେ ମୋତେ ନିଜର ଧନ ସମ୍ପତ୍ତିରୁ ବଞ୍ଚିତ କରିଦେଲେ ସେତେବେଳେ ସେ (ହ. ଖଦିଜା ର.ଅ) ମୋତେ ନିଜର ଧନ ସମ୍ପତ୍ତି ଦ୍ୱାରା ସାହାଯ୍ୟ କରିଥିଲେ । ଅଲ୍ଲାଃତାଲା ମୋତେ ତାହାଙ୍କ ଠାରୁ ହିଁ ସନ୍ତାନ ପ୍ରଦାନ କଲେ । କିନ୍ତୁ ଅନ୍ୟମାନଙ୍କ ଠାରୁ ମୋତେ ସନ୍ତାନ ପ୍ରଦାନ କଲେ ନାହିଁ ।" **(ମସ୍‌ନଦ୍ ଅଲ୍ ଇମାମ୍ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଆଏଶା, ଗ୍ରନ୍ଥଖଣ୍ଡ-8, ପୃ-204, ହଦିସ୍ ନଂ-25376, ଆଲିମୁଲ୍ କୁତୁବ୍, 1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ସ.ଅ ସାରା ଜୀବନ ତାଙ୍କର ସେବା ସବୁକୁ ମନେ ରଖିଥିଲେ ଏବଂ ସଦାସର୍ବଦା କୃତଜ୍ଞତା ପ୍ରକାଶ କରୁଥିଲେ । ସେହିପରି ନିଜର ବନ୍ଧୁମାନେ ଯିଏ ଯେପରି ଭାବେ ଆପଣ ସ.ଅଙ୍କୁ ସାହାଯ୍ୟ କରିଥିଲେ, ତାହା ବହୁତ କୃତଜ୍ଞତାର ସହ ପ୍ରକାଶ କରୁଥିଲେ । ଥରେ ହ. ଉମର ର.ଅ ଓ ହ. ଅବୁ ବକ୍କର ର.ଅଙ୍କ ମଧ୍ୟରେ ମତଭେଦ ହେଲା ଏବଂ ଉକ୍ତ ଖବର ଯେତେବେଳେ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ପହଞ୍ଚିଲା ସେତେବେଳେ ଆପଣ ସ.ଅ ଅନ୍ୟମାନଙ୍କୁ ହ. ଅବୁ ବକ୍କର ର.ଅଙ୍କ ବଡ଼ ବଡ଼ ଉପକାର ସବୁ ମନେ ପକାଇଦେଲେ ଏବଂ ସହାବୀ (ସାଥୀ)ମାନଙ୍କୁ ତାଙ୍କୁ କଷ୍ଟ ନ ଦେବା ପାଇଁ ଉପଦେଶ ଦେଲେ । ଶେଷରେ ଯେତେବେଳେ ଦୁହେଁ ମାମଲା ନେଇ ଆଁହଜରତ୍ ସ.ଅଙ୍କ ପାଖକୁ ଆସିଲେ ସେତେବେଳେ ଦୁହିଁଙ୍କୁ ଅନୁଶୋଚନା ହେଲା। ଦୁହେଁ ନିଜର ଭୁଲ୍ ଅନୁଭବ କରି ପାରିଲେ । ହ. ଅବୁ ବକ୍କର ର.ଅ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ହ. ଉମରଙ୍କ ପ୍ରତି ଅନ୍ୟାୟ କରିଛି ତେଣୁ ମୁଁ କ୍ଷମା ମାଗୁଛି । ହ. ଉମର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଉମରଙ୍କ ପ୍ରତି ଅନ୍ୟାୟ କରିଛି ତେଣୁ ଏଥିପାଇଁ କ୍ଷମା ମାଗୁଛି । ସେ ଯାହାହେଉ, ଆଁହଜରତ୍ ସ.ଅ ହ. ଉମର ର.ଅଙ୍କ କଥା ପ୍ରତି କର୍ଣ୍ଣପାତ କଲେ ନାହିଁ (ଧ୍ୟାନ ଦେଲେ ନାହିଁ) ବରଂ ଅସନ୍ତୋଷ ଭାବ ପ୍ରକାଶ କଲେ ଯେ, ସେ କାହିଁକି ହ. ଅବୁବକ୍କର ର.ଅଙ୍କ ସହିତ ଯୁକ୍ତିତର୍କ କଲେ ? ଆପଣ ସ.ଅ ପୁନଶ୍ଚ କହିଲେ, ହେ ଅବୁ ବକ୍କର ! ଅଲ୍ଲାଃ ଆପଣଙ୍କ ଭୁଲ୍‌କୁ (ଦୋଷ) ଗୋପନ ରଖନ୍ତୁ ଏବଂ କ୍ଷମା କରନ୍ତୁ । ତା'ପରେ ହ. ଉମର ର.ଅ ମଧ୍ୟ ଲଜ୍ଜିତ ହୋଇ ହ. ଅବୁ ବକ୍କର ର.ଅଙ୍କ ଘରକୁ ଆସିଲେ । ଯେତେବେଳେ ଦୁହେଁ ବସିଥିଲେ ସେତେବେଳେ ଆପଣ ସ.ଅ କହିଲେ, ହେ ଲୋକମାନେ ! ଅଲ୍ଲାଃତାଲା ମୋତେ ତୁମମାନଙ୍କ ପାଖକୁ ପଠାଇଛନ୍ତି ଏବଂ ତୁମେମାନେ କହିଲ ଯେ, ମୁଁ ମିଛୁଆ ଅଟେ । କିନ୍ତୁ ହ. ଅବୁ ବକ୍କର ର.ଅ କହିଲେ ' ମୁଁ ସତ୍ୟବାଦୀ ଅଟେ ।' ସେ ଅର୍ଥାତ୍ ହ. ଅବୁ ବକ୍କର ର.ଅ ନିଜର ଧନ ଓ ଜୀବନ ଦ୍ୱାରା ମୋ ପ୍ରତି ସହାନୁଭୂତି ପ୍ରକାଶ କଲେ । ତେବେ କ'ଣ ତୁମେମାନେ ମୋର ସାଥୀଙ୍କୁ ମୋ ପାଇଁ ଛାଡ଼ିବ ଅବା ନାହିଁ ? ଆପଣ ସ.ଅ ଦୁଇଥର ଏହି ବାକ୍ୟଟି କହିଲେ । ଏହା ପରେ ହ. ଅବୁ ବକ୍କର ର.ଅଙ୍କୁ କେବେ ବି କଷ୍ଟ ଦିଆଗଲା ନାହିଁ । ସଦାସର୍ବଦା ତାଙ୍କର ଯତ୍ନ ନିଆ ଯାଇଥିଲା । **(ସହୀ ଅଲ୍ ବୁଖାରୀ, କିତାବ୍- ଫଜାଇଲି ଅସ୍‌ହାବୁନ୍ ନବୀ ସ.ଅ, ବାବ୍- କୌଲନ୍ ନବୀ ସ.ଅ: ଲୌ କୁନ୍‌ତୁ ମୁତ୍ତଖିଜା ଖଲିଲନ୍ ହଦୀସ୍ ନଂ-3661, ଅନୁବାଦକ, ଗ୍ରନ୍ଥଖଣ୍ଡ-7, ପୃ-153-154, ପ୍ରକାଶକ- ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ସଇଦ୍ ଖୁଦ୍ରୀ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ ଲୋକମାନଙ୍କୁ ସମ୍ବୋଧିତ କରି କହିଲେ, ଅଲ୍ଲାଃତାଲା ଜଣେ ଭକ୍ତକୁ ଏହି ଅଧିକାର ଦେଇଛନ୍ତି ଯେ, ସେ ଦୁନିଆକୁ ପସନ୍ଦ କରୁ ଅବା ଅଲ୍ଲାଃଙ୍କ ପାଖରେ ଥିବା ଅନୁଗ୍ରହ ଅର୍ଥାତ୍ ପୁରସ୍କାରକୁ ପସନ୍ଦ କରୁ । ତେଣୁ ସେହି ଭକ୍ତ ଅଲ୍ଲାଃଙ୍କ ପାଖରେ ଥିବା ଅନୁଗ୍ରହ ବା ପୁରସ୍କାରକୁ ପସନ୍ଦ କଲା । ଅବୁ ସଇଦ୍ ଖୁଦ୍ରୀ ର.ଅ କୁହନ୍ତି, ଏହା ଶୁଣି ହ. ଅବୁ ବକ୍କର ର.ଅ କାନ୍ଦି ପକାଇଲେ । ଆମେମାନେ ତାଙ୍କ କାନ୍ଦିବା ଦେଖି ଆଶ୍ଚର୍ଯ୍ୟ ଚକିତ ହେଲୁ ଯେ, ରସୁଲୁଲ୍ଲାଃ ସ.ଅ ତ' ଜଣେ ଏପରି ଭକ୍ତଙ୍କ କଥା କହୁଛନ୍ତି ଯାହାକୁ ଅଧିକାର ଦିଆଯାଇଛି । ଆଉ ହ. ଅବୁ ବକ୍କର ର.ଅ ଏକଥା ଶୁଣି କାନ୍ଦୁଛନ୍ତି! ବାସ୍ତବରେ ଏହାର ଅର୍ଥ ସ୍ୱୟଂ ରସୁଲୁଲ୍ଲାଃ ସ.ଅ ହିଁ ଥିଲେ, ଯାହାଙ୍କୁ ଏହି ସୁଯୋଗ ଦିଆଯାଇଥିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ହ. ଅବୁ ବକ୍କର ର.ଅ ଆମ ସହାବାମାନଙ୍କ ମଧ୍ୟରେ ଏହି କଥାର ସବୁଠାରୁ ଅଧିକ ଜ୍ଞାନ ରଖୁଥିଲେ (ଜାଣିଥିଲେ) । ସେଇଥିପାଇଁ କଥାକୁ ବୁଝିବା ମାତ୍ରେ ସେ ସଙ୍ଗସଙ୍ଗେ କାନ୍ଦି ପକାଇଥିଲେ । ରସୁଲୁଲ୍ଲାଃ ସ.ଅ କହିଲେ, "ତୁମ ଲୋକମାନଙ୍କ ମଧ୍ୟରୁ ନିଜର ସାନ୍ନିଧ (ସଙ୍ଗତ୍ୱ) ଏବଂ ଧନ ଖର୍ଚ୍ଚ କରିବା ଦୃଷ୍ଟିରୁ ମୋ' ଉପରେ ସବୁଠାରୁ ଅଧିକ ଉପକାର କରିଥିବା ବ୍ୟକ୍ତି ହେଉଛନ୍ତି ଅବୁ ବକ୍କର । ଯଦି ମୁଁ ମୋର ପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାକୁ ଆତ୍ମୀୟ ବନ୍ଧୁ କରିଥାଆନ୍ତି ତେବେ ମୁଁ ଅବୁ ବକ୍କରଙ୍କୁ କରିଥାଆନ୍ତି । **(ସହୀହୁଲ୍ ବୁଖାରୀ, କିତାବୁ ଫଜାଇଲି ଅସ୍‌ହାବିନ୍ ନବୀ ସ.ଅ, ବାବ୍-କୌଲନ୍ ନବୀ ସ.ଅ ସଦ୍ଦୁ ଅଲ୍ ଅବ୍‌ୱାବି... ହଦୀସ୍ ନଂ- 3654, ଅନୁବାଦକ, ଗ୍ରନ୍ଥଖଣ୍ଡ-149-150, ପ୍ରକାଶକ, ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ହ. ଅବୁ ବକ୍କର ର.ଅଙ୍କ କାନ୍ଦିବାର କାରଣ ଏହା ଥିଲା ଯେ, ଆଁହଜରତ୍ ସ.ଅଙ୍କ ଏହି କଥାକୁ ଶୁଣି ଆପଣ ର.ଅଙ୍କ ମନରେ ଆସି ଯାଇଥିଲା ଯେ, ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କୁ ନିଜ ପାଖକୁ ଡାକିବାକୁ ଚାହୁଁଛନ୍ତି (ଅର୍ଥାତ୍ ଆଁହଜରତ୍ ସ.ଅଙ୍କ ଅକାଳ ବିୟୋଗ ହେବ) । ଯେତେବେଳେ ମୁସଲମାନମାନଙ୍କ ଉପରେ ମକ୍କାରେ ବିଭିନ୍ନ ପ୍ରକାରର ଅତ୍ୟାଚାର କରାଗଲା, ସେତେବେଳେ ସେମାନେ ଅଲ୍ଲାଃତାଲାଙ୍କ ଆଜ୍ଞାରେ ହବ୍‌ଶା (ଇଥିଓପିଆ) ଆଡ଼କୁ ହିଜରତ୍ (ପ୍ରବାସ) କଲେ । ସେହି ସମୟରେ ହବ୍‌ଶାର ରାଜା ସେମାନଙ୍କୁ ନିଜ ଦେଶରେ ଶରଣ ଦେଲେ । ରସୁଲ୍ କରୀମ୍ ସ.ଅ ରାଜା ନଜ୍ଜାଶୀଙ୍କର ଏହି ଉପକାରକୁ ସଦାସର୍ବଦା ମନେ ରଖିଥିଲେ ଏବଂ ପ୍ରତ୍ୟେକ ଅବସରରେ ନିଜର କଥା ଓ କାର୍ଯ୍ୟ (ଆଚରଣ) ଦ୍ୱାରା ଏହି ଉପକାର ପାଇଁ କୃତଜ୍ଞତା ପ୍ରକାଶ କରୁଥିଲେ । ଯେତେବେଳେ ନଜ୍ଜାଶୀଙ୍କର ଏକ ପ୍ରତିନିଧି ମଣ୍ଡଳୀ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅ ସେମାନଙ୍କ ସ୍ୱାଗତ ପାଇଁ ଛିଡ଼ା ହୋଇଗଲେ । ଆପଣ ସ.ଅଙ୍କ ସହାବାମାନେ କହିଲେ, 'ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ନଜ୍ଜାଶୀଙ୍କ ନିମନ୍ତେ ଯଥେଷ୍ଟ ଅଟୁ ।' ଆପଣ ସ.ଅ କହିଲେ, "ସେମାନେ ଆମ ସାଥୀମାନଙ୍କୁ ବହୁତ ସମ୍ମାନର ସହିତ ରଖିଥିଲେ, ବହୁତ ଆଦର କରିଥିଲେ ଏବଂ ମୁଁ ଏହା ପସନ୍ଦ କରୁଛି ଯେ, ସେମାନଙ୍କ (ନଜ୍ଜାଶୀଙ୍କ) ଉକ୍ତ ଉପକାରର ପ୍ରତିଫଳ ମୁଁ ନିଜେ ଶୁଝିବି ।"

**(ଅସ୍ ସୀରତୁ ନବୱିୟା, ଇବ୍ନେ କସୀର୍, ଗ୍ରଖଣ୍ଡ-2, ପୃଷ୍ଠା-31)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣି ଆପଣ ସ.ଅ ଏହି କୃତଜ୍ଞତାର ଭାବନା ଯୋଗୁଁ ରାଜା (ନଜ୍ଜାଶୀ)ଙ୍କର ଯନାଜାଃ ଗାଏବ୍ (ପରୋକ୍ଷ ବା ଅନୁପସ୍ଥିତ ଯନାଜାଃ) ମଧ୍ୟ ପଢ଼ିଥିଲେ । ହ. ଅବୁ ହୁରୈରା ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ନବୀ କରୀମ୍ ସ.ଅ ଯେତେବେଳେ ନଜ୍ଜାଶୀଙ୍କ ମୃତ୍ୟୁ ଖବର ପାଇଲେ, ସେତେବେଳେ ସେ ତାଙ୍କର ଯନାଜାଃ ଗାଏବ୍ ପାଠ କଲେ ଏବଂ ସହାବାମାନେ ମଧ୍ୟ ଆପଣ ସ.ଅଙ୍କ ପଛରେ ଧାଡ଼ି ବାନ୍ଧିଲେ ଓ ଆପଣ ସ.ଅ ଏଥିରେ ଅର୍ଥାତ୍ ଏହି ଯନାଜାଃରେ ଚାରୋଟି ତକବିର୍ କହିଥିଲେ । **(ମସ୍‌ନଦ୍ ଇମାମ୍ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଅବୁ ହୁରୈରାହ୍, ଖଣ୍ଡ-3, ପୃଷ୍ଠା-551, ହଦୀସ୍-9644, ଆଲିମୁଲ୍ କୁତୁବ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନ୍‌ସାରମାନଙ୍କ କାର୍ଯ୍ୟ ଉପରେ ଆପଣ ସ.ଅଙ୍କ କୃତଜ୍ଞତା ପ୍ରକାଶ ଏକ ବର୍ଣ୍ଣନାରେ ଏହିପରି ମିଳେ ଯେ, ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ନବୁୱତ୍‌ର୍ (ଅବତାରତ୍ୱର) ତ୍ରୟୋଦଶ (13ତମ)ବର୍ଷରେ ହିଜ୍‌ରତ୍ (ଅର୍ଥାତ୍ ପ୍ରବାସ) ପୂର୍ବରୁ ମଦିନାରୁ ସତୁରି ଜଣ ଲୋକ ହୁଜୁର୍ ସ.ଅଙ୍କ ହସ୍ତରେ ବୈଅତ୍ (ଦୀକ୍ଷା) ଗ୍ରହଣ କଲେ ଏବଂ ପ୍ରତିଜ୍ଞା ନେଲେ ଯେ ଯେତେବେଳେ ହୁଜୁର ସ.ଅ ମଦୀନା ଆସିବେ ସେତେବେଳେ ସେମାନେ ନିଜ ଜୀବନ ପରି ହୁଜୁର ସ.ଅଙ୍କୁ ସୁରକ୍ଷା ଦେବେ । ଇତ୍ୟବସରରେ ଜଣେ ଅନ୍‌ସାରୀ ସହାବି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମଦିନାର ଇହୁଦୀମାନଙ୍କ ସହିତ ଆମର ପୁରୁଣା ସମ୍ପର୍କ ଅଛି । ଆପଣ ସ.ଅଙ୍କ ସାଥ୍ ଦେବା ଦ୍ୱାରା ତାହା ଭାଙ୍ଗିଯିବ । ଏପରି ଯେମିତି ନ ହୁଏ ଯେ ଯେତେବେଳେ ଅଲ୍ଲାଃ ଆପଣଙ୍କୁ ବିଜୟୀ କରାଇବେ ସେତେବେଳେ ଆପଣ ଆମମାନଙ୍କୁ ଛାଡ଼ି ମକ୍କା ଫେରିଯିବେ । ପ୍ରତ୍ୟୁତ୍ତରରେ ହୁଜୁର ସ.ଅ କହିଲେ, "ନା, ନା ! ଏପରି ମୋଟେ ହେବ ନାହିଁ । ତୁମର ରକ୍ତ ମୋର ରକ୍ତ ହେବ । ତୁମର ବନ୍ଧୁ ମୋର ବନ୍ଧୁ ଏବଂ ତୁମର ଶତ୍ରୁ ମୋର ଶତ୍ରୁ ।"**(ଅସ୍ ସିରତୁନ୍ ନବୱିୟାହ୍, ଇବ୍ନେ ହିଶ୍ଶାମ୍, ପୃଷ୍ଠା-315, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2001**

**ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-3, ପୃ-201, ମକ୍‌ତବା, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଇବ୍ନେ ଅବ୍‌ବାସ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ ଶୌଚାଳୟକୁ ଗଲେ । ତେଣୁ ମୁଁ ଆପଣ ସ.ଅଙ୍କ ପାଇଁ ୱଜୁ (ପ୍ରେକ୍ଷାଳନ) ନିମନ୍ତେ ଜଳ ରଖିଦେଲି । ଆପଣ ସ.ଅ ପଚାରିଲେ 'ଏହି ଜଳ କିଏ ରଖିଛି ? ତେବେ ଆପଣ ର.ଅ କହିଲେ ଯେ, ମୁଁ ଏହି ଜଳ ଆପଣ ସ.ଅଙ୍କ ପାଇଁ ରଖିଛି । ପ୍ରତ୍ୟୁତ୍ତରରେ ଆପଣ ସ.ଅ ତାଙ୍କୁ ଦୁଆ (ଆଶୀର୍ବାଦ କଲେ) ଦେଲେ ଯେ, 'اَللّٰھُمَّ فَقِّھْهُ فِی الدِّیْنِ' ଅର୍ଥାତ୍ ହେ ଅଲ୍ଲାଃ ! ଏହାଙ୍କୁ (ଇବ୍‌ନେ ଅବ୍‌ବାସ୍ ର.ଅଙ୍କୁ) ଧର୍ମର ସଠିକ୍ ବୁଝାମଣା ଅର୍ଥାତ ଅବବୋଧ ପ୍ରଦାନ କର । **(ସହୀହୁଲ୍ ବୁଖାରୀ, ଅନୁବାଦକ, କିତାବୁଲ୍ ଓଜୁଇ, ବାବ୍- ୱଜ୍‌ଉଲ୍ ମାଇ, ଇନ୍ଦଲ୍ ଖଲା, ହଦୀସ-143, ଗ୍ରନ୍ଥଖଣ୍ଡ-1, ପୃ-233, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାମାନ୍ୟ କାମରେ ବି ଆପଣ ସ.ଅ କୃତଜ୍ଞତା ପ୍ରକାଶ କରୁଥିଲେ । ଏକ ବର୍ଣ୍ଣନା ଅଛି ଯେ, ଖୈବର ଯୁଦ୍ଧ ପରେ ବାଟରେ ଆଁହଜରତ୍ ସ.ଅଙ୍କ ବିବାହ ହ. ସଫିୟା ର.ଅଙ୍କ ସହିତ ହେଲା । ବିବାହ ରାତିରେ ହ. ଅବୁ ଆୟୁବ୍ ଖାଲିଦ୍ ବିନ୍ ଜୈଦ୍ ର.ଅ ସାରା ରାତି ଆଁହଜରତ୍ ସ.ଅଙ୍କ ତମ୍ବୁ ବାହାରେ ପ୍ରହରା ଦେଲେ । ଯେତେବେଳେ ରସୁଲୁଲ୍ଲାଃ ସ.ଅ ସକାଳେ ଉଠି ଦେଖିଲେ ଯେ ଅବୁ ଅୟୁବ୍ ବାହାରେ ପ୍ରହରା ଦେଉଛନ୍ତି ସେତେବେଳେ ଆପଣ ସ.ଅ ତାଙ୍କୁ ପଚାରିଲେ ଯେ, 'ହେ ଅବୁ ଆୟୁବ ! ସବୁ କୁଶଳ ଅଛି ତ' ? କଥା କ'ଣ ?' ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୋତେ ଆପଣଙ୍କ ବିଷୟରେ ଏହି ମହିଳାଙ୍କ ଠାରୁ ଆଶଙ୍କା ହେଉଥିଲା ଯେ, କାଳେ ସେ ଆପଣଙ୍କୁ କିଛି କ୍ଷତି ନ ପହଞ୍ଚାଇ ଦିଅନ୍ତୁ । କାରଣ ଖୈବର୍ ଯୁଦ୍ଧରେ ଆପଣ ସ.ଅ ତାଙ୍କ ବାପା, ପତି ଓ ଲୋକମାନଙ୍କୁ ସଂହାର କରିଛନ୍ତି ଏବଂ ସେ ନୂଆ ନୂଆ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଛନ୍ତି । ସେଥିପାଇଁ ମୋ ମନରେ ତାଙ୍କ ପକ୍ଷରୁ ଆପଣଙ୍କ ସୁରକ୍ଷାକୁ ନେଇ ଭୟ ଥିଲା ଓ ଆପଣ ସ.ଅଙ୍କ ପାଇଁ ଚିନ୍ତା ଘାରିଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ତାଙ୍କର ଏହି ନିଷ୍ଠାକୁ ଦେଖି ଆଁହଜରତ୍ ସ.ଅ ତାଙ୍କ ପାଇଁ ଦୁଆ (ପ୍ରାର୍ଥନା) କଲେ ଯେ, "ହେ ଅଲ୍ଲାଃ ! ତୁମ୍ଭେ ଅବୁ ଅୟୁବ୍‌ଙ୍କୁ ସେହିପରି ସୁରକ୍ଷା ଦିଅ ଯେପରି ସେ ସାରା ରାତି ମୋର ସୁରକ୍ଷା ଦେଲେ ।" **(ଅର୍ ରୌଜୁଲ୍ ଅନ୍‌ଫୁ, ଗ୍ରନ୍ଥଖଣ୍ଡ-4, ପୃଷ୍ଠା-85, ଅବୁ ଅୟୁବ୍ ର.ଅ ୟହ୍‌ରିସୁର୍ ରସୁଲି ଲୈଲତା....ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁତ୍‌ଇମ୍ ବିନ୍ ଅଦୀ ସେହି ବ୍ୟକ୍ତି ଥିଲେ ଯିଏ କୁରୈଶ୍‌ମାନଙ୍କ ଅତ୍ୟାଚାରପୂର୍ଣ୍ଣ ଚୁକ୍ତିପତ୍ରକୁ ଚିରି ଦେଇଥିଲେ ଏବଂ ତାଏଫ୍‌ରୁ ଫେରିବା ସମୟରେ ଆଁହଜରତ୍ ସ.ଅଙ୍କୁ ନିଜ ଶରଣରେ ନେଇ ମକ୍କାରେ ପ୍ରବେଶ କରାଇଥିଲେ। ତେଣୁ ଯେତେବେଳେ ବଦର୍ ଯୁଦ୍ଧର ବନ୍ଦୀମାନେ ଆପଣଙ୍କ ସମ୍ମୁଖକୁ ଆସିଲେ ସେତେବେଳେ ଆପଣ ସ.ଅ ମୁତ୍‌ଇମ୍‌ଙ୍କ ଉପକାରର ଚର୍ଚ୍ଚା କଲେ । ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ମୁହମ୍ମଦ ବିନ୍ ଜୁବୈର୍ ନିଜ ପିତା ହ. ଜୁବୈର୍ ବିନ୍ ମୁତ୍‌ଇମ୍ ର.ଅଙ୍କ ଠାରୁ ବର୍ଣ୍ଣନା କରିଛନ୍ତି ଯେ, ନବୀ ସ.ଅ ବଦର୍ ଯୁଦ୍ଧର ବନ୍ଦୀମାନଙ୍କ ସଂପର୍କରେ କହିଲେ, "ଯଦି ମୁତ୍‌ଇମ୍ ବିନ୍ ଅଦୀ ଜୀବିତ ଥାଆନ୍ତେ ଏବଂ ମୋତେ ଏହି ଅପବିତ୍ର ଲୋକଙ୍କ ପାଇଁ ସୁପାରିଶ୍ କରିଥାଆନ୍ତେ ତେବେ ମୁଁ ତାଙ୍କ ଖାତିରରେ ଏମାନଙ୍କୁ ଛାଡ଼ି ଦେଇଥାନ୍ତି ।"**(ସହିହୁଲ୍ ବୁଖାରୀ, ଅନୁବାଦକ, କିତାବ-ଫର୍ଜୁଲ୍ ଖୁମୁସି, ହଦିସ୍ ନଂ-3139, ଗ୍ରନ୍ଥଖଣ୍ଡ-5, ପୃ-487-488, ପ୍ରକାଶକ-ନଜାରତ୍ ଇଶାଅତ୍) (ଅସ୍ ସିରତୁଲ୍ ହଲବିୟାହ୍, ଗ୍ରନ୍ଥଖଣ୍ଡ-1, ପୃ-507, 487, ମକ୍‌ତବା-ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ମଧ୍ୟ ଉକ୍ତ (ଏହି) ଘଟଣାଟିକୁ ଉଲ୍ଲେଖ କରିଛନ୍ତି । ଉକ୍ତ ଘଟଣା ଉଲ୍ଲେଖ କରିବା ପରେ ଆପଣ ର.ଅ ଉଲ୍ଲେଖ କରିଛନ୍ତି ଯେ, ମୁତ୍‌ଇମ୍ ଜଣେ ପକ୍କା ମୂର୍ତ୍ତିପୂଜକ (ମୁଶ୍ରିକ୍) ଥିଲେ ଏବଂ ସେହି ଅବସ୍ଥାରେ ହିଁ ସେ ମୃତ୍ୟୁବରଣ କରିଥିଲେ । କିନ୍ତୁ ତାଙ୍କ ସ୍ୱଭାବରେ ଭଦ୍ରତା ଥିଲା। କୁରୈଶ୍‌ମାନଙ୍କ ଯେଉଁ ଅତ୍ୟାଚାରପୂର୍ଣ୍ଣ ଚୁକ୍ତିପତ୍ର ଯୋଗୁଁ ମୁସଲମାନମାନେ ଶୋଓବେ ଅବି ତାଲିବ୍' ଠାରେ ବନ୍ଦୀ ଥିଲେ, ତାହାକୁ ମୁତ୍‌ଇମ୍ ହିଁ ଚିରିଥିଲେ । ଯେତେବେଳେ ଆଁହଜରତ୍ ସ.ଅ ତାଏଫ୍‌ରୁ ଫେରିଲେ ସେତେବେଳେ ମଧ୍ୟ ମୁତ୍‌ଇମ୍ ହିଁ ଆପଣ ସ.ଅଙ୍କୁ ନିଜ ଶରଣରେ (ଆଶ୍ରୟରେ) ନେଇ ମକ୍କାରେ ପ୍ରବେଶ କରାଇଥିଲେ । ଏହା ସେହି ଉପକାରର ସ୍ମୃତି ଥିଲା ଯଦ୍ୱାରା ପ୍ରଭାବିତ ହୋଇ ଆଁହଜରତ୍ ସ.ଅ ଏହି ଶବ୍ଦଗୁଡ଼ିକ କହିଥିଲେ । ବାସ୍ତବରେ ଆଁହଜରତ୍ ସ.ଅଙ୍କର ଏହା ଏକ ଅନନ୍ୟ ବୈଶିଷ୍ଟ୍ୟତା ଥିଲା ଯେ, ଯେତେବେଳେ ବି କୌଣସି ବ୍ୟକ୍ତି ଆପଣଙ୍କ ସହିତ ସାମାନ୍ୟ ଭଲ ବ୍ୟବହାର ପ୍ରଦର୍ଶନ କରୁଥିଲା ସେତେବେଳେ ଆପଣ ତା'ର ଉପକାରକୁ କେବେ ବି ଭୁଲୁ ନଥିଲେ । ଆପଣ ସ.ଅଙ୍କର ସଦାସର୍ବଦା ଏହି ଇଚ୍ଛା ରହୁଥିଲା ଯେ, ଆପଣ ସ.ଅଙ୍କୁ ତା' ଉପକାରର ବ୍ୟାବହାରିକ କୃତଜ୍ଞତା ଜଣାଇବାର ସୁଯୋଗ ମିଳୁ । ସାଂସାରିକବାସୀମାନଙ୍କ ଭଳି ଅଭ୍ୟାସ ନଥିଲା ଯେ, ଥରେ କାହା ଉପକାରର ପ୍ରତିବଦଳ ଦେଇଦେବା ପରେ କହିବେ ଯେ ବାସ୍ ବାସ୍ ଏବେ ଉପକାରର ପ୍ରତିଦାନ ଶୁଝିଗଲା ତାହା ନୁହେଁ । ବରଂ ଆପଣ ସ.ଅ ସାରା ଜୀବନ ସେହି ବ୍ୟକ୍ତିର ଉପକାର ଶୁଝିବାକୁ ଚେଷ୍ଟା କରୁଥିଲେ କିମ୍ବା ତାହାର ଚର୍ଚ୍ଚା କରୁଥିଲେ । **(ସିରତ୍ ଖାତମୁନ୍ ନବୀୟୀନ୍**ସ.ଅ**, ପୃଷ୍ଠା- 365-366ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବ୍‌ଦୁଲ୍ଲାଃ ବିନ୍ ଅବୀ ରବିୟାହ୍ ମଖ୍‌ଜୁମୀ ନିଜ ପିତାଙ୍କ ଠାରୁ ବର୍ଣ୍ଣନା କରନ୍ତି ଏବଂ ସେ ତାଙ୍କ ଜେଜେ (ଦଦା) ବାପାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ନବୀ ସ.ଅ ଯେତେବେଳେ ହୁନୈନ୍ ଯୁଦ୍ଧ ପାଇଁ ଗଲେ, ସେତେବେଳେ ଆପଣ ସ.ଅ ତାଙ୍କ ଠାରୁ (ଜେଜଙ୍କ ଠାରୁ) ତିରିଶି କିମ୍ବା ଚାଳିଶି ହଜାର ଋଣ ନେଇଥିଲେ। ଯେତେବେଳେ ଆପଣ ସ.ଅ ହୁନୈନ୍ ଯଦ୍ଧରୁ ଫେରିଲେ ସେତେବେଳେ ଆପଣ ସ.ଅ ସେହି ଋଣ ପରିଶୋଧ କରିଦେଲେ । ପୁନଶ୍ଚ ତା'ପରେ ନବୀ ସ.ଅ ତାଙ୍କୁ କହିଲେ, "ଅଲ୍ଲାଃତାଲା ତୁମର ପରିବାର ଓ ଧନ ସମ୍ପତ୍ତିରେ ଅଜସ୍ର କଲ୍ୟାଣ ଓ ସମୃଦ୍ଧି ପ୍ରଦାନ କରନ୍ତୁ । ଅର୍ଥାତ୍ ଧନ ଓ ଋଣର ପ୍ରତିବଦଳ ହେଉଛି ସମ୍ପୂର୍ଣ୍ଣ ପରିଶୋଧ ଏବଂ ପ୍ରଶଂସା ।" ଅର୍ଥାତ୍ ଋଣଦାତାଙ୍କୁ କୃତଜ୍ଞତା ଜଣାଇବା ମଧ୍ୟ ଆବଶ୍ୟକ । **(ସୁନନ୍ ଇବ୍ନେ ମାଜା, କିତାବୁସ୍ ସଦ୍‌କାତ୍, ବାବ୍-ହୁସ୍‌ନୁଲ୍ କଜା, ହଦିସ୍ ନଂ-2424)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅମ୍ର ବିନ୍ ଅଖ୍‌ତବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଏକଦା (ଥରେ) ରସୁଲୁଲ୍ଲାଃ ସ.ଅ ପାଣି ମାଗିଲେ । ମୁଁ ଆପଣ ସ.ଅଙ୍କ ପାଇଁ ଗୋଟିଏ ପାତ୍ରରେ ପାଣି ଆଣିଲି । ସେଥିରେ ଗୋଟିଏ କେଶ (ଚୁଟି) ପଡ଼ିଥିଲା । ମୁଁ ସେହି ଚୁଟିକୁ କାଢ଼ିଦେଲି । ଏହା ଏକ ସାମାନ୍ୟ କଥା ଅଟେ ଏବଂ ସେହି ପାତ୍ରଟିକୁ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ଦେଲି । ତେଣୁ ରସୁଲୁଲ୍ଲାଃ ସ.ଅ କହିଲେ, "ହେ ଅଲ୍ଲାଃ ! ଏହା( ଅମ୍ର ବିନ୍ ଅଖତବ୍ ର.ଅ)ଙ୍କୁ ସୁନ୍ଦର କରିଦିଅ । କୌଣସି ସାମାନ୍ୟ ସୁଯୋଗ ବି ଏପରି ହେଉ ନଥିଲା ଯେଉଁଥିରେ ଆପଣ ସ.ଅ ତାଙ୍କର କୃତଜ୍ଞତା ଜ୍ଞାପନ କରୁ ନଥିଲେ । ବର୍ଣ୍ଣନାକାରୀ କୁହନ୍ତି ଯେ, ମୁଁ ପରେ ଆଁହଜରତ୍ ସ.ଅଙ୍କ ଏହି ଦୁଆର ପ୍ରଭାବ ତାଙ୍କ ଉପରେ ପଡୁଥିବାର ଦେଖିଲି ଯେ, ସେ ୨3 ବର୍ଷ ପର୍ଯ୍ୟନ୍ତ ଜୀବିତ ରହିଲେ । ତଥାପି ତାଙ୍କ ମୁଣ୍ଡ ଓ ଦାଢ଼ିର ଗୋଟିଏ ହେଲେ କେଶ ଧଳା ହୋଇ ନଥିଲା । **(ମସ୍‌ନଦ୍ ଅଲ୍ ଇମାମ୍ ଅହମଦ ବିନ୍ ହମ୍ବଲ୍, ମସ୍‌ନଦ୍ ଅମ୍ର ବିନ୍ ଅଖ୍‌ତବ୍ ଅବୁ ଜୈଦ୍, ଗ୍ରନ୍ଥଖଣ୍ଡ-7, ପୃ-600, ହଦିସ୍ ନଂ-23271, ଆଲିମୁଲ୍ କୁତୁବ୍, 1998 ମସିହା)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି କତାଦା ର.ଅଙ୍କ ଠାରୁ ଆଉ ଏକ ବର୍ଣ୍ଣନା ରହିଛି । ସେ କହିଲେ ଯେ, ମୁଁ ହ. ଅନସ୍ ର.ଅଙ୍କ ଠାରୁ ଶୁଣିଛି, ସେ କହିଲେ ଯେ ହ. ଉମ୍ମେ ସୁଲୈମ୍ ର.ଅ ନବୀ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଅନସ୍ ଆପଣଙ୍କର ସେବକ ଅଟନ୍ତି ? ଆପଣ ସ.ଅ ଅନସ୍‌ଙ୍କ ପାଇଁ ଦୁଆ କଲେ ଯେ, "ହେ ଅଲ୍ଲାଃ ! ଅନସ୍‌ଙ୍କର ଧନ ଓ ସନ୍ତାନ ବୃଦ୍ଧି କର ଏବଂ ତୁମ୍ଭେ ତାକୁ ଯାହା ଦେଇଛ ସେଥିରେ କଲ୍ୟାଣ ପ୍ରଦାନ କର ।" **(ସହିହୁଲ୍ ବୁଖାରୀ, ଅନୁବାଦକ, କିତାବୁଦ୍ ଦାୱାତ୍, ବାବ୍- କୌଲଲ୍ଲାଃହି ତବାରକ୍ ୱ ତାଆଲା ୱ ସଲ୍ଲି ଅଲୈହିମ୍..... ହଦିସ୍ ନଂ- 6334, ଗ୍ରନ୍ଥଖଣ୍ଡ-15, ପୃ-59, ପ୍ରକାଶକ-ନଜାରତ୍ ଇଶାଅତ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏହି ଦୁଆ (ପ୍ରାର୍ଥନା) ପୂରଣ (ସାକାର) ହେବାର ଚର୍ଚ୍ଚା ଏହିପରି ମିଳେ ଯେ, ହ. ଅନସ୍ ର.ଅ କୁହନ୍ତି ଯେ, "ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ନିଃସନ୍ଦେହ ରୂପେ ମୋର ଧନ ସମ୍ପତ୍ତି ବହୁତ ଅଧିକ ଅଟେ ଏବଂ ମୋର ସନ୍ତାନ ଓ ନାତିନାତୁଣୀଙ୍କ ସଂଖ୍ୟା ଆଜି ପ୍ରାୟ ଶହେ ପାଖାପାଖି ପହଞ୍ଚିଛି । **(ସହି ମୁସ୍‌ଲିମ୍, ଅନୁବାଦକ, କିତାବୁ ଫଜାଇଲିସ୍ ସାହାବା, ବାବ୍- ମିନ୍ ଫଜାଇଲି ଅନସ୍ ବିନ୍ ମାଲିକ୍ ର.ଅ, ଗ୍ରନ୍ଥଖଣ୍ଡ-13, ପୃ-124, ହଦିସ୍ ନଂ-4517 (143), ଗ୍ରନ୍ଥଖଣ୍ଡ-143, ପ୍ରକାଶକ, ନୁର୍ ଫାଉଣ୍ଡେସନ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣି ଆପଣ ସ.ଅ ଉପଦେଶ ଦେଇ କୁହନ୍ତି,"ଏହି ବର୍ଣ୍ଣନାଟି ହ. ଜାବିର ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ନବୀ କରୀମ୍ ସ.ଅ କହିଲେ, "ଯେଉଁ ବ୍ୟକ୍ତି ପ୍ରତି କୌଣସି ଉପକାର କରାଗଲା, ସେ ପୁଣି ତାହାର ଚର୍ଚ୍ଚା କଲା, ତେବେ ସେ ତାହାର କୃତଜ୍ଞତା ଶୁଝିଦେଲା । ଆଉ ଯିଏ ତାହାକୁ ଲୁଚାଇଲା ସେ ତାହାର ଅକୃତଜ୍ଞତା ପ୍ରକାଶ କଲା ।" **(ସୁନନ୍ ଅବି ଦାଉଦ୍, କିତାବୁଲ୍ ଅଦବ୍, ବାବ୍- ଫି ଶୁକ୍ରିଲ୍ ମାଆରୁଫି, ହଦିସ୍ ନଂ- 4814)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ ସ.ଅ ଉପହାର ଗ୍ରହଣ କରୁଥିଲେ ଏବଂ ତାହାର ପ୍ରତିବଦଳ ମଧ୍ୟ ଦେଉଥିଲେ। **(ସୁନନ୍ ଅବି ଦାଉଦ୍, କିତାବୁଲ୍ ବୁୟୁ, ବାବ୍-ଫି କୁବୁଲିଲ୍ ହଦାୟା ହଦିସ୍ ନଂ-3536)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଜାବିର ବିନ୍ ଅବ୍‌ଦୁଲ୍ଲାଃ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅ କହିଲେ, "ଯେଉଁ ବ୍ୟକ୍ତିଙ୍କୁ କୌଣସି ଉପହାର ଦିଆଯାଏ ଯଦି ସେ ସାମର୍ଥ୍ୟବାନ୍ ଥାଏ ତେବେ ସେ ସେହି ଉପହାରର ପ୍ରତିବଦଳ ଦେଉ । ସେହିପରି ସେ ଯଦି ସାମର୍ଥ୍ୟବାନ୍ ନଥାଏ ତେବେ ସେପରିପ୍ରେକ୍ଷୀରେ ସେ ଉପହାରଦାତାଙ୍କ (ଉପହାର ଦେଇଥିବା ବ୍ୟକ୍ତିର) ପ୍ରଶଂସା କରୁ । କାରଣ ଯିଏ ପ୍ରଶଂସା କଲା ସେ କୃତଜ୍ଞତା ଜଣାଇଦେଲା । ଆଉ ଯିଏ ତାହାକୁ ଲୁଚାଇଲା ସେ ଅକୃତଜ୍ଞତା ପ୍ରକାଶ କଲା।"**(ସୁନନ୍ ଅବି ଦାଉଦ୍, କିତାବୁଲ୍ ଅଦବ୍, ବାବ୍- ଫି ଶୁକ୍ରିଲ୍ ମାଆରୁଫି, ହଦିସ୍ ନଂ- 4813)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଏଗୁଡ଼ିକ ହେଉଛି ସେହି ମୌଳିକ ଚାରିତ୍ରିକ ନୈତିକତା ଯାହା ସମାଜରେ ପ୍ରେମ ଓ ସହିଷ୍ଣୁତା ସୃଷ୍ଟି କରିବା ପାଇଁ ଯଥେଷ୍ଟ ଆବଶ୍ୟକ ଅଟେ । ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବଦ୍ଦୁ (ନିପଟ ମଫସଲ୍ ବ୍ୟକ୍ତି) ରସୁଲୁଲ୍ଲାଃ ସ.ଅଙ୍କୁ ଗୋଟିଏ ଓଟ ଉପହାର ଦେଲା । ତେବେ ଆପଣ ସ.ଅ ପ୍ରତିବଦଳରେ ତାକୁ ଛଅଟି ଓଟ ପ୍ରଦାନ କଲେ । **(ଜାମିଉତ୍ ତିର୍ମିଜି ଅବ୍‌ୱାବୁଲ୍ ମନାକିବି, ବାବ୍- ଫି ସକିଫି ୱ ବନି ହନିଫା, ହଦିସ୍ ନଂ- 3945)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅବୁ ହୁରୈରା ର.ଅ ବର୍ଣ୍ଣନା କରନ୍ତି ଯେ, ଜଣେ ବ୍ୟକ୍ତି ନବୀ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କିଛି ମାଗିଲା । ରସୁଲୁଲ୍ଲାଃ ସ.ଅ ତାକୁ ଅଧ (ନିସ୍‌ଫ') ୱସକ୍ ଶସ୍ୟ ଧାର ଅନ୍ୟ ଠାରୁ ନେଇ ଦେଇଦେଲେ (ଅର୍ଥାତ୍ ପ୍ରାୟ ୮୦ କିଲୋଗ୍ରାମ ଶସ୍ୟ) । ପରେ ଧାର ଦେଇଥିବା ବ୍ୟକ୍ତି ତାହା ମାଗିବାକୁ ଆସିଲା। ସେତେବେଳେ ଆପଣ ସ.ଅ ତାକୁ ଗୋଟିଏ ପୂରା 'ୱସକ୍' (ଏକ କୁଇଣ୍ଟାଲ୍ 60 କି.ଗ୍ରା) ଦେଲେ ଏବଂ କହିଲେ, "ଅଧା ତୁମର ଋଣ ପରିଶୋଧ ବାବଦକୁ ଏବଂ ଅଧା ତୁମ ପାଇଁ କୃତଜ୍ଞତା ସ୍ୱରୂପ ଉପହାର ଅଟେ ।"**(ଅଶ୍ ଶିଫାଉ**

ଅବଶିଷ୍ଟାଂଶ... ପୃ-10ରେ

## ସୟେଦିନା ଅମୀରୁଲ୍ ମୁମିନିନ୍ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଜର୍ମାନୀ ଗସ୍ତ (31 Aug 2023 ଗୁରୁବାର ଦିନ)।

ହୁଜୁରେ ଅନ୍ୱର୍ ଅ.ବ ସକାଳ 5.40 ମିନିଟରେ ଆସିଲେ ଏବଂ ନମାଜେ ଫଜର୍ ପାଠ କରାଇଲେ । ନମାଜ୍ ପାଠ ପରେ ହୁଜୁର୍ ଅନ୍ୱର୍ ଅ.ବ ନିଜର ରହଣୀ ସ୍ଥଳ ଅଭିମୁଖେ ପ୍ରସ୍ଥାନ କଲେ । ସକାଳେ ହୁଜୁର୍ ଅନ୍ୱର୍ ଅ.ବ କାର୍ଯ୍ୟାଳୟ ସମ୍ବନ୍ଧିତ ଡାକ ଏବଂ ଚିଠି ପତ୍ର ଓ ରିପୋର୍ଟସଗୁଡ଼ିକର ସମୀକ୍ଷା କଲେ । ଏଠାରେ ଜର୍ମାନୀ ଗସ୍ତ ସମୟରେ ମଧ୍ୟ ବିଶ୍ୱର ବିଭିନ୍ନ ଦେଶରୁ ନିୟମିତ ପତ୍ର ଏବଂ ରିପୋର୍ଟ ହୁଜୁର ଅନ୍ୱର୍ ଅ.ବଙ୍କ ନିକଟକୁ ଆସୁଛି । ଜର୍ମାନୀରୁ ମଧ୍ୟ ଶହ ଶହ ପତ୍ର ପ୍ରାପ୍ତ ହେଉଛି। ହୁଜୁର ଏହି ସମସ୍ତ ପତ୍ର ଓ ରିପୋର୍ଟ ଓ ଡାକକୁ ଦେଖନ୍ତି ଏବଂ ନିଜର ପବିତ୍ର ହାତରେ ନିର୍ଦ୍ଦେଶାବଳୀ ମଧ୍ୟ ପ୍ରଦାନ କରନ୍ତି । ଏହି ପ୍ରକ୍ରିୟାଟି ପ୍ରତିଦିନ ଜାରି ରହିଛି । ଅପରାହ୍ନ 2:00ରେ ହୁଜୁରେ ଅନ୍ୱର ଅ.ବ ଆସି ଜୋହର୍ ଏବଂ ଅସର୍ ନମାଜ୍ ଏକତ୍ର (ଜମା) ପାଠ କରାଇଲେ । ନମାଜ୍ ପରେ ଆପଣ ଅ.ବ ନିଜ ବାସଭବନକୁ ଫେରିଗଲେ। ଆଜିର କାର୍ଯ୍ୟକ୍ରମ ଅନୁସାରେ ଷ୍ଟୁଟଗାର୍ଟ (STUTTGART) ସଭାସ୍ଥଳ ଅଭିମୁଖେ ଯାତ୍ରା କରିବାର ଥିଲା । 5.25 ମିନିଟରେ ହୁଜୁରେ ଅନ୍ୱର୍ ଅ.ବ ନିଜ ବାସ ଭବନରୁ ବାହାରକୁ ଆସି ଦୁଆ (ପ୍ରାର୍ଥନା) କରାଇଲେ । ଏହା ପରେ ଷ୍ଟୁଟଗାର୍ଟ ଅଭିମୁଖେ ଯାତ୍ରା ଆରମ୍ଭ ହେଲା ।

ବୈତୁଲ ସବୁହ୍, ଫ୍ରାଙ୍କଫର୍ଟ ଠାରୁ ଷ୍ଟୁଟଗାର୍ଟର ଦୂରତା 220 କି.ମି ଅଟେ । ଜମାଅତେ ଅହମଦିୟା ଜର୍ମାନୀର ଏହା ପ୍ରଥମ ବାର୍ଷିକ ସମ୍ମିଳନୀ ଅଟେ ଯାହା ଏକ ନୂତନ ସ୍ଥାନ "MESSE STUTTGART"ରେ ଆୟୋଜିତ ହେଉଛି। ଉକ୍ତ ସମ୍ମିଳନୀଟି ଏହି ଦୃଷ୍ଟିରୁ ମଧ୍ୟ ଐତିହାସିକ ତଥା ଗୁରୁତ୍ୱପୂର୍ଣ୍ଣ ଯେ, ଜର୍ମାନୀରେ ଜମାଅତ୍ ପ୍ରତିଷ୍ଠାର 100 ବର୍ଷ ପୂର୍ତ୍ତି ହେଉଥିବାରୁ ଏହା ସେମାନଙ୍କର ଶତାବ୍ଦୀ ଜୁବିଲି ଅର୍ଥାତ୍ ଶତ ବାର୍ଷିକ ସମ୍ମିଳନୀ ଏବଂ ଜଅମାତ୍ ଅହମଦିୟା ଜର୍ମାନୀର 47ତମ ବାର୍ଷିକ ଜଲସା ସାଲାନା (ସମ୍ମିଳନୀ) ଅଟେ ।

ଜର୍ମାନୀରେ ଜଲସା ସାଲାନାର ଶୁଭାରମ୍ଭ 1975 ମସିହାରେ ମସଜିଦ୍ ଫଜଲ୍, ହ୍ୟାମ୍ବର୍ଗରେ ହୋଇଥିଲା, ଯେଉଁଠାରେ ପ୍ରାୟ 79 ଜଣ ଲୋକ ଯୋଗ ଦେଇଥିଲେ। ଏହାପରେ ଈଶ୍ୱରଙ୍କ କୃପାରୁ ପ୍ରତିବର୍ଷ ଆଗନ୍ତୁକ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ଅଧିକରୁ ଅଧିକ ବୃଦ୍ଧି ପାଇଲା । ସଂଖ୍ୟା ଅଧିକ ହେବାରୁ କିଛି ବର୍ଷ ନାସିର୍ ବାଗ୍ (Gross-Gerau) ରେ ଜଲସା ଆୟୋଜିତ ହେଲା । ସେହି ସ୍ଥାନଟି କମ୍ ପଡ଼ିବାରୁ, ଫ୍ରାଙ୍କଫର୍ଟରୁ 92 କି.ମି ଦୂର ମାନ୍‌ହାଇମ୍ (MANNHEIM) ସହରକୁ ସ୍ଥାନାନ୍ତର ହେଲା ଏବଂ 2010 ମସିହା ପର୍ଯ୍ୟନ୍ତ ସେଠାରେ ଜଲସା ହେଉଥିଲା । ଅଲ୍ଲାଃତାଲାଙ୍କ କୃପାରୁ ଜମାଅତ୍‌ର ସଂଖ୍ୟା ଏତେ ଦ୍ରୁତ ଗତିରେ ବୃଦ୍ଧି ପାଇଲା ଯେ, ସେହି ବିଶାଳ ସ୍ଥାନ ମଧ୍ୟ ଛୋଟ ପଡ଼ିଗଲା । 2011 ମସିହାରୁ ଫ୍ରାଙ୍କଫର୍ଟରୁ 160 କି.ମି ଦୂର କାର୍ଲସରୁହେ (KARLSRUHE) ସହରରେ ଜଲସା ଆୟୋଜନ ଆରମ୍ଭ ହେଲା।

ଏହି ସ୍ଥାନକୁ K. MESSE କୁହାଯାଏ । ଏହାର କ୍ଷେତ୍ରଫଳ 1,50,000 ବର୍ଗ ମିଟର ଏବଂ ଆଚ୍ଛାଦିତ (Covered) ଅଂଶ 70,000 ବର୍ଗ ମିଟର ଅଟେ । ଏଥିରେ 4ଟି ବଡ଼ ହଲ୍ ଥିଲା । ପ୍ରତି ହଲର କ୍ଷେତ୍ରଫଳ 1, 250 ବର୍ଗ ମିଟର । ପ୍ରତି ହଲ୍‌ରେ ଚୌକି ଉପରେ 12,000 ଲୋକ ବସିପାରିବେ ଏବଂ 18000 ଲୋକ ନମାଜ୍ ପାଠ କରିପାରିବେ । 2019ର ଶେଷ ଜଲସା ସାଲାନାରେ 42,000ରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ । ଫଳତଃ ଏହି ସ୍ଥାନ ମଧ୍ୟ କମ୍ ପଡ଼ିଗଲା । ତେଣୁ ନୂତନ ସ୍ଥାନ ଭାବେ MESSE STUTTGARTକୁ ଚୟନ କରାଗଲା । ଷ୍ଟୁଟଗାର୍ଟ (STUTTGART) ଜର୍ମାନୀର ବାଡେନ୍ ୱୁର୍ଟେମବର୍ଗ (BADEN WURTTEMBERG) ରାଜ୍ୟର ରାଜଧାନୀ । 6, 30, 000 ଜନସଂଖ୍ୟା ବିଶିଷ୍ଟ ଏହା ଜର୍ମାନୀର ଷଷ୍ଠ ବଡ଼ ସହର ଏବଂ ମର୍ସିଡିଜ୍ ଓ ପୋର୍ସେ ଗାଡ଼ି କମ୍ପାନୀର ମୁଖ୍ୟାଳୟ ଅଟେ । ଧାର୍ମିକ ଦୃଷ୍ଟିରୁ ଖ୍ରୀଷ୍ଟ ଧର୍ମର ଦୁଇଟି ପ୍ରମୁଖ ସମ୍ପ୍ରଦାୟର ପ୍ରାଦେଶିକ କେନ୍ଦ୍ର ମଧ୍ୟ ଏହି ସହର ଅଟେ । ଅର୍ଥନୀତି ଦୃଷ୍ଟିରୁ ଏହା ବିଶ୍ୱର ବିକଶିତ ସହରଗୁଡ଼ିକ ମଧ୍ୟରୁ ଅନ୍ୟତମ ଅଟେ ।

MESSE STUTTGARTରେ 10ଟି ହଲ୍ ରହିଛି । ସେଥିମଧ୍ୟରୁ 7ଟି ହଲ୍ ପ୍ରାୟ 10,500 ବର୍ଗ ମିଟର । ସେହିପରି ଏକ ମଲ୍ଟି ଫଙ୍କସନାଲ୍ ହଲ୍ 26,800 ବର୍ଗ ମିଟର ଅଞ୍ଚଳରେ ବ୍ୟାପିଛି । ଏହା ଏହି ସ୍ଥାନର ସବୁଠାରୁ ବଡ଼ ହଲ୍ ଅଟେ ।

ହଲ୍ ନମ୍ବର 10ର କ୍ଷେତ୍ରଫଳ 14,600 ବର୍ଗ ମିଟର ଏବଂ ଗୋଟିଏ ହଲ୍ 'ଇଣ୍ଟରନ୍ୟାସନାଲ୍ କଂଗ୍ରେସ ସେଣ୍ଟର' ପ୍ରାୟ 4,900ବର୍ଗ ମିଟର । ଏହିପରି ଭାବେ ଚଳିତ ବର୍ଷ ଜଲସା ଆୟୋଜିତ ହେଉଥିବା ମୋଟ କ୍ଷେତ୍ରଫଳ ପ୍ରାୟ 1,20,000 ବର୍ଗ ମିଟର ଅଟେ । ସେହିପରି ଖୋଲା ଆକାଶ ତଳେ ବୁଲିବା ପାଇଁ 3500ବର୍ଗ ମିଟର ସ୍ଥାନ ଅଛି । ଏହିପରି ଭାବେ ଏହା କ୍ଷେତ୍ରଫଳ ଦୃଷ୍ଟିରୁ ଜର୍ମାନୀର ୮ମ ବଡ଼ ସ୍ଥାନ ଅଟେ ।

ହଲ୍‌ଗୁଡ଼ିକ ମଧ୍ୟରେ ଏକ ସୁନ୍ଦର ATRIUM (ଆଟ୍ରିୟମ୍) ମଧ୍ୟ ରହିଛି । ଏହାର ଆକାର 1015 ବର୍ଗ ମିଟର ଯେଉଁଠାରେ ପାଣିର ଝରଣା ଦେଖଣାହାରୀ (ଦର୍ଶକମାନ)ଙ୍କୁ ଏକ ଆକର୍ଷଣୀୟ ଦୃଶ୍ୟ ପ୍ରଦାନ କରିଥାଏ । ସମସ୍ତ ହଲ୍‌ର ଉତ୍ତର ଓ ଦକ୍ଷିଣ ଦିଗରେ ଶୌଚାଳୟ (WC) ନିର୍ମାଣ କରାଯାଇଛି ଯାହାର ସଂଖ୍ୟା ପ୍ରାୟ 900 ଏବଂ ସ୍ନାନାଗାର (ଗାଧୁଆଘର) ସଂଖ୍ୟା 400 । ଏଠାରେ ମୋଟ୍ 10,000 ଗାଡ଼ି ପାର୍କିଂ ହୋଇପାରିବ । ସହରର ଆନ୍ତର୍ଜାତୀୟ ବିମାନବନ୍ଦର ଏହି ସ୍ଥାନରୁ ଚାଲି ଚାଲି ୧୦ ମିନିଟ୍ ଦୂରତାରେ ଅବସ୍ଥିତ ଅଟେ । ଅନେକ ଯାତ୍ରୀମାନେ ବିମାନ ବନ୍ଦରରୁ ଚାଲି ଚାଲି ଜଲ୍‌ସା ଗାହ୍ ଠାରେ ପହଞ୍ଚୁଛନ୍ତି । ଆକଳନ ଅନୁଯାୟୀ ପ୍ରତିଦିନ 10,000 ଯାତ୍ରୀମାନେ ଏହି ବିମାନବନ୍ଦରରୁ ଯାତ୍ରା କରନ୍ତି ।

ସଭାସ୍ଥଳ ନିକଟରେ ବିଭିନ୍ନ ସ୍ଥାନୀୟ ଜମାଅତଗୁଡ଼ିକ ମଧ୍ୟ ରହିଛି । STUTTGART ଜମାଅତ୍ ବ୍ୟତୀତ FILDERSTADT ଏବଂ ESSLINGEN ଜମାଅତ୍ 15 ରୁ 20 କି.ମି ଦୂରତାରେ ଅଛି । ସେହିପରି WAIBLINGEN, REUTLINGEN ଏବଂ RENNINGEN ଜମାଅତ୍ 20ରୁ 25 ମିନିଟ୍ ଦୂରତାରେ ଅବସ୍ଥିତ ଅଟେ । ସଭାସ୍ଥଳ ନିକଟରେ WAIBLINGEN ଜମାଅତ୍‌ରେ ଏକ ନୂତନ ମସଜିଦ୍ ନିର୍ମାଣ କରାଯାଇଛି । ଏହା ବ୍ୟତୀତ RENNINGEN ଠାରେ ମଧ୍ୟ ଏକ ମସ୍‌ଜିଦ୍ ଅଛି ଯାହାର ଉଦ୍‌ଘାଟନ ହୁଜୁରେ ଅନ୍ୱର ଅ.ବ 2018 ମସିହାରେ କରିଥିଲେ ।

2 ଘଣ୍ଟା 35 ମିନିଟ୍‌ର ଯାତ୍ରା ପରେ ହୁଜୁରେ ଅନ୍ୱର ଅ.ବ ସନ୍ଧ୍ୟା 7.50 ମନିଟରେ MESSE STUTTGART ସଭାସ୍ଥଳରେ ପହଞ୍ଚିଲେ। ସେଠାରେ ଉପସ୍ଥିତ ସହସ୍ର ସହସ୍ର (ହଜାର ହଜାର) ସଂଖ୍ୟାରେ ଜଲସା ସାଲାନାର କର୍ମଚାରୀମାନେ ଓ ଜମାଅତ୍‌ର ସଦସ୍ୟବୃନ୍ଦ ଉତ୍ସାହର ସହିତ ସ୍ଲୋଗାନ୍ (ନାରା) ଦେଇ ହୁଜୁରେ ଅନ୍ୱର ଅ.ବଙ୍କୁ ସ୍ୱାଗତ ଜଣାଇଲେ । ହୁଜୁରେ ଅନୱର ଅ.ବ ଗାଡ଼ିରୁ ଓହ୍ଲାଇବା ମାତ୍ରେ ଶ୍ରୀଯୁକ୍ତ ମୁହମ୍ମଦ ଇଲୟାସ ମଜୁକା ସାହେବ (ଅଫିସର ଜଲସା ସାଲାନା) ଏବଂ ଶ୍ରୀଯୁକ୍ତ ସଦାକତ୍ ଅହମ୍ମଦ ସାହେବ (ଅଫିସର ଜଲସା ଗାହ୍) ଏବଂ ଶ୍ରୀଯୁକ୍ତ ତାରିକ୍ ଜଫର୍ ସାହେବ (ଅଫିସର୍ ଖିଦ୍‌ମତେ ଖଲକ୍) ହୁଜୁର ଅ.ବଙ୍କୁ ସ୍ୱାଗତ ଜଣାଇଲେ । ଏହା ପରେ ହୁଜୁର କିଛି ସମୟ ପାଇଁ ନିଜର ବାସଭବନକୁ (ରହଣୀ ସ୍ଥଳକୁ) ପ୍ରସ୍ଥାନ କଲେ ।

ରାତି 8.35 ମିନିଟରେ ହୁଜୁରେ ଅନ୍ୱର୍ ଅ.ବ ନିଜ ରହଣୀ ସ୍ଥାନରୁ ବାହାରକୁ ଆସିଲେ । ପ୍ରଥମେ MESSE STUTTGARTର ବ୍ୟବସ୍ଥାପକମାନେ (ଯେଉଁଥିରେ କମ୍ପ୍ଲେକସ୍ ମ୍ୟାନେଜମେଣ୍ଟର ଚିଫ୍ ଏଗଜିକ୍ୟୁଟିଭ୍ ମଧ୍ୟ ସାମିଲ ଥିଲେ) ହୁଜୁର ଅନ୍ୱର୍ ଅ.ବଙ୍କୁ ସାକ୍ଷାତ୍ କରିବାର ସୌଭାଗ୍ୟ ଅର୍ଜନ କଲେ ।

ଚିଫ୍ ଏଗଜିକ୍ୟୁଟିଭ୍ ହୁଜୁର୍ ଅନ୍ୱର୍ ଅ.ବଙ୍କୁ କହିଲେ ଯେ, ହୁଜୁର୍ ! "ଆମେ KARLSRUHE ଯାଇ ଜଲସା ଦେଖିଥିଲୁ । ଆମର ଇଚ୍ଛା ଥିଲା ଯେ, ଜମାଅତ୍ ଏଠାକୁ ଆସି ନିଜର ଜଲସା କରୁ । "ପ୍ରତ୍ୟୁତ୍ତରରେ ହୁଜୁର୍ ଅନ୍ୱର୍ ଅ.ବ କହିଲେ, "ଆପଣଙ୍କୁ ଧନ୍ୟବାଦ୍ ଯେ, ଆପଣ ଜଲସା ପାଇଁ ଏକ ସୁନ୍ଦର ସ୍ଥାନ ଦେଇଛନ୍ତି ।" ସେ (ଚିଫ୍ ଏଗଜିକ୍ୟୁଟିଭ୍ ସାହେବ) କହିଲେ ଯେ, ହୁଜୁର୍ ! "ଅହମଦିୟା କର୍ମଚାରୀମାନେ ଚମତ୍କାରପୂର୍ଣ୍ଣ କାମ କରନ୍ତି । ଯେପରି ବ୍ୟବସାୟିକ (ପ୍ରୋଫେସ୍‌ନାଲ) ଲୋକମାନେ କାମ କରନ୍ତି । ମହୋଦୟ କହିଲେ, ମୁଁ ତ' ସେମାନଙ୍କୁ ମୋ କମ୍ପାନୀରେ ରଖିବାକୁ ପ୍ରସ୍ତୁତ ଅଟେ ।" ପ୍ରତ୍ୟୁତ୍ତରରେ ହୁଜୁର୍ ଅନ୍ୱର୍ ଅ.ବ ହସି ହସି କହିଲେ, "ମୋ ତରଫରୁ ଅନୁମତି ଅଛି ।"

ହୁଜୁର ଅନ୍ୱର୍ ଅ.ବ ଅଧିକ ପଚାରିଲେ ଯେ, "ଆପଣଙ୍କର ଏହି ସ୍ଥାନଟି ସହର ଭିତରେ ଅବସ୍ଥିତ ଅଟେ କି ?" ପ୍ରତ୍ୟୁତ୍ତରରେ ମହୋଦୟ ଅନୁରୋଧ କଲେ ଯେ, "ହୁଜୁର୍ ! ଏହି ସ୍ଥାନ ସହରରୁ ଟିକିଏ ବାହାରେ ଅବସ୍ଥିତ ଅଟେ । କିନ୍ତୁ ଜଲସାର ଏହି ଦୁଇ ତିନି ଦିନରେ ଆମେ ନିଜକୁ ସହର ଭିତରେ ଥିବା ପରି ଅନୁଭବ କରୁଛୁ ।" ପାର୍କିଂ ସମ୍ପର୍କରେ ହୁଜୁର୍ ଅନ୍ୱର୍ ଅ.ବଙ୍କ ପଚାରିବା ପରେ ସେ, କହିଲେ, ଯେ, "ଏଠାରେ 10,000 ଗାଡ଼ି ପାର୍କିଂ ପାଇଁ ସ୍ଥାନ ରହିଛି । ସେହିପରି ଏଠାରୁ ବିମାନବନ୍ଦର ମଧ୍ୟ ଖୁବ୍ ନିକଟରେ 300 ମିଟର ଚାଲିବା ପରେ ଲୋକେ ଏଠାକୁ ଆସି ଯାଆନ୍ତି ।"

ଏହା ପରେ ହୁଜୁର୍ ଅ.ବ ଜଲ୍‌ସା ସାଲାନାର ନିରୀକ୍ଷଣ ଆରମ୍ଭ କଲେ । ଗୋଟିଏ ସ୍ଥାନରେ ବ୍ରିଟେନରୁ ସାଇକେଲରେ ଆସିଥିବା ଦଳର ସଦସ୍ୟମାନେ ଛିଡ଼ା ହୋଇଥିଲେ। ହୁଜୁର ଅନ୍ୱର ଅ.ବ ସେମାନଙ୍କ ଅବସ୍ଥା ପଚାରି ବୁଝିଲେ ଏବଂ ହୁଜୁର୍ ଅନ୍ୱର୍ ଅ.ବ କହିଲେ, "ସମସ୍ତେ ସକୁଶଳେ ପହଞ୍ଚିଛନ୍ତି ତ' ?" ସେହିପରି ହୁଜୁର୍ ଅନ୍ୱର୍ ଅ.ବ ସଇକେଲ୍ ଆରୋହୀ ଯାତ୍ରୀମାନଙ୍କୁ ଏହା ମଧ୍ୟ ପଚାରିଲେ ଯେ, "ଶେଷ ଦିନରେ ସେମାନେ ମୋଟ୍ କେତେ ଦୂରତା ଅତିକ୍ରମ କରିଥିଲେ ?" ପ୍ରତ୍ୟୁତ୍ତରରେ ଦଳର ନେତା ହାଫିଜ୍ ଏଜାଜ୍ ଅହମଦ ତାହିର୍ ସାହେବ କହିଲେ ଯେ, ହୁଜୁର୍ ! ଶେଷ ଦିନରେ ଆମେ 129 କି.ମି ଦୂରତା ଅତିକ୍ରମ କରିଛୁ ଏବଂ ସେଥି ମଧ୍ୟରୁ ପ୍ରାୟ 1000 ମିଟର ଚଢ଼ାଣି (ଆରୋହଣ) ଥିଲା ।"

ହୁଜୁର୍ ଅନ୍ୱର୍ ଅ.ବ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃଙ୍କୁ ସାଇକ୍ଲିଂ କରିବାକୁ ଉତ୍ସାହିତ କରିଥିଲେ । ହୁଜୁର ଅ.ବଙ୍କ ପ୍ରେରଣାରେ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଜର୍ମାନୀର ଶତାବ୍ଦୀ ଜୁବୁଲି (ଶତ ବାର୍ଷିକ ସମ୍ମିଳନୀ) ଜଲସା ସାଲାନା ଅବସରରେ ସାଇକେଲ୍‌ରେ ଶୋଭାଯାତ୍ରା କରି ଯୋଗଦେବାର କାର୍ଯ୍ୟକ୍ରମ ମଧ୍ୟ ପ୍ରସ୍ତୁତ କରିଥିଲେ ।

26 ଅଗଷ୍ଟ ଶନିବାର ଦିନ 16 ଜଣ ସାଇକେଲ୍ ଚାଳକଙ୍କ ଏକ ଦଳ ଇସ୍‌ଲାମାବାଦ୍, ୟୁକେ (UK) ରୁ ବାହାରିଲା । ମସ୍‌ଜିଦେ ମୁବାରକ ଇସଲାମାବାଦରୁ ଫଜର୍ ନମାଜ୍ ପରେ ହୁଜୁର ଅ.ବଙ୍କ ଦୁଆ ସହିତ ଉ.କ୍ତ ଦଳକୁ ବିଦାୟ ଜଣାଇଲେ । ଦଳର ନେତା ହାଫିଜ୍ ଏଜାଜ୍ ଅହମ୍ମଦ୍ ତାହିର ସାହେବ ଥିଲେ, ଯିଏ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ୟୁ.କେର ସାଇକ୍ଲିଂ କ୍ଲବର ଚେୟାରମ୍ୟାନ୍ (ସଭାପତି) ମଧ୍ୟ ଅଟନ୍ତି । DOVERରୁ ଫେରୀ ମାଧ୍ୟମରେ ଯାତ୍ରା କରି DUNKIRK ପହଞ୍ଚିଲେ ଏବଂ ଅବଶିଷ୍ଟାଂଶ..ପୃ-10ରେ

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750

The Weekly **BADAR** Qadian

Qadian - 143516 Distt. Gurdaspur (Pb.)

Postal Reg. No. GDP- 40/2026-2028 Vol. 11 Thursday- 10-17 Sep 2026 Issue No. 37-38

ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ଗତ ସଂଖ୍ୟାର ପ୍ରକାଶିତ ସିରତ୍ ଖାତମୁନ୍ ନବୀୟୀନ୍ସ.ଅର ଅବିଶିଷ୍ଟାଂଶ

### ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ଦେହାନ୍ତ:

ଏହି ପ୍ରେମ ଓ ସ୍ନେହ ମଧ୍ୟରେ ହ. ମୁହମ୍ମଦ ସ.ଅଙ୍କ ଦିନଗୁଡ଼ିକ ବିତୁଥିଲା କି ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ମୃତ୍ୟୁ ସମୟ ମଧ୍ୟ ଆସି ପହଞ୍ଚିଗଲା । ଯେତେବେଳେ ତାଙ୍କର ଯାନାଜାଃ (ଶବଯାତ୍ରା) ବାହାରିଲା ସେତେବେଳେ ହ. ମୁହମ୍ମଦ ସ.ଅ ସାଙ୍ଗରେ ଚାଲୁଥିଲେ ଏବଂ କାନ୍ଦି କାନ୍ଦି ଯାଉଥିଲେ । ଏହା ଥିଲା ତୃତୀୟ ଆଘାତ, ଯାହା ଆପଣ ସ.ଅଙ୍କୁ ଶୈଶବ କାଳରେ ସହିବାକୁ ପଡ଼ିଥିଲା । ସେତେବେଳେ ଆପଣ ସ.ଅଙ୍କ ବୟସ ଆଠ ବର୍ଷ ଥିଲା ଏବଂ ବିଭିନ୍ନ ବର୍ଣ୍ଣନାର ପାର୍ଥକ୍ୟ ଅନୁସାରେ ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ ବୟସ ୫୦ ବର୍ଷରୁ ନେଇ 140 ବର୍ଷ ମଧ୍ୟରେ ଥିଲା । **(ଇବ୍‌ନେ ସାଆଦ୍)**

ବିଭିନ୍ନ ପତ୍ନୀଙ୍କ ଠାରୁ ଅବଦ୍ଦୁଲ ମୁତଲ୍ଲିବ୍‌ଙ୍କର ଅନେକ ପୁତ୍ର ଜାତ ହୋଇଥିଲେ, ତନ୍ମଧ୍ୟରୁ ଅଧିକ ପ୍ରସିଦ୍ଧ ନାମଗୁଡ଼ିକ ହେଉଛି: ହାରିସ୍, ଜୁବୈର୍, ଅବୁ ତାଲିବ୍, ଅବୁ ଲହବ୍, ଅବ୍ଦୁଲ୍ଲାଃ, ଅବ୍ବାସ୍, ଏବଂ ହମ୍‌ଜା । ଏମାନଙ୍କ ମଧ୍ୟରୁ ଅବୁ ତାଲିବ୍ ଏବଂ ଅବ୍ଦୁଲ୍ଲାଃଙ୍କ ମାଆ ଏକ ଥିଲେ ଏବଂ ସମ୍ଭବତଃ ଏହି ସମ୍ପର୍କ ହେତୁ ଅବଦ୍ଦୁଲ ମୁତଲ୍ଲିବ୍‌ଙ୍କ ମୃତ୍ୟୁ ସମୟରେ ହଜରତ୍ ମୁହମ୍ମଦ ସ.ଅଙ୍କୁ ଅବୁ ତାଲିବଙ୍କ ତତ୍ତ୍ୱାବଧାନରେ ଦେଇଥିଲେ ଏବଂ ତାଙ୍କର ବିଶେଷ ଧ୍ୟାନ ରଖିବାକୁ ଓସିୟତ୍ (ତାଗିଦ୍) ମଧ୍ୟ କରିଥିଲେ । ତେଣୁ ସେହି ସମୟରୁ ଆପଣ ସ.ଅ ନିଜ ଚଚା (କକା) ଅବୁ ତାଲିବଙ୍କ ସଂରକ୍ଷଣ ଏବଂ ତାହାଙ୍କ ତତ୍ତ୍ୱାବଧାନରେ ରହିବାକୁ ଲାଗିଲେ । ଜାତୀୟ ଏବଂ ସାମୁହିକ କାର୍ଯ୍ୟଗୁଡ଼ିକ ମଧ୍ୟରୁ 'ସିକାୟା' (ଜଳସେବା) ଏବଂ 'ରିଫାଦା' (ଅତିଥି ସତ୍କାର) କାମ ଯାହା ଅବ୍ଦୁଲ ମୁତଲ୍ଲିବଙ୍କ ପାଖରେ ଥିଲା ତାହା ସେ ନିଜ ଜୀବିତାବସ୍ଥାରେ ହିଁ ନିଜର ଅନ୍ୟ ଜଣେ ପୁତ୍ର ଜୁବୈର୍‌ଙ୍କୁ ହସ୍ତାନ୍ତର କରି ଦେଇଥିଲେ । ଜୀବିତ ପୁତ୍ରମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ଜୁବୈର୍‌ଙ୍କୁ ଅବଦ୍ଦୁଲ୍ ମୁତଲ୍ଲିବ ହସ୍ତାନ୍ତର କଲେ । ମାତ୍ର ଯେହେତୁ ଏହି କାର୍ଯ୍ୟ ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ଥିଲା ତେଣୁ ଜୁବୈର୍ ନିଜ ସାମର୍ଥ୍ୟରୁ ଅଧିକ ଭାବି ଦୁଇଟିଯାକ କାର୍ଯ୍ୟ ଅବୁ ତାଲିବ୍‌ଙ୍କୁ ହସ୍ତାନ୍ତର କରିଦେଲେ । କିନ୍ତୁ ଅବୁ ତାଲିବ୍ ମଧ୍ୟ ଜଣେ ଗରିବ ବ୍ୟକ୍ତି ଥିଲେ, ତେଣୁ 'ରିଫାଦା' (ଅତିଥି ସତ୍କାର) କାର୍ଯ୍ୟ 'ବନୁ ନୌଫଲ୍' ସଂପ୍ରଦାୟ ଆଡ଼କୁ ହସ୍ତାନ୍ତରିତ ହୋଇଗଲା ଏବଂ 'ସିକାୟା' (ଜଳସେବା) କାର୍ଯ୍ୟ ଅବୁ ତାଲିବ୍ ପରିଶେଷରେ ଅବ୍ବାସଙ୍କୁ ହସ୍ତାନ୍ତର କଲେ । ଅବ୍ବାସ୍ ତୁଳନାତ୍ମକ ଭାବେ ଜଣେ ଧନୀ ବ୍ୟକ୍ତି ଥିଲେ ।

ଇତ୍ୟବସରରେ ଏହାର ଉଲ୍ଲେଖ ମଧ୍ୟ ଆବଶ୍ୟକ ଯେ, ଅବ୍ଦୁଲ ମୁତଲ୍ଲିବ୍‌ଙ୍କ ଜୀବିତାବସ୍ଥା ପର୍ଯ୍ୟନ୍ତ 'ବନୁ ହାଶିମ୍' ସଂପ୍ରଦାୟ ଅତ୍ୟନ୍ତ ସମ୍ମାନିତ ଓ ଶ୍ରେଷ୍ଠ ସଂପ୍ରଦାୟ ଥିଲା । ଯେପରିକି ସମସ୍ତ କୁରେଶ୍ ଗୋଷ୍ଠୀଙ୍କ ମଧ୍ୟରେ ବନୁ ହାଶିମ୍ ଏକ ବିଶିଷ୍ଟ ସ୍ଥାନର ଅଧିକାରୀ ଥିଲା । କିନ୍ତୁ ତାଙ୍କ (ଅବ୍ଦୁଲ୍ ମୁତଲ୍ଲିବ୍‌ଙ୍କ) ମୃତ୍ୟୁ ପରେ ବନୁ ହାଶିମ୍‌ଙ୍କ ମଧ୍ୟରୁ ଏପରି କୌଣସି ବ୍ୟକ୍ତି ବାହାରିଲା ନାହିଁ ଯିଏ ଏହି ଗୌରବକୁ ବଜାୟ ରଖିପାରିବେ । ତେଣୁ କୁରେଶ୍‌ମାନଙ୍କ ସାଧାରଣ ନେତୃତ୍ୱ (ଅଧିପତିତ୍ୱ) ସେମାନଙ୍କ ହାତରୁ ଚାଲିଗଲା ଏବଂ ବନୁ ହାଶିମ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ 'ବନୁ ଉମୈୟା' ସଂପ୍ରଦାୟ ଧୀରେ ଧୀରେ ବହୁତ ଶକ୍ତିଶାଳୀ ହୋଇ ଉଠିଲା । ଅବୁ ତାଲିବ୍‌ଙ୍କ ତତ୍ତ୍ୱାବଧାନ ତଥା ଅବୁ ତାଲିବ୍ ନିଜ ପିତାଙ୍କ ଉପଦେଶ (ଓସିୟତ୍)କୁ ଅତ୍ୟନ୍ତ ନିଷ୍ଠା ଓ ଉତ୍ତମ ରୂପେ ଅକ୍ଷରେ ଅକ୍ଷରେ ପାଳନ କଲେ ଏବଂ ନିଜ ସନ୍ତାନମାନଙ୍କ ଅପେକ୍ଷା ଅଧିକ ହଜରତ୍ ମୁହମ୍ମଦ ସ.ଅଙ୍କୁ ପ୍ରିୟ ବୋଲି ମନେକରୁଥିଲେ । ସବୁ ସମୟରେ ନିଜ ଆଖି ଆଗରେ ରଖୁଥିଲେ ଏବଂ ରାତି ସମୟରେ ମଧ୍ୟ ସାଧାରଣତଃ ନିଜ ସହ ହିଁ ଶୁଆଉଥିଲେ। ଅର୍ଥାତ୍ ସିରୀୟା ଯାତ୍ରା ଏବଂ ବୁହୈରା ରାହିବ୍ (ସନ୍ନ୍ୟାସୀ) ଇତ୍ୟାଦିଙ୍କ ଘଟଣା ଶୁଣାଇ ଶୁଆଉଥିଲେ । ଯେତେବେଳେ ଆପଣ ସ.ଅଙ୍କ ବୟସ ବାର ବର୍ଷ ହେଲା ସେତେବେଳେ ଅବୁ ତାଲିବ୍‌ଙ୍କୁ ଏକ ବ୍ୟବସାୟିକ ଦଳ ସହିତ ସିରୀୟା ଯାତ୍ରା କରିବାର ଆବଶ୍ୟକତା ପଡ଼ିଲା । ଯେହେତୁ ଯାତ୍ରା ଦୀର୍ଘ ଓ କଠିନ ଥିଲା ତେଣୁ ସେ ଏହି ନିଷ୍ପତ୍ତି ନେଲେ ଯେ, ସେ ଆପଣ ସ.ଅଙ୍କୁ ମକ୍କାରେ ହିଁ ଛାଡ଼ିଯିବେ । ମାତ୍ର ହଜରତ୍ ମୁହମ୍ମଦ ସ.ଅଙ୍କ ପାଇଁ ଅବୁ ତାଲିବ୍‌ଙ୍କ ବିଚ୍ଛେଦ ଅତ୍ୟନ୍ତ କଷ୍ଟଦାୟକ ଥିଲା । ତେଣୁ ପ୍ରସ୍ଥାନ ସମୟରେ ପ୍ରେମର ଆବେଗରେ ମ୍ରିୟମାଣ ହୋଇ ଆପଣ ସ.ଅ ଅବୁ ତାଲିବ୍‌ଙ୍କୁ କୁଣ୍ଢାଇ ପକାଇଲେ ଏବଂ କାନ୍ଦିବାକୁ ଲାଗିଲେ । ଏହି ଅବସ୍ଥାକୁ ଦେଖି ଅବୁ ତାଲିବ୍‌ଙ୍କ ହୃଦୟ ଆର୍ଦ୍ର ହୋଇଗଲା, ହୃଦୟ ତରଳିଗଲା ଏବଂ ସେ ଆପଣ ସ.ଅଙ୍କୁ ମଧ୍ୟ ନିଜ ସାଙ୍ଗରେ ନେଇଗଲେ । ସିରୀୟାର ଦକ୍ଷିଣରେ 'ବୁସ୍ରା' ନାମକ ଏକ ପ୍ରସିଦ୍ଧ ସ୍ଥାନ ଅଛି । ସେଠାରେ ପହଞ୍ଚିବା ପରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲା । ସେଠାରେ 'ବୁହୈରାହ୍' ନାମକ ଜଣେ ଖ୍ରୀଷ୍ଟିୟାନ୍ ସନ୍ନ୍ୟାସୀ (ରାହିବ୍) ରହୁଥିଲେ । ଯେତେବେଳେ କୁରେଶ୍‌ମାନଙ୍କ ଦଳ ତାଙ୍କ ଆଶ୍ରମ (ଖାନ୍‌କାହ) ନିକଟରେ ପହଞ୍ଚିଲା ସେତେବେଳେ ସେହି ସନ୍ନ୍ୟାସୀ ଦେଖିଲେ ଯେ ସମସ୍ତ ପଥର ଏବଂ ବୃକ୍ଷ ହଠାତ୍ ସଜ୍‌ଦା (ପ୍ରଣୀପାତ)

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

## ଗତ ସଂଖ୍ୟାର ପ୍ରକାଶିତ ସିରତୁଲ୍ଲ ମେହ୍‌ଦୀର ଅବଶିଷ୍ଟାଂଶ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

ବିନୀତ ବିନମ୍ର ଭାବେ କହି ଦେଉଛି ଯେ, ଆମ ସ୍ୱର୍ଗତ ଅଜାଙ୍କ ମୃତ୍ୟୁ ପରେ, ନିୟନ୍ତ୍ରଣରେ ନଥିବା ଅଂଶୀଦାରମାନେ ମିର୍ଜା ଇମାମୁଦ୍ଦୀନ୍ ପ୍ରଭୃତିଙ୍କ ଚକ୍ରାନ୍ତ ଏବଂ ଉପଦ୍ରବ ଯୋଗୁଁ ଆମ ପିତୃବ୍ୟ (ବଡ଼ ବାପା) ମିର୍ଜା ଗୁଲାମ୍ କାଦିର୍ ସାହେବଙ୍କ ବିରୋଧରେ ସମ୍ପତ୍ତିର ଦଖଲ୍ ନେବା ପାଇଁ ଏକ ମାମଲା ଦାଏର କରିଥିଲେ ଏବଂ ଶେଷରେ ଚିଫ୍ କୋର୍ଟରୁ ପିତୃବ୍ୟଙ୍କ (ବଡ଼ବାପାଙ୍କ) ବିରୋଧରେ ରାଏ ଆସିଥିଲା । ତା'ପରେ ମିର୍ଜା ତସଦ୍ଦୁକ୍ ଜିଲାନୀଙ୍କ ପୁତ୍ରମାନେ ଏବଂ ମିର୍ଜା କାସିମ୍ ବେଗ୍‌ଙ୍କ ପୁଅ ମିର୍ଜା ଗୁଲାମ୍ ଗୌସ୍‌ଙ୍କ ଅଂଶକୁ, ପୂର୍ବରୁ ହୋଇଥିବା ଚୁକ୍ତି ଅନୁସାରେ, ମିର୍ଜା ଆଜମ୍ ବେଗ୍ ଲାହୋରୀ କିଣିନେଲେ ଯିଏ ଏହି ଉଦ୍ଦେଶ୍ୟରେ ମାମଲାର ସମସ୍ତ ଖର୍ଚ୍ଚ ବହନ କରିଥିଲେ । ଗୁଲାମ୍ ମୁହିଉଦ୍ଦୀନ୍ ସାହେବଙ୍କ ପୁତ୍ରମାନେ ନିଜ ନିଜ ଅଂଶ ଉପରେ ନିଜେ ଅଧିକାର କରିନେଲେ । ମିର୍ଜା ଗୁଲାମ୍ ହୁସୈନ୍‌ଙ୍କର ଯେହେତୁ କୌଣସି ବଂଶ ଆଗକୁ ବଢ଼ି ନଥିଲା, ତେଣୁ ତାଙ୍କ ଅଂଶ ମିର୍ଜା ଗୁଲାମ୍ ମୁର୍ତ୍ତଜା ସାହେବଙ୍କ ପୁତ୍ରମାନଙ୍କୁ ଏବଂ ମିର୍ଜା ଗୁଲାମ୍ ମୁହିଉଦ୍ଦୀନ୍‌ଙ୍କ ପୁତ୍ରମାନଙ୍କୁ ମିଳିଗଲା ।

ବିନୀତ କହି ଦେଉଛି ଯେ, ଏହି ସମୟରେ ମିର୍ଜା ତସଦ୍ଦୁକ୍ ଜିଲାନୀ ଏବଂ ମିର୍ଜା କାସିମ୍ ବେଗ୍‌ଙ୍କ ସମସ୍ତ ବଂଶାନୁକ୍ରମ ଶାଖା ସମାପ୍ତ ହୋଇ ସାରିଛି । ଏହିପରି ଭାବେ ମିର୍ଜା ଗୁଲାମ୍ ହୈଦରଙ୍କ ଶାଖା ମଧ୍ୟ ସମାପ୍ତ । ଆମ ବଡ଼ବାପା ମିର୍ଜା ଗୁଲାମ୍ କାଦିର୍ ସାହେବ, ମିର୍ଜା ଇମାମୁଦ୍ଦୀନ୍ ଏବଂ ମିର୍ଜା କମାଲୁଦ୍ଦୀନ୍ ମଧ୍ୟ ନିଃସନ୍ତାନ ଭାବେ ପରଲୋକ ଗମନ କରି ସାରିଛନ୍ତି । ହଁ ମିର୍ଜା ନିଜାମ୍ ଉଦ୍ଦୀନ୍‌ଙ୍କର ଜଣେ ପୁଅ ମିର୍ଜା ଗୁଲ୍ ମୁହମ୍ମଦ ଅଛନ୍ତି । କିନ୍ତୁ ସେ ମଧ୍ୟ ଅହମଦି ହୋଇ ହଜରତ୍ (ହୁଜୁର୍ ଅ.ସଙ୍କ) ସାହେବଙ୍କ ଆଧ୍ୟାତ୍ମିକ ସନ୍ତାନମାନଙ୍କ ମଧ୍ୟରେ ସାମିଲ୍ ହୋଇ ସାରିଛନ୍ତି । ଅଲ୍ଲାଃତାଲା କହିଛନ୍ତି: "يَنْقَطِعُ اٰبَاؤُكَ وَيُبْدَأُ مِنْكَ" (ତୁମର ପିତୃ ପୁରୁଷଙ୍କ ବଂଶ କଟିଯିବ ଅର୍ଥାତ୍ ସମାପ୍ତ ହେବ ଏବଂ ତୁମଠାରୁ ହିଁ ନୂତନ ବଂଶର ପ୍ରାରମ୍ଭ ହେବ") । **(ତଜ୍‌କିରା, ପୃଷ୍ଠା-397, ପ୍ରକାଶନ ବର୍ଷ 2005 ମସିହା)**ଏହି ଇଲ୍‌ହାମ୍ (ଐଶୀବାଣୀ) ସେହି ସମୟର ହେଲା ଯେତେବେଳେ ଆପଣ ଅ.ସଙ୍କ ପାରିବାରିକ ବଂଶ ବୃକ୍ଷର ଏହି ସମସ୍ତ ଶାଖାଗୁଡ଼ିକ ସବୁଜ ଓ ହସ ଖୁସିରେ ଥିଲେ ।

{୪୯} بسم اللہ الرحمن الرحیم ମୋତେ ମାତାଶ୍ରୀ (ହଜରତ୍ ୱାଲିଦା ସାହିବା) ବର୍ଣ୍ଣନା କଲେ (କହିଲେ) ଯେ, ଥରେ ନିଜ ଯୌବନ କାଳରେ ହଜରତ୍ ମସିହ୍ ମଉଦ୍ ଅ.ସ ତୁମ ଜେଜଙ୍କ (ଦଦାଙ୍କ) ସହିତ ପେନ୍‌ସନ୍ ଆଣିବାକୁ ଯାଇଥିଲେ । ସେତେବେଳେ ପଛେ ପଛେ ମିର୍ଜା ଇମାମୁଦ୍ଦୀନ୍ ମଧ୍ୟ ଚାଲିଗଲା । ଯେତେବେଳେ ଆପଣ ପେନ୍‌ସନ୍ ଟଙ୍କା ଉଠାଇନେଲେ ସେତେବେଳେ ସେ ଆପଣଙ୍କୁ ଫୁସଲେଇ ଓ ଠକି କାଦିୟାନ୍ ଆଣିବା ପରିବର୍ତ୍ତେ ବାହାରକୁ ନେଇଗଲା ଏବଂ ଏଣେତେଣେ ବୁଲାଇଲା । ପୁନଶ୍ଚ ତା'ପରେ ଯେତେବେଳେ ସେ ସମସ୍ତ ଟଙ୍କା ଉଡ଼ାଇ ସାରିଦେଲା ସେତେବେଳେ ସେ ତାଙ୍କୁ ଛାଡ଼ି ଅନ୍ୟ ଆଡ଼େ ଚାଲିଗଲା । ହ. ମସିହ୍ ମଉଦ୍ ଅ.ସ ଉକ୍ତ ଲଜ୍ଜିତ କୃତ୍ୟ ଯୋଗୁଁ ଘରକୁ ଆସିଲେ ନାହିଁ । ଯେହେତୁ ତୁମ ଦଦାଙ୍କ ଏହି ଉଦ୍ଦେଶ୍ୟ ରହୁଥିଲା ଯେ, ତୁମ ପିତାଶ୍ରୀ ଅନ୍ୟତ୍ର ଚାକିରୀ କରନ୍ତୁ ତେଣୁ ତୁମ ପିତାଶ୍ରୀ ମହୋଦୟ ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ସିଆଲକୋଟ୍ ଜିଲ୍ଲାର ସହରର ଏକ ଡେପୁଟୀ କମିଶନରଙ୍କ କଚେରୀରେ ସାମାନ୍ୟ ବେତନରେ ଚାକିରୀ କଲେ । ଆପଣ ଅ.ସ କିଛି କାଳ ସେଠାରେ ଚାକିରୀ କରିଥିଲେ। ପୁନଶ୍ଚ ଯେତେବେଳେ ତୁମର ଦାଦି (ଜେଜେମା) ଅସୁସ୍ଥ ହେଲେ ସେତେବେଳେ ଦଦା (ଜେଜ) ଲୋକ ପଠାଇଲେ ଯେ, ହେ ପ୍ରିୟ ପୁତ୍ର (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ) ! ତୁମେ ଚାକିରି ଛାଡ଼ି ଚାଲିଆସ । ଏହି ଖବର ପାଇବା ପରେ ହଜରତ୍ ସାହେବ ତୁରନ୍ତ ସେଠାରୁ ବାହାରି ପଡ଼ିଲେ । ଅମୃତସର୍ ଠାରେ ପହଞ୍ଚି କାଦିୟାନ୍ ଆସିବା ପାଇଁ ଏକ 'ଏକ୍କା' (ଘୋଡ଼ାଗାଡ଼ି) ଭଡ଼ାରେ ନେଲେ । ଇତ୍ୟବସରରେ କାଦିୟାନ୍‌ରୁ ଆଉ ଜଣେ ବ୍ୟକ୍ତି ମଧ୍ୟ ଆପଣଙ୍କୁ ନେବା ପାଇଁ ଅମୃତସର ପହଞ୍ଚିଗଲା । ସେହି ବ୍ୟକ୍ତି ଜଣକ କହିଲା, ଘୋଡ଼ାଗାଡ଼ି ଶୀଘ୍ର ଚଲାଅ, କାରଣ ତାଙ୍କ (ଜେଜେ ମାଆଙ୍କ) ଅବସ୍ଥା ଅତ୍ୟନ୍ତ ଗୁରୁତର ଅଟେ । ତା'ପରେ କିଛି ସମୟ ପରେ ପୁଣି କହିବାକୁ ଲାଗିଲା, ବହୁତ ହିଁ ସଙ୍କଟାପନ୍ନ ଅବସ୍ଥା ରହିଛି ଶୀଘ୍ର କର । କାରଣ ତାଙ୍କର ପରଲୋକ ହୋଇ ନଯାଉ । ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, ହଜରତ୍ ସାହେବ ଅ.ସ କହୁଥିଲେ ଯେ, ମୁଁ ସେହି ସମୟରେ ହିଁ ବୁଝିଗଲି ଯେ, ପ୍ରକୃତରେ ମାଆ ପରଲୋକ ଗମନ କରି ସାରିଛନ୍ତି କାରଣ ଯଦି ସେ ଜୀବିତ ଥାଆନ୍ତେ, ତେବେ ସେହି ବ୍ୟକ୍ତି ଏପରି ଶବ୍ଦ ପ୍ରୟୋଗ କରିନଥାନ୍ତା । ତେଣୁ କାଦିୟାନ୍ ପହଞ୍ଚିବାରୁ ଜଣାପଡ଼ିଲା ଯେ ପ୍ରକୃତରେ ଜେଜେ ମାଆଙ୍କ ମୃତ୍ୟୁ ହୋଇ ସାରିଥିଲା । ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, ହଜରତ୍ ସାହେବ ଅ.ସ କହୁଥିଲେ ଯେ, ଆମକୁ ଛାଡ଼ିବା ପରେ ମିର୍ଜା ଇମାମୁଦ୍ଦୀନ୍ ପୁଣି ଏଣେତେଣେ ବୁଲିବାକୁ ଲାଗିଲା । ଶେଷରେ ସେ ଚାହାର ଏକ ବ୍ୟବସାୟିକ ଦଳ ଉପରେ ଡକାୟତି କଲା ଏବଂ ଧରା ପଡ଼ିଗଲା ।

ଅବଶିଷ୍ଟାଂଶ...ପରବର୍ତ୍ତୀ ସଂଖ୍ୟାରେ

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan